

যা দেবী সর্বভূতেষু...


নিরপেক্ষ দৈনিক সম্বাদপত্র

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୧୯ ମାର୍ଚ୍ଚ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 19 March 2026
Vol.No. 36 ■ No.73 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


# ଭାରତର ପୂର୍ବ ଦିଗରେ ଏକ ଖ୍ରୀଷ୍ଟିଆନ୍ ରାଷ୍ଟ୍ର ଗଠନ ପାଇଁ ଆମେରିକାର ଯୋଜନା ଥିଲା

## ହସିନା ଦେଇଥିଲେ ଚେତାବନୀ




ନୂଆଦିଲ୍ଲୀ,୧୮/୩ : ଭାରତର ପଡ଼ୋଶୀରେ ଏକ ଖ୍ରୀଷ୍ଟିଆନ ଦେଶ ଗଠନ କରିବା ପାଇଁ ଆମେରିକା ଯୋଜନା ଉପରେ କାମ କରିବା ଆରମ୍ଭ କରିଛି ବୋଲି ଚର୍ଚ୍ଚା ଉଠିବା ଆରମ୍ଭ କରିଛି। ଏହି ପ୍ରଶ୍ନ ଉଠାଯାଉଛି କାରଣ ଭାରତର ଜାତୀୟ ତଦନ୍ତ ସଂସ୍ଥା (ଏନ୍ଆଇଏ) ସାତ ଜଣ ବିଦେଶୀଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଲୋକଙ୍କ ମଧ୍ୟରେ ଛଅ ଜଣ ୟୁକ୍ରେନୀୟ ଡ୍ରୋନ୍ ବିଶେଷଜ୍ଞ ଏବଂ ଜଣେ ଆମେରିକୀୟ ନାଗରିକ ଅଛନ୍ତି। ଏମାନଙ୍କ ସମସ୍ତଙ୍କ ଉପରେ ମିଜୋରାମରେ ବେଆଇନ ଭାବରେ ପ୍ରବେଶ କରିବା ଏବଂ ତା'ପରେ ମିଆଁମାରରେ ପ୍ରବେଶ କରିଥିବାର ଅଭିଯୋଗ ରହିଛି। ସମସ୍ତ ଅଭିଯୁକ୍ତଙ୍କୁ ମାର୍ଚ୍ଚ ୨୭ ପର୍ଯ୍ୟନ୍ତ ପୁଲିସ ହେପାଜତକୁ ପଠାଯାଇଛି। ଏହି ଗିରଫଦାରୀଗୁଡ଼ିକ ପୂର୍ବତନ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ଚେତାବନୀକୁ ପୁନର୍ବାର ଉଜାଗର କରିଛି। ହସିନା ଭାରତର ପୂର୍ବ ଦିଗରେ ଏକ ଖ୍ରୀଷ୍ଟିଆନ ଦେଶ ଗଠନ କରିବା ପାଇଁ ଆମେରିକାର ଯୋଜନା ବିଷୟରେ ଚେତାବନୀ ଦେଇଥିଲେ। ପ୍ରାୟ ଦୁଇ ବର୍ଷ ପୂର୍ବେ, ଯେତେବେଳେ ଶେଖ୍ ହସିନା ବାଂଲାଦେଶର ପ୍ରଧାନମନ୍ତ୍ରୀ ଥିଲେ, ସେ କହିଥିଲେ ଯେ, ଆମେରିକା ଭାରତର ଉତ୍ତର-ପୂର୍ବ ସୀମାବର୍ତ୍ତୀ ଅଞ୍ଚଳରେ ଏକ ଖ୍ରୀଷ୍ଟିଆନ ଦେଶ ପ୍ରତିଷ୍ଠା କରିବାକୁ ଚାହୁଁଛି। ସେ ଏହା ମଧ୍ୟ କହିଥିଲେ, ଜଣେ ଆମେରିକୀୟ ଏହି ବିଷୟରେ ତାଙ୍କ ସହିତ ସାକ୍ଷାତ କରିଥିଲେ, କିନ୍ତୁ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ହସିନା ଏପରି ମଧ୍ୟ କହିଥିଲେ, ତାଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା, ଯଦି ସେ ପ୍ରସ୍ତାବ ଗ୍ରହଣ କରନ୍ତି, ତେବେ ତାଙ୍କ କ୍ଷମତା ପ୍ରତି ବିପଦ ଆସିବ ନାହିଁ। ଶେଖ୍ ହାସିନା କହିଥିଲେ, ମିଆଁମାର ଏବଂ ବାଂଲାଦେଶର କିଛି ଅଂଶ ଏବଂ ଭାରତର କିଛି ଅଂଶକୁ ନେଇ ଏକ ଖ୍ରୀଷ୍ଟିଆନ ରାଷ୍ଟ୍ର ଗଠନ ପାଇଁ ଏକ ଯୋଜନା ପ୍ରସ୍ତାବିତ ହୋଇଥିଲା। ଏଥିରେ ମଣିପୁର ମଧ୍ୟ ଅନ୍ତର୍ଭୁକ୍ତ। ଏହି ଦାବିର କିଛି ମାସ ପରେ, ଏକ ଛାତ୍ର ବିଦ୍ରୋହ ବାଂଲାଦେଶରେ ଶେଖ୍ ହାସିନାଙ୍କୁ କ୍ଷମତାରୁ ବହିଷ୍କାର କରିଥିଲା। ଯାହା ତାଙ୍କୁ ଦେଶ ଛାଡି ପଳାୟନ କରି ଭାରତରେ ଆଶ୍ରୟ ନେବାକୁ ବାଧ କରିଥିଲା। ଆମେରିକା ଏବଂ ୟୁକ୍ରେନୀୟ ନାଗରିକମାନେ ପର୍ଯ୍ୟଟନ ଭିସାରେ ଭାରତ ଆସିଥିଲେ ଏବଂ ସରକାରଙ୍କ ବିନା ଅନୁମୋଦନରେ ◆◆ପୃଷ୍ଠା ୭

# ଏସ୍‌ସିବି ନିଆଁକୁ ନେଇ ବିଧାନସଭାରେ ହାଇଡ୍ରାମା : ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଗୃହ ହୁଲୁସ୍ଥୁଲ



ଭୁବନେଶ୍ୱର, ୧୮/୩ (ନି.ପ୍ର): ଏସସିବିରେ ନିଆଁ ଲାଗି ପୋଡିବା ଘଟଣାକୁ ନେଇ ବିଧାନସଭା ହୁଲୁସ୍ଥୁଲ। ବାରମ୍ବାର ମୁଲତବୀ, ବିରୋଧୀଙ୍କ ହୋହାଲ୍ଲା । ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ନାରାବାଜିରେ କମ୍ପିଥିଲା ବିଧାନସଭା । ସମାନ ପ୍ରସଙ୍ଗ ନେଇ ସରକାରଙ୍କୁ ନାକେଦମ୍ କରିଦେଲେ ବିରୋଧୀ । ଏସ୍‌ସିବିରେ ନିଆଁ ଲାଗି ପୋଡ଼ିବା ଘଟଣାରେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଡ଼ି ବସିଛନ୍ତି । ପ୍ରତୀକାତ୍ମକ ଭାବେ କୋକେଇ ଧରି ବିଧାନସଭା ଚାରିପଟେ ଶୋଭାଯାତ୍ରା କରି ଅଭିନବ ଢ଼ଙ୍ଗରେ ପ୍ରତିବାଦ କରିଛନ୍ତି ଉଭୟ ବିଜେଡ଼ି ଓ କଂଗ୍ରେସ ବିଧାୟକ। ରାଜ୍ୟରେ ସ୍ୱାସ୍ଥ୍ୟାବସ୍ଥା ଫେଲ୍ ମାରିଛି, ସରକାରଙ୍କ ପାଇଁ କେବଳ ଭୋଟ୍ ହିଁ ସର୍ବସ୍ୱ ବୋଲି କହି ସରକାରଙ୍କୁ ଘେରିଛନ୍ତି ବିରୋଧୀ। ବିଧାନସଭାରେ ଏସସିବି ଅଗ୍ନିକାଣ୍ଡ ପ୍ରସଙ୍ଗକୁ ନେଇ ପୁଣି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ବିଜେଡି ସରକାର ସମୟର ଉଦାହରଣ ଦେଇ କହିଛନ୍ତି, ଆମ ସରକାର ସମୟରେ ଘରୋଇ ହସ୍ପିଟାଲରେ ନିଆଁ ଲାଗିଲା । ତୁରନ୍ତ ସ୍ୱାସ୍ଥ୍ୟ ମନ୍ତ୍ରୀ ଇସ୍ତଫା ଦେଲେ। ହେଲେ ବିଜେପି ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରୀ ଇସ୍ତଫା ଦେଲେ ନାହିଁ। ଏହା ଅତ୍ୟନ୍ତ ଚିନ୍ତାଜନକ । ଏପଟେ ବିଜେପି କହିଛି, ବିରୋଧୀ ଶବକୁ ନେଇ ରାଜନୀତି କରୁଛନ୍ତି। ମାମଲାରେ ବିଚାରବିଭାଗୀୟ ତଦନ୍ତ ଚାଲିଛି । ସରିଲେ କାର୍ଯ୍ୟାନୁଷ୍ଠାନ ହେବ।

# ଭୁବନେଶ୍ୱର ପାସପୋର୍ଟ ଅଫିସକୁ ବୋମା ଧମକ

ଭୁବନେଶ୍ୱର, ୧୮/୩ (ନି.ପ୍ର): ଭୁବନେଶ୍ୱର ପାସପୋର୍ଟ ଅଫିସକୁ ବୋମା ଧମକ ମିଳିଛି। ମେଲ ମାଧ୍ୟମରେ ବମରେ ଉଡାଇ ଦେବା ପାଇଁ ଧମକ ମିଳିଥିବା ସୂଚନା ମିଳିଛି। ଏହାପରେ ଘଟଣାସ୍ଥଳରେ ବମ ସ୍କ୍ୱାର୍ଡ ଓ ଡଗ୍ ସ୍କ୍ୱାର୍ଡ ଦ୍ୱାରା ଛାନଭିନ୍ କରାଯାଉଛି।

# ଦିଲ୍ଲୀ ପାଲାମରେ ଭୟାବହ ଅଗ୍ନିକାଣ୍ଡ: ୯ ଜଣଙ୍କ ମୃତ୍ୟୁ



ନୂଆଦିଲ୍ଲୀ,୧୮/୩ : ଦିଲ୍ଲୀର ପାଲାମ ଅଞ୍ଚଳରେ ଭୟାବହ ଅଗ୍ନିକାଣ୍ଡ ଘଟିଛି । ଗୋଟିଏ ବିଲ୍ଡିଂରେ ନିଆଁ ଲାଗିବା ଯୋଗୁଁ ୯ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ କିଛି ଶିଶୁ ଥିବା ଜଣାପଡ଼ିଛି । ଏହା ବ୍ୟତୀତ ଏହି ଅଗ୍ନିକାଣ୍ଡରେ ଅନ୍ୟ କିଛି ଜଣ ଗୁରୁତର ଭାବେ ଜଳି ଯାଇଥିବା ସୂଚନା ମିଳୁଛି । ଅଗ୍ନିକାଣ୍ଡ ଏତେ ବଡ଼ ଥିଲା ଯେ ଏହାକୁ ଆୟତ୍ତ କରିବ ପାଇଁ ଦମକଳର ୩୦ ଗାଡ଼ି ନିୟୋଜିତ କରାଯାଇଥିଲା । ଉଦ୍ଧାରକାରୀ ଦଳ ବିଲ୍ଡିଂ ଭିତରୁ ୧୦ ଜଣଙ୍କୁ ବାହାର କରିଥିବା ବେଳେ ୯ ଜଣଙ୍କ ମୃତ୍ୟୁ ହୋଇଛି । ସୂଚନା ଅନୁସାରେ, ବିଲ୍ଡିଂରେ ପ୍ରାୟ ୨୨ ଲୋକଙ୍କ ପରିବାର ରହୁଥିଲେ । ସେମାନଙ୍କ ମଧ୍ୟରୁ ୧୦ରୁ ୧୨ ଜଣ ଗୋଆ ବୁଲିବାକୁ ଯାଇଥିବା ବେଳେ ଅନ୍ୟମାନେ ବିଲ୍ଡିଂରେ ରହିଥିଲେ । ସେପଟେ ମଧ୍ୟପ୍ରଦେଶର ଇନ୍ଦୋରରେ ମଧ୍ୟ ଭୟଙ୍କର ଅଗ୍ନିକାଣ୍ଡରେ ୮ ଜଣଙ୍କର ଦୁଃଖଦ ମୃତ୍ୟୁ ଘଟିଛି । ଘଟଣାଟି ସର୍ଟ ସର୍କିଟ ଯୋଗୁଁ ଘଟିଥିବା ଜଣାପଡ଼ିଛି। ଘର ବାହାରେ ଏକ ଇଲେକ୍ଟ୍ରିକ୍ କାର ଚାର୍ଜ ହେଉଥିଲା, ଯାହା ଫଳରେ ସର୍ଟ ସର୍କିଟ ହୋଇ ତିନି ମହଲା ଘରଟି ସମ୍ପୂର୍ଣ୍ଣ ଜଳିଗଲା। ଘଟଣାସ୍ଥଳରେ ୧୦ରୁ ଅଧିକ ଲୋକ ଉପସ୍ଥିତ ଥିଲେ, ସେମାନଙ୍କ ମଧ୍ୟରୁ ତିନି ଜଣଙ୍କୁ ଉଦ୍ଧାର କରାଯାଇଥିଲା, ଅନ୍ୟ ସାତ ଜଣଙ୍କ ମୃତ ହୋଇଥିବା ସୂଚନା ମିଳିଛି ।

# ଏସସିବିରେ ପୁଣି ଅଗ୍ନିକାଣ୍ଡ : ଏଥର ନନ୍ ଟ୍ରମା କେୟାରରେ ଲାଗିଲା ନିଆଁ



କଟକ, ୧୮/୩ (ନି.ପ୍ର): ଅସୁସ୍ଥ ହୋଇ ପଡିଛି କଟକର ବଡ଼ ଡାକ୍ତରଖାନା। ବାରମ୍ବାର ଘଟୁଛି ଅଘଟଣ। ରବିବାର ରାତିରେ ଭୟଙ୍କର ଅଗ୍ନିକାଣ୍ଡ ଘଟିବା ପରେ ବି ସୁଧୁରୁନି ଅଗ୍ନି ନିରାପତ୍ତା ବ୍ୟବସ୍ଥା। ମୁଖ୍ୟମନ୍ତ୍ରୀଙ୍କ ତନାଘନା, ମନ୍ତ୍ରୀ ନେତାଙ୍କ ଗସ୍ତ, ମୁଖ୍ୟ ଶାସନ ସଚିବଙ୍କ ବୈଠକ, ଉନ୍ନୟନ କମିଶନରଙ୍କ ଅନୁଧ୍ୟାନ ପରେ ବି ଅଗ୍ନିକାଣ୍ଡରେ ରୋକ୍ ଲାଗିନି। ଆଜି ପୁଣି ନିଆଁ ଲାଗି ଯିବାରୁ ସୃଷ୍ଟି ହୋଇଛି ଭୟର ବାତାବରଣ। କଟକ ବଡ଼ ମେଡିକାଲ ଟ୍ରମା କେୟାର ଆଇସିୟୁରେ ଭୟଙ୍କର ଅଗ୍ନିକାଣ୍ଡ ପରେ ବି ଅବସ୍ଥାରେ ସୁଧାର ଆସିନି। ବାରମ୍ବାର ଲାଗୁଛି ନିଆଁ। ଆଜି ପୁଣି ନନ୍ ଟ୍ରମା କେୟାରରେ ଘଟିଛି ଅଗ୍ନିକାଣ୍ଡ। ଏସସବି ଟ୍ରମା କେୟାରରେ ଲାଗିଥିବା ନିଆଁ ଲିଭିନଥିବାବେଳେ ସୋମବାର ଦିନ ପ୍ରାୟ ୧୨ଟାରେ ଜଳି ଉଠିଥିଲା ହେମାଟୋଲୋଜି ବିଭଗାର ଟ୍ରାନ୍ସଫର୍ମର କେବୁଲ।.. ଦିନେ ଛାଡି ଆଜି ପୁଣି ଏସସିବିରେ ଘଟିଛି ଅଗ୍ନିକାଣ୍ଡ। ◆◆ପୃଷ୍ଠା ୭

# ପୂର୍ବରୁ ଅଗ୍ନିକାଣ୍ଡ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାନୁଷ୍ଠାନ: ୪ ଅଧିକାରୀ ନିଲମ୍ବିତ

କଟକ , ୧୮/୩ (ନି.ପ୍ର): କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍‌ପିଟାଲରେ ଗତ ୧୬ ତାରିଖ ଦିନ ହୋଇଥିବା ଭୟାବହ ଅଗ୍ନିକାଣ୍ଡ ଯୋଗୁଁ ଅନେକ ଜୀବନ ନଷ୍ଟ ହେବା ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। କାର୍ଯ୍ୟରେ ଅବହେଳା ଯୋଗୁଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ନିମ୍ନଲିଖିତ ଚାରି ଜଣ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି। ନିଲମ୍ବିତ ଅଧିକାରୀମାନେ ହେଲେ କଟକ ସର୍କଲର ଡେପୁଟି ଫାୟାର ଅଫିସର ପ୍ରକାଶ କୁମାର ଜେନା, କଟକ ସର୍କଲର ଆସିଷ୍ଟାଣ୍ଟ ଫାୟାର ଅଫିସର ସଞ୍ଜୀବ କୁମାର ବେହେରା, ଏସ୍.ସି.ବି ମେଡିକାଲ ଓ ହସ୍‌ପିଟାଲର ଷ୍ଟେସନ ଅଫିସର ଅଭିନବ ପୃଷ୍ଟି ଏବଂ କଟକ ଜି.ଇ.ଡି ଅନ୍ତର୍ଗତ ଏସ୍.ସି.ବି ସବ୍-ଡିଭିଜନର ଆସିଷ୍ଟାଣ୍ଟ ଏକ୍ଜିକ୍ୟୁଟିଭ ଇଞ୍ଜିନିଅର ରଞ୍ଜନ କୁମାର ବିଶ୍ୱାଳ। ସୂଚନଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କଟକ ଏସ୍.ସି.ବି ଅଗ୍ନିକାଣ୍ଡ ଘଟଣାର ଅନୁଧ୍ୟାନ କରିବା ପାଇଁ ଉନ୍ନୟନ କମିସନରଙ୍କ ଅଧକ୍ଷତାରେ ଏକ ଫ୍ୟାକ୍ଟ ଫାଇଣ୍ଡିଙ୍ଗ୍ ଟିମ୍ ଗଠନ କରିଥିଲେ। କଟକ ଏସସିବି ମେଡିକାଲ କଲେଜରେ ଘଟିଥିବା ଅଭାବନୀୟ ଦୁର୍ଘଟଣା ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଟେଲିଫୋନ ଯୋଗେ କଥା ହୋଇ ବିସ୍ତୃତ ଆଲୋଚନା କରିଥିଲେ। ◆◆ପୃଷ୍ଠା ୭

# ଏସିଆନ୍ ଗେମ୍ସରେ ସ୍ଥାନ ପାଇଲେ ରଶ୍ମିତା ସାହୁ

ଭୁବନେଶ୍ୱର, ୧୮/୩ (ନି.ପ୍ର): କନଷ୍ଟେବଲ ରଶ୍ମିତା ସାହୁ ଜଳକ୍ରୀଡାରେ ଜାପାନରେ ଆୟୋଜିତ ଏସିଆନ୍ ଗେମ୍ସ ପାଇଁ ନିଜ ସ୍ଥାନ ସୁନିଶ୍ଚିତ କରିଛନ୍ତି। ବର୍ତ୍ତମାନ ସେ ଉତରାଖଣ୍ଡର ଟେହରି ପାହାଡ଼ ଅଂଚଳରେ କଠୋର ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି ଏବଂ ଆନ୍ତର୍ଜାତୀୟ ମଂଚରେ ଦେଶ ପାଇଁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପ୍ରସ୍ତୁତ ଅଛନ୍ତି। ଓଡ଼ିଶା ପୋଲିସ୍ ତାଙ୍କର ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଛି। ଓଡ଼ିଶା ପୋଲିସ୍ ପକ୍ଷରୁ ଏକ୍ସ ମାଧ୍ୟରେ ଏହି ସୂଚନା ଦିଆଯାଇଛି।

# ଟ୍ରଷ୍ଟ ଗଠନ ନେଇ ସ୍ପଷ୍ଟୀକରଣ ରଖିଲେ ନବୀନ ପଟ୍ଟନାୟକ



ଭୁବନେଶ୍ୱର, ୧୮/୩ (ନି.ପ୍ର): ଟ୍ରଷ୍ଟ ଗଠନ ନେଇ ସ୍ପଷ୍ଟୀକରଣ ରଖିଲେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। କହିଲେ, "ବିଜୁ ବାବୁ ଚାରିଟେବୁଲ କାମ ପାଇଁ ଜଣାଶୁଣା ଥିଲେ। ବିଜ୍ଞାନର ପ୍ରଚାରପ୍ରସାର ପାଇଁ କଳିଙ୍ଗ ୟୁନେସ୍କୋ ପୁରସ୍କାର ଦାନ କରିଥିଲେ। ମୁଁ, ମୋ ଭାଇଭଉଣୀ କଟକ ଆନନ୍ଦ ଭବନକୁ ଓଡ଼ିଶାବାସୀଙ୍କୁ ଦାନ କରିଥିଲୁ। ବେକ ଅପରେସନ ଅପରେସନ ପାଇଁ ମୁମ୍ବାଇ ପୂର୍ବରୁ ପ୍ରଥମେ ଦିଲ୍ଲୀ ଯାଇଥିଲି। ◆◆ପୃଷ୍ଠା ୭

# ଇରାନକୁ ଔଷଧ ପଠାଇଲା ଭାରତ: ସଙ୍କଟ ସମୟରେ ସହାୟତାର ହାତ ବଢ଼ାଇଲା



ନୂଆଦିଲ୍ଲୀ,୧୮/୩ : ପଶ୍ଚିମ ଏସିଆରେ ଜାରି ରହିଥିବା ଯୁଦ୍ଧ ଓ ଉତ୍ତେଜନା ମଧ୍ୟରେ ଇରାନକୁ ସହାୟତାର ହାତ ବଢ଼ାଇଛି ଭାରତ। ଆମେରିକା ଓ ଇସ୍ରାଏଲ ସହ ସଂଘର୍ଷରେ ଜଡ଼ିତ ଥିବା ଇରାନକୁ ଭାରତ ପକ୍ଷରୁ ମାନବିକ ଭିତ୍ତିରେ ପ୍ରଥମ ପର୍ଯ୍ୟାୟ ଚିକିତ୍ସା ସହାୟତା ପ୍ରଦାନ କରାଯାଇଛି। ଏହି ସହାୟତା ସାମଗ୍ରୀକୁ ''ଇରାନୀ ରେଡ୍ କ୍ରିସେଣ୍ଟ ସୋସାଇଟି''କୁ ହସ୍ତାନ୍ତର କରାଯାଇଥିବା ନେଇ ନୂଆଦିଲ୍ଲୀ ସ୍ଥିତ ଇରାନ ଦୂତାବାସ ସୂଚନା ଦେଇଛି। ଭାରତରେ ଅବସ୍ଥାପିତ ଇରାନର ରାଷ୍ଟ୍ରଦୂତ ମହମ୍ମଦ ଫଥାଲି ଦିଲ୍ଲୀ-ତେହେରାନ ସମ୍ପର୍କକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅଭିହିତ କରିଛନ୍ତି। ସେ କହିଛନ୍ତି, ଭାରତ ଏକ ବିଶ୍ୱସ୍ତ ଓ ବନ୍ଧୁତ୍ୱପୂର୍ଣ୍ଣ ଦେଶ। ଅନ୍ୟ ଅନେକ ଦେଶ ସହଯୋଗ କରିବାକୁ ମନା କରିଦେଇଥିବା ବେଳେ ଭାରତ ଆମର ଅନୁରୋଧକୁ ରକ୍ଷା କରି ଜାହାଜ ସାହାଯ୍ୟରେ ଜରୁରୀ ସାମଗ୍ରୀ ପଠାଇଛି। ସହାୟତା ପାଇଁ ଭାରତକୁ କୃତଜ୍ଞତା ଜଣାଇବା ସହ ଶତ୍ରୁ ଦେଶମାନଙ୍କୁ କଡ଼ା ଚେତାବନୀ ଦେଇଛନ୍ତି ଇରାନ ରାଷ୍ଟ୍ରଦୂତ। ସହଯୋଗ କରିନଥିବା ଦେଶମାନଙ୍କୁ ଉଚିତ ଜବାବ ଦିଆଯିବ ଏବଂ ଖୁବଶୀଘ୍ର ବିଶ୍ୱ ଏହା ବିଷୟରେ ଜାଣିବାକୁ ପାଇବ ବୋଲି ସେ କହିଛନ୍ତି। ଏହି ଘଟଣା ଏବେ ଆନ୍ତର୍ଜାତୀୟ ରାଜନୀତିରେ ଭାରତର ସନ୍ତୁଳିତ ବୈଦେଶିକ ନୀତିକୁ ପୁଣି ଥରେ ପ୍ରମାଣିତ କରିଛି।

# ଇରାନକୁ ଶକ୍ତ ଧକ୍କା : ଇସ୍ରାଏଲ ଏୟାର ଷ୍ଟ୍ରାଇକରେ ଇଣ୍ଟେଲିଜେନ୍ସ ମିନିଷ୍ଟର ଇସମାଇଲ ଖାତିବ ନିହତ





ନୂଆଦିଲ୍ଲୀ,୧୮/୩ : ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଭୟଙ୍କର ଉତ୍ତେଜନା ମଧ୍ୟରେ ଇରାନକୁ ପୁଣି ଏକ ଶକ୍ତ ଧକ୍କା ଲାଗିଛି। ଇସ୍ରାଏଲ ପ୍ରତିରକ୍ଷା ବାହିନୀ ପକ୍ଷରୁ ଦାବି କରାଯାଇଛି ଯେ, ତେହେରାନରେ ହୋଇଥିବା ଏକ ଏୟାର-ଷ୍ଟ୍ରାଇକରେ ଇରାନର ପ୍ରଭାବଶାଳୀ ଗୁପ୍ତଚର (ଇଣ୍ଟେଲିଜେନ୍ସ) ମନ୍ତ୍ରୀ ଇସମାଇଲ ଖାତିବଙ୍କ ମୃତ୍ୟୁ ଘଟିଛି। ଅନ୍ୟାନ୍ୟ ଶୀର୍ଷ କମାଣ୍ଡରଙ୍କ ପରେ ଇସମାଇଲ ଖାତିବଙ୍କ ମୃତ୍ୟୁ ଇରାନର ସୁରକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଦୋହଲାଇ ଦେଇଛି। ଇସମାଇଲ ଖାତିବ କେବଳ ଜଣେ ମନ୍ତ୍ରୀ ନଥିଲେ, ବରଂ ସେ ଥିଲେ ଜଣେ ଦୁର୍ଦ୍ଧର୍ଷ ରଣନୀତିଜ୍ଞ। ଆମେରିକା ଓ ଇସ୍ରାଏଲ୍ ପାଇଁ ସେ ଦୀର୍ଘ ଦିନ ଧରି ମୁଣ୍ଡବିନ୍ଧାର କାରଣ ସାଜିଥିଲେ। ତାଙ୍କରି ନିର୍ଦ୍ଦେଶରେ ଇରାନର ସାଇବର ନେଟୱାର୍କ ବିଶ୍ୱର ବିଭିନ୍ନ ଶକ୍ତିଶାଳୀ ଦେଶର ଗୁପ୍ତ ତଥ୍ୟ ଚୋରି କରିବାରେ ସଫଳ ହେଉଥିଲା। ଖାତିବ ଏକ ବିଶାଳ ସାଇବର ନେଟୱାର୍କ ପରିଚାଳନା କରୁଥିଲେ, ଯାହା ଆମେରିକା ଓ ତା'ର ସହଯୋଗୀ ଦେଶଗୁଡ଼ିକ ଉପରେ ସାଇବର ଆକ୍ରମଣ କରିବାରେ ସିଦ୍ଧହସ୍ତ ଥିଲା।

◆◆ପୃଷ୍ଠା ୭

# ନୀଳଗିରି ୟୁଥଫେଷ୍ଟ୍ ଉଦ୍ଘାଟିତ



ନୀଳଗିରି , ୧୮/୩ (ନି.ପ୍ର): ନୀଳଗିରି କେସି ହାଇସ୍କୁଲପଡିଆରେ ନୀଳଗିରି ଯୁବ ମହୋତ୍ସବ ୟୁଥ୍ ଫେଷ୍ଟ୍ ର ପଞ୍ଚମସଂସ୍କରଣ ବେଶ ଧୂମଧାମର ସହିତ ଅନୁଷ୍ଠିତ ହୋଇଯାଇଛି ।ଏହି ଯୁବମହୋତ୍ସବ ୭ଦିନଧରି ଚାଲିବାକୁ ଥିବାବେଳେ ଏହାର ପ୍ରଥମ ଦିନରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବାସହ ଯୁବ ଗୋଷ୍ଠୀ ଏକତ୍ରୀତ ହୋଇରହିଲେ ସମାଜର ମେରୁଦଣ୍ଡ ସୁଦୃଢ଼ ହେବ ବୋଲି ଉପସ୍ଥିତ ଦର୍ଶକଙ୍କୁ କହିଥିଲେ ।ନୀଳଗିରି ବିଡିଓ ବିକ୍ରମକିଶୋର ପରିଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ଉତ୍ସବର ଶୋଭବର୍ଦ୍ଧନ କରିଥିଲେ। ଯୁବ ସମାଜସେବୀ ଚନ୍ଦ୍ରବିନ୍ଦୁ ଦାସଙ୍କ ସଭାପତିତ୍ୱରେ ଏହି ସଭା ଅନୁଷ୍ଠିତ ହୋଇଥିବା ବେଳେ ଆବାହକ ଚନ୍ଦ୍ରଶେଖର ନନ୍ଦ ଓ ମାନସ ପରିଡା ପ୍ରମୁଖ ମଞ୍ଚରେ ଉପସ୍ଥିତ ରହିଥିଲେ। ଆଇନଜୀବି ବିଘ୍ନେଶ୍ୱର ବାରିକ ମଞ୍ଚ ପରିଚାଳନା କରିଥିଲେ। ପରେ ରଙ୍ଗୀନ ଆଲୋକମାଳାରେ ସୁସଜ୍ଜିତ ପେଣ୍ଡାଲରେ ନୃତ୍ୟଗୀତର ଆସର ଅନୁଷ୍ଠିତ ହୋଇଥିଲା। ମିନାବଜାର ବିଭିନ୍ନ ଷ୍ଟଲ ସହିତ ଦୋଳିରେ ଝୁଲି ହଜାରହଜାର ଅଞ୍ଚଳବାସୀ ମନଭରି ଉପଭୋଗ କରିଥିବା ଦେଖାଯାଇଥିଲା।

# ଯୋଗାଣ ବିଭାଗ ପକ୍ଷରୁ ଚଢ଼ଉ, ଗ୍ୟାସ ସିଲିଣ୍ଡର ଜବତ

କେନ୍ଦ୍ରାପଡା, ୧୮/୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ କରି ବେଆଇନ ଭାବେ ରଖିଥିବା ଗ୍ୟାସ ସିଲିଣ୍ଡରକୁ ଜବତ କରିବା ସହିତ ଜରିମାନା ଆଦାୟ କରାଯାଇଛି । ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ପୋହଳ ଛକ ଠାରେ ଥିବା ଏକ ହୋଟେଲରେ ଚଢଉ କରି ୪ ଗୋଟି ଗ୍ୟାସ ସିଲିଣ୍ଡର ଜବତ କରିବା ସହିତ ଜରିମାନା ଆଦାୟ କରାଯାଇଛି । କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଯୋଗାଣ ଓ ବେସାମରିକ ଅଧିକାରୀ ବେଣୁଧର ପାଣିଗ୍ରାହୀଙ୍କ ନେତୃତ୍ୱରେ ପ୍ରୀତମ ଦାସ ପୁନମ ଜେନା, ଦେବଶ୍ରୀ ମାର୍ଥା, ସ୍ୱରୂପ ଦାସ, ପୁଷ୍ପଲତା ଗାଣ, ଓମକାର ପ୍ରମୁଖ ଏହି ଚଢ଼ଉରେ ସାମିଲ୍ ଥିଲେ ।

# ଗ୍ରୀନଫିଲ୍ଡ ସମ୍ପ୍ରସାରଣ ନିମନ୍ତେ ଆରଏସପି ଏବଂ ମେକନ୍ ମଧ୍ୟରେ ପରାମର୍ଶ ଚୁକ୍ତିନାମା ସ୍ୱାକ୍ଷରିତ



ରାଉରକେଲା, ୧୮/୩ (ନି.ପ୍ର): ସେଲ୍,ରାଉରକେଲା ଇସ୍ପାତ କାରଖାନା (ଆରଏସପି) ମାର୍ଚ୍ଚ ୧୬ ତାରିଖ ଦିନ ରାଞ୍ଚିସ୍ଥିତ ମେକନ୍ ଲିମିଟେଡ ସହ ' ଆରଏସପି ଗ୍ରୀନଫିଲ୍ଡ ସମ୍ପ୍ରସାରଣ ନିମନ୍ତେ ସମ୍ଭାବ୍ୟତା ରିପୋର୍ଟ (ଏଫଆର) ଏବଂ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡ଼ିପିଆର) ପ୍ରସ୍ତୁତି ପାଇଁ ପରାମର୍ଶଦାତା ନିଯୁକ୍ତି' ର ଏକ ଚୁକ୍ତିନାମା ସ୍ୱାକ୍ଷର କରିଛି।

ଏହି ଚୁକ୍ତିନାମାଟି ଆରଏସପି ର ପ୍ରକଳ୍ପ ବିଭାଗର ସିଜିଏମ ଶ୍ରୀ ରାହୁଲ ଅଗ୍ରୱାଲ ଏବଂ ପ୍ରକଳ୍ପ (ବାଣିଜ୍ୟିକ) ବିଭାଗର ସିଜିଏମ ଶ୍ରୀ ଏ.କେ. ସାହୁଙ୍କ ସହ ଆରଏସପି ଏବଂ ମେସର୍ସ ମେକନ୍ ଲିମିଟେଡର ବହୁ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଥିଲା।

ଏହି ପରାମର୍ଶ ଚୁକ୍ତିନାମା ଏକ ଗ୍ରୀନଫିଲ୍ଡ ସମ୍ପ୍ରସାରଣ ପ୍ରକଳ୍ପ ସ୍ଥାପନ ମାଧ୍ୟମରେ ଆରଏସପିର ଅଶୋଧିତ ଇସ୍ପାତ ଉତ୍ପାଦନ ବାର୍ଷିକ ୫ ନିୟୁତ ଟନ ଏବଂ ହଟ୍ ମେଟାଲ୍ ଉତ୍ପାଦନ ବାର୍ଷିକ ୫.୧୫ ନିୟୁତ ଟନ ବୃଦ୍ଧି କରିବା ପାଇଁ ପରିକଳ୍ପନା କରାଯାଇଛି। ଚୁକ୍ତିନାମା ଅନୁଯାୟୀ କାର୍ଯ୍ୟ ପରିସର ମଧ୍ୟରେ ସମ୍ଭାବ୍ୟତା ରିପୋର୍ଟ (ଏଫଆର) ଏବଂ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡ଼ିପିଆର), ମୃତ୍ତିକା ଅନୁସନ୍ଧାନ କାର୍ଯ୍ୟ, ଭୂପୃଷ୍ଠ ସର୍ବେକ୍ଷଣ, ଆରଏସପିର ସମ୍ପ୍ରସାରଣ ନିମନ୍ତେ ପରିବେଶଗତ ମଞ୍ଜୁରୀ ହାସଲ କରିବା ଅନ୍ତର୍ଭୁକ୍ତ ରହିଛି ।

ଏକ ପ୍ରମୁଖ ଇଞ୍ଜିନିୟରିଂ ପରାମର୍ଶଦାତା ସଂସ୍ଥା ଭାବେ ମେକନ୍ ଲିମିଟେଡ ନିୟୋଜିତ ହେବା ଆରଏସପି ର ସମ୍ପ୍ରସାରଣ ପଦକ୍ଷେପ ପାଇଁ ବ୍ୟାପକ ବୈଷୟିକ-ଅର୍ଥନୈତିକ ମୂଲ୍ୟାଙ୍କନ ଏବଂ ବିସ୍ତୃତ ଯୋଜନାକୁ ସହଜ କରିବ। ଚୁକ୍ତିନାମା ଅନୁଯାୟୀ କରାଯାଇଥିବା ଅଧ୍ୟୟନ ଏବଂ ସର୍ଭେ ଆରଏସପିର ସମ୍ପ୍ରସାରଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକୀୟ ବୈଷୟିକ ଇନପୁଟ୍ ଏବଂ ବୈଧାନିକ ମଞ୍ଜୁରୀ ମଧ୍ୟ ପ୍ରଦାନ କରିବ।

ଏହି ପଦକ୍ଷେପ ଆରଏସପିର ଗ୍ରୀନଫିଲ୍ଡ ସମ୍ପ୍ରସାରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବେ ଚିହ୍ନିତ, ଯାହାର ଲକ୍ଷ୍ୟ ଏହାର ଉତ୍ପାଦନ କ୍ଷମତାକୁ ସୁଦୃଢ଼ କରିବା ସହ କାର୍ଯ୍ୟକ୍ଷମ ଦକ୍ଷତାରେ ଉନ୍ନତି ଆଣିବା ଏବଂ ସେଲ୍ ର ଦୀର୍ଘକାଳୀନ ଅଭିବୃଦ୍ଧି ରଣନୀତିକୁ ସମର୍ଥନ କରିବା।

ଏହି ପଦକ୍ଷେପ କାରଖାନାର ଭବିଷ୍ୟତ ସମ୍ପ୍ରସାରଣ ଦୃଷ୍ଟିକୋଣ ସହିତ ସୁସଙ୍ଗତ ଯୋଜନା, ଆଧୁନିକ ପ୍ରଯୁକ୍ତିବିଦ୍ୟା ଗ୍ରହଣ ଏବଂ ସ୍ଥାୟୀ ଶିଳ୍ପ ବିକାଶ ପ୍ରତି ଆରଏସପିର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

# ନାୟିକା- ରାଉରକେଲାର 'ଆନ୍ତର୍ଜାତିକ ମହିଳା ଦିବସ' ଉତ୍ସବ ପାଳିତ



ରାଉରକେଲା, ୧୮/୩ (ନି.ପ୍ର): ରାଉରକେଲାର ବିଶିଷ୍ଟ ମହିଳା ଅନୁଷ୍ଠାନ 'ନାୟିକା- ରାଉରକେଲା'ର ଆନ୍ତର୍ଜାତିକ ମହିଳା ଦିବସ,୨୦୨୬ ସେକ୍ଟର୍ - ୭ ରେ ଥିବା ' ମଧୁ ମଣ୍ଡପ' ଠାରେ ମହା ସମାରୋହରେ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଇଜିଏଚ୍ ର ସ୍ତ୍ରୀ ଓ ପ୍ରସୁତି ବିଭାଗର ମୁଖ୍ୟ ତଥା ଚ଼ିଫ୍ ମେଡିକାଲ୍ ଅଫିସର୍ ଡାକ୍ତର ଶ୍ରୀମତୀ ପ୍ରତିଭା ଷଡ଼ଙ୍ଗୀ ଯୋଗଦେଇ କହିଲେ - ନାରୀମାନେ ପ୍ରତ୍ୟେକ କ୍ଷେତ୍ରରେ ଆଜି ପ୍ରତିଷ୍ଠିତ ହୋଇପାରିଛନ୍ତି। ସେମାନେ ପରିବାର ସହିତ ସମାଜର ବିଭିନ୍ନ କ୍ଷେତ୍ରରେ ନିଜ ଦକ୍ଷତା ପ୍ରଦର୍ଶନ କରିଆସୁଛନ୍ତି। ତେବେ ମହିଳାମାନେ ନିଜ ସ୍ୱାସ୍ଥ୍ୟର ଜଗ୍ନ ନବା ସହ ଆମ ସଂସ୍କୃତି ଓ ପରମ୍ପରାକୁ ଆଗେଇନବା ଉଚ଼ିତ। ମୁଖ୍ୟ ବକ୍ତା ଭାବେ ଆର୍ ଏସ୍ ପି ଲୋକସମ୍ପର୍କ ବିଭାଗର ଜେନେରାଲ୍ ମେନେଜର୍ ତଥା ସଞ୍ଚାରମୁଖ୍ୟ ଶ୍ରୀମତୀ ଅର୍ଚ୍ଚନା ଶତପଥୀ ଯୋଗଦେଇ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ମହିଳାମାନେ ଆଉ ଅବଳା-ଦୁର୍ବଳା ହୋଇ ରହିନାହାନ୍ତି। ସମାଜରେ ସ୍ତ୍ରୀ ଓ ପୁରୁଷ ଏବେ ଖୁବ୍ ପାରଙ୍ଗମ। ସମସ୍ତଙ୍କୁ ସମାନ ଅଧିକାର ମିଳିବା କଥା। ମହିଳାମାନେ ଅନ୍ୟମାନଙ୍କ ସେବା ଓ ସାହାଯ୍ୟ କରିବାସହ ନିଜ ପ୍ରତି ବି ଧ୍ୟାନ ଦେବା ଉଚ଼ିତ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୂର୍ବତନ ସିଡିପିଓ (ଇଣ୍ଡଷ୍ଟ୍ରିଆଲ୍) ଶ୍ରୀମତୀ ମମତା ଦେଇ କହିଲେ - ଆମେ ଯେତେ ଆଗେଇଲେ ମଧ୍ୟ ଆମର ସଂସ୍କାର ଓ ଶାଳୀନତାକୁ ଭୁଲିବା ଉଚ଼ିତ ନୁହେଁ। ଅନୁଷ୍ଠାନର ସଭାପତି ଶ୍ରୀମତୀ ସୁବ୍ରତା ପତି ପ୍ରାରମ୍ଭିକ ଭାଷଣରେ ମହିଳାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ସମ୍ପାଦିକା ଶ୍ରୀମତୀ କନକଲତା ଦାସ୍ ଅନୁଷ୍ଠାନ ବିଷୟରେ କହିବା ସହିତ ଏସ୍ଏଚ୍ ଜି ମହିଳାମାନଙ୍କ କାମ ଉପରେ ବିଶେଷ ସୂଚ଼ନା ଦେଇଥିଲେ । ଉତ୍ସବ ଅବସରରେ ନିଜ କାର୍ଯ୍ୟଦକ୍ଷତା ପାଇଁ ଏଥର ସୁବ୍ରତା ପତିଙ୍କୁ ଅନୁଷ୍ଠାନର 'ଶ୍ରେଷ୍ଠ ମହିଳା' ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା । ବରିଷ୍ଠ ସଦସ୍ୟା ପୂର୍ଣ୍ଣିମା ପଣ୍ଡା ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ ମମତା ସାମନ୍ତରାୟ ଓ ସସ୍ମିତା ପାତ୍ର ସଭା ପରିଚାଳନା କରିଥିଲେ । ଅନୁଷ୍ଠାନର ସଦସ୍ୟା ଓ ଶିଶୁମାନଙ୍କ ଦ୍ୱାରା କବିତାପାଠ ଏବଂ ରଙ୍ଗାରଙ୍ଗ ନୃତ୍ୟ କାର୍ଯ୍ୟକ୍ରମ ହୋଇଥିଲା । ଉପ ସଭାପତି ଡଲିରାଣୀ ବ୍ରହ୍ମା ମହିଳାମାନଙ୍କୁ ଉତ୍ସାହିତ କରି କବିତା 'ନାରୀ' ପାଠ କରିବା ସହ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ରାଧା ଦେବୀଙ୍କ ଦ୍ୱାରା ପରିଚ଼ାଳିତ ବିଭିନ୍ନ ଖେଳର ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ,ଡ କିଶୋରୀ ଦାଶ, ମଞ୍ଜୁଳା ରଥ, ବିଜୟଲକ୍ଷ୍ମୀ ପଟ୍ଟନାୟକ, ଅନୁପମା ପାତ୍ର, କ୍ଷୀରୋଦା ବାରିକ୍,ନିରୁପମା ମିଶ୍ର,ରୀନା ମହାନ୍ତି, ମିନତୀ ମହାନ୍ତି, ଅରୁନ୍ଧତି ସ୍ୱାଇଁ, କଲ୍ୟାଣୀ ଦାସ,ବୈଜୟନ୍ତୀ ବେହେରା, ପ୍ରଭାଷିନୀ ମହାନ୍ତି, ସନ୍ଧ୍ୟା ପଟ୍ଟନାୟକ, ରୁନୁ ବେକ୍, ରିତା ଦାଶ ଓ ଶାନ୍ତି ଦାସ ପ୍ରମୁଖ ସହଯୋଗ କରିଥିଲେ। ନାରାୟଣ ପତି, ଚ଼ିତ୍ତରଞ୍ଜନ ବ୍ରହ୍ମା , ରବୀନ୍ଦ୍ର ନାଥ ଦାସ୍ ଓ ସୁଭେନ୍ଦ୍ର ନାଥ ମହାନ୍ତି ପ୍ରମୁଖ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଉତ୍ସବରେ ବହୁ ସଂଖ୍ୟାରେ ଏସ୍ ଏଚ୍ ଜି ମାଆ ମାନେ ଉପସ୍ଥିତ ଥିଲେ।

# ମାଲକାନଗିରିରୁ ପୁରୀ ଅଭିମୁଖେ ବାହାରିଲେ ୭୪ ତୀର୍ଥଯାତ୍ରୀ : 'ଶ୍ରୀ ଜଗନ୍ନାଥ ଦର୍ଶନ' ଯୋଜନାର ଶୁଭାରମ୍ଭ

ମାଲକାନଗିରି, ୧୭ ମାର୍ଚ୍ଚ (ହି.ସ.)- ମାଲକାନଗିରି ଜିଲ୍ଲାର ଶ୍ରଦ୍ଧାଳୁମାନଙ୍କୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନର ସୁଯୋଗ ଦେବା ପାଇଁ ଆଜି 'ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା'ର ଶୁଭାରମ୍ଭ ହୋଇଛି । ଏହି ଅବସରରେ ମାଲକାନଗିରି ଜିଲ୍ଲାର ୭ଟି ବ୍ଲକରୁ ଚୟନ ହୋଇଥିବା ୭୪ ଜଣ ତୀର୍ଥଯାତ୍ରୀ ଅର୍ଥାତ୍ ୩୧ ପୁରୁଷ ଓ ୪୩ ମହିଳା ଦୁଇଟି ସ୍ୱତନ୍ତ୍ର ବସ୍ ଯୋଗେ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି । ସ୍ଥାନୀୟ ସଂସ୍କୃତି ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ, ବିଧାୟକ ପ୍ରତିନିଧି ନିହାର ରାୟ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧାରୁଆ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ଆଂଚଳିକ ପରିବହନ ଅଧିକାରୀ ତୁଷାର ହେମ୍ବ୍ରମ, ଓଏସଆରଟିସି ଡିଟିଏମ୍ ଗୁରୁଦତ ଦୋରା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ଉପସ୍ଥିତ ଥିଲେ। ମାଲକାନଗିରି ଭଳି ଏକ ଦୂରବର୍ତ୍ତୀ ଅଂଚଳରୁ ୭୪ ଜଣ ଶ୍ରଦ୍ଧାଳୁ (୩୧ ପୁରୁଷ ଓ ୪୩ ମହିଳା) ମହାପ୍ରଭୁଙ୍କ ଦର୍ଶନ ପାଇଁ ବାହାରିଛନ୍ତି। ଏହି ଯୋଜନାରେ ବୃଦ୍ଧବୃଦ୍ଧା ଏବଂ ବିଧବା ମହିଳାମାନଙ୍କୁ ପ୍ରାଥମିକତା ଦିଆଯାଇଛି, ଯାହା ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଟାଙ୍ଗୁଲୁ ପ୍ରକାଶ କରିଥିଲେ। ଶ୍ରଦ୍ଧାଳୁମାନଙ୍କ ପାଇଁ ଯାତାୟାତ, ରହିବା ଏବଂ ଖାଦ୍ୟର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି। ଏଥିସହ ପୁରୀରେ ସେମାନଙ୍କୁ ମାଗଣାରେ ମହାପ୍ରସାଦ ମଧ୍ୟ ସେବନ କରିବାର ସୁଯୋଗ ମିଳିବ ବୋଲି ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି। ଭକ୍ତମାନଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ବସ୍ ରେ ପାରାମେଡିକ୍ କର୍ମଚାରୀ ଏବଂ ଏସକୋର୍ଟ ଅଧିକାରୀମାନେ ସାମିଲ ଅଛନ୍ତି, ଯାହା ଏହି ଯାତ୍ରାକୁ ଭୟମୁକ୍ତ ଓ ଆରାମଦାୟକ କରୁଛି। ଏହି ଯୋଜନା ମାଧ୍ୟମରେ ଆଗାମୀ ୪ ବର୍ଷ ମଧ୍ୟରେ ସମଗ୍ର ଓଡ଼ିଶାରୁ ପ୍ରାୟ ୧ ଲକ୍ଷ ଶ୍ରଦ୍ଧାଳୁଙ୍କୁ ପୁରୀ ଦର୍ଶନ କରାଇବାର ଲକ୍ଷ୍ୟ ରଖାଯାଇଛି । ଏହି ଯାତ୍ରା କେବଳ ଏକ ପର୍ଯ୍ୟଟନ ନୁହେଁ, ବରଂ ଶ୍ରଦ୍ଧାଳୁମାନଙ୍କ ପାଇଁ ଏକ ଭାବପୂର୍ଣ୍ଣ ଆଧ୍ୟାତ୍ମିକ ଅନୁଭୂତି ହେବାକୁ ଯାଉଛି। ଯାତ୍ରୀମାନଙ୍କ ସୁବିଧା ପାଇଁ ଓଏସଆରଟିସି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି ।

# ଜିଲ୍ଲା ସ୍ତରୀୟ ମାଷ୍ଟର ଟ୍ରେନର ତାଲିମ କାର୍ଯ୍ୟକ୍ରମ

କେନ୍ଦ୍ରାପଡା, ୧୮/୩ (ନି.ପ୍ର): ବ୍ଲକସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ–୨୦୨୬ ଅବସରରେ ଜିଲ୍ଲା ସ୍ତରୀୟ ମାଷ୍ଟର ଟ୍ରେନର ତାଲିମ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମଟି କ୍ରୀଡା ଓ ଯୁବ ସେବା ବିଭାଗର ସହଯୋଗରେ ଆୟୋଜିତ ହେଉଥିବା ବେଳେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଯୁବ ପ୍ରତିଭା ମାନଙ୍କୁ ଚୟନ କରି ସେମାନଙ୍କୁ ଉନ୍ନତ ପ୍ରଶିକ୍ଷଣ ଦେବା ଏହାର ମୂଳ ଉଦ୍ଦେଶ୍ୟ। ଏଥିରେ ଦୌଡକୁଦ ଭଲିବଲ, ଖୋକ ଆଦି କ୍ରୀଡାରେ ପ୍ରତିଭା ଚୟନ କରାଯିବ । ବ୍ଲକ ସ୍ତରରେ ଚୟନ ହୋଇ କ୍ରୀଡାବିତ ମାନେ ଜିଲ୍ଲାସ୍ତରକୁ ଆସିବେ । ଆଜିର ଏହି ତାଲିମ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ରଘୁରାମ ଆର ଆୟର ଉଦଘାଟନ କରିଥିଲେ ।

# ସିଦ୍ଧ ମରିଚାଣୀ ବିଦ୍ୟାପୀଠରେ ସାଧନ କେନ୍ଦ୍ର ଶିକ୍ଷଣ କର୍ମଶାଳା

କେନ୍ଦ୍ରାପଡା, ୧୮/୩ (ନି.ପ୍ର): ସିଦ୍ଧ ମରିଚାଣୀ ବିଦ୍ୟାପୀଠ ବଗଡ଼ା ଅଧୀନରେ ଥିବା ଅଯୋଧ୍ୟାନଗର ପ୍ରାଥମିକ ବିଦ୍ୟାଳୟ ଠାରେ ଆଂଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀ କର୍ମଶାଳା -୨୦୨୬ ଦୁଇ ଦିନ ଧରି ଚାଲିଥିଲା, ଏଥିରେ ଆଂଚଳିକ ସାଧନ କେନ୍ଦ୍ରର ୧୬ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀ ଯୋଗଦେଇ ସ୍ୱାକ୍ଷରତା ଓ ସଂଖ୍ୟା ଜ୍ଞାନ ସମ୍ବନ୍ଧୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ ଯାହା ଶ୍ରେଣୀ ଗୃହରେ ପିଲା ମାନଙ୍କ ପାଇଁ ଶିକ୍ଷଣ ପାଇଁ ଆବଶ୍ୟକ ହୋଇଥାଏ।

ଏହାକୁ ଆଂଚଳିକ ସାଧନ କେନ୍ଦ୍ରର ସଂଯୋଜକ ଅଚ୍ୟୁତକ୍ଷ ନନ୍ଦ ସାମଲ ପରିଚାଳନା କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କବିତା ଦାସ ଏହାକୁ ଉଦଘାଟନ କରଥିଲେ ଓ ରଞ୍ଜନ କୁମାର ରାଉତରାୟ ଉଦଯାପନ କରିଥିଲେ ।

# ସେଲ୍ ରାଉରକେଲା ଇସ୍ପାତ କାରଖାନା ଅନ୍ତର୍ଗତ ଏସପି-୧ରେ ସୁରକ୍ଷା ନାଟକ ଅନୁଷ୍ଠିତ



ରାଉରକେଲା, ୧୮/୩ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା ଅନ୍ତର୍ଗତ ସିଣ୍ଟର ପ୍ଲାଣ୍ଟ-୧ (ଏସପି-୧) ଠାରେ କର୍ମଚାରୀ ଏବଂ ଠିକା ଶ୍ରମିକଙ୍କ ମଧ୍ୟରେ ସୁରକ୍ଷା ସଚେତନତା ପ୍ରସାର କରିବା ନିମନ୍ତେ ମାର୍ଚ୍ଚ ୧୨ ତାରିଖରେ ଏକ ସୁରକ୍ଷା ନାଟକ ମଞ୍ଚସ୍ଥ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସିଣ୍ଟର ବିଭାଗର ସିଜିଏମ ଶ୍ରୀ ଶେଖର ନାରାୟଣ, ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ଶ୍ରୀ ହୀରାଲାଲ ମହାପାତ୍ର, ସୁରକ୍ଷା ବିଭାଗର ଜିଏମ ଶ୍ରୀ ଅବକାଶ ବେହେରା, ଏସପି-୧ ବିଭାଗର ଜିଏମ ଶ୍ରୀ ଏସ୍. ଚକ୍ରବର୍ତ୍ତୀଙ୍କ ସହ ବହୁ ବରିଷ୍ଠ ଅଧିକାରୀ, ୧୦୦ ରୁ ଉର୍ଦ୍ଧ କର୍ମଚାରୀ ଏବଂ ଠିକା ଶ୍ରମିକମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିରାପଦ କାର୍ଯ୍ୟ ଅଭ୍ୟାସର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା ଏବଂ ଏକ ସୁରକ୍ଷିତ କାର୍ଯ୍ୟକ୍ଷେତ୍ର ବଜାୟ ରଖିବାରେ ସାମୂହିକ ଦାୟିତ୍ୱ ଉପରେ ଗୁରୁତ୍ୱ ଦିଆଯାଇଥିଲା।

'ସୁରକ୍ଷା ସର୍ବୋପରି' ଶୀର୍ଷକ ଉକ୍ତ ନାଟକଟି ସାଧାରଣ କର୍ମକ୍ଷେତ୍ରରେ ଆପଦ, ନିରାପଦ କାର୍ଯ୍ୟ ଅଭ୍ୟାସ ଏବଂ ଦୈନନ୍ଦିନ କାର୍ଯ୍ୟରେ ସୁରକ୍ଷା ନିର୍ଦ୍ଦେଶାବଳୀ ପାଳନର ଗୁରୁତ୍ୱକୁ ପ୍ରଭାବଶାଳୀ ଭାବରେ ଚିତ୍ରଣ କରିଥିଲା। ପ୍ରଦର୍ଶନରେ ବ୍ୟକ୍ତିଗତ ସୁରକ୍ଷା ଉପକରଣ (ପିପିଇ), ଉଚ୍ଚତାରେ କାମ କରିବା ପାଇଁ ସୁରକ୍ଷା ବେଲ୍ଟ ବ୍ୟବହାର ଏବଂ ସୁରକ୍ଷିତ କାର୍ଯ୍ୟ ପାଇଁ ଶାରୀରିକ ସୁସ୍ଥତା ବଜାୟ ରଖିବାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। ଏହି ନାଟକଟି ଶ୍ରୀ ପି. କେ. ଦାଶଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ପ୍ରଶିକ୍ଷାର୍ଥୀ ଶ୍ରୀ ଡୋଲିଶ୍ୱର ମିର୍ଦ୍ଧା, ଶ୍ରୀ କରଣ ଓରାମ, ଶ୍ରୀ ଘନଶ୍ୟାମ ଗୋଣ୍ଡା ଠିକା କର୍ମଚାରୀ ସୁଶ୍ରୀ ସୁଜାତା ଏକ୍କା, ସୁଶ୍ରୀ ଶକୁନ୍ତଳା ଭୂମିଜ ଏବଂ ସୁଶ୍ରୀ ଆୟେସା ଟପ୍ପୋଙ୍କ ଦ୍ୱାରା ଅଭିନୀତ ହୋଇଥିଲା, ଯେଉଁମାନେ ସୁରକ୍ଷା ବାର୍ତ୍ତାକୁ ଆକର୍ଷଣୀୟ ଏବଂ ପ୍ରଭାବଶାଳୀ ପ୍ରଦର୍ଶିତ କରିଥିଲେ।

ଏହି ଅବସରରେ, ଶ୍ରୀ ଶେଖର ନାରାୟଣ ଠିକା ଶ୍ରମିକମାନଙ୍କୁ କାର୍ଯ୍ୟସ୍ଥଳରେ ସୁରକ୍ଷା ବଜାୟ ରଖିବା ପ୍ରତି ସେମାନଙ୍କର ଉତ୍ସର୍ଗ ଏବଂ ପ୍ରତିବଦ୍ଧତା ପାଇଁ ସମ୍ମାନିତ କରିଥିଲେ। ସେ କର୍ମଚାରୀ ଏବଂ ଶ୍ରମିକମାନଙ୍କୁ ସେମାନଙ୍କର ପ୍ରତ୍ୟେକ କାର୍ଯ୍ୟକଳାପରେ ସୁରକ୍ଷାକୁ ପ୍ରାଥମିକତା ଦେବା ଜାରି ରଖିବାକୁ ଉତ୍ସାହିତ ମଧ୍ୟ କରିଥିଲେ।

ଏହି କାର୍ଯ୍ୟକ୍ରମରେ, ଏସପି-୧ ବିଭାଗର ଜିଏମ ଶ୍ରୀ ସଞ୍ଜୟ ତଲୱାର ଧନ୍ୟବାଦ ଅର୍ପଣ କରିଥିବାବେଳେ ଏଜିଏମ ଶ୍ରୀ ପି. କେ. ଦାଶ ଏହାର ସଂଯୋଜନା କରିଥିଲେ।

# ଓଡିଶା ଦିବସ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ, ୧୮/୩ (ନି.ପ୍ର): ପୁରୀ ଜିଲ୍ଲା ସ୍ତରୀୟ ୯୧ ତମ ଓଡିଶା ଦିବସ ପାଳନ ନିମିତ ଏକ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ପରାମର୍ଶ କ୍ରମେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ ଓ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନା କରିଥିଲେ। ଓଡିଶା ଦିବସ ଅର୍ଥାତ ଅପ୍ରେଲ ୧ ତାରିଖ ପ୍ରତ୍ୟୁଷ ୫ଟା ରୁ ପୁରୀ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯିବ। ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ପୁରୀ ପୌରପାଳିକା ଓ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ମାଲ୍ୟାର୍ପଣ ପାଇଁ ବ୍ୟବସ୍ଥା କରାଯିବ। ସେହିପରି ପୁରୀ ଜିଲ୍ଲାର ସମସ୍ତ ବ୍ଲକ ଅଂଚଳ ଓ ସହରାଚଂଳରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ସମ୍ପୃକ୍ତ ବିଡ଼ିଓ ଏନଏସି ର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଶିକ୍ଷାନୁଷ୍ଠାନ ମାନଙ୍କରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ସମ୍ପୃକ୍ତ ଅନୁଷ୍ଠାନର ମୁଖ୍ୟ ମାନେ ମାଲ୍ୟାର୍ପଣ ପାଇଁ ଅନୁରୋଧ କରାଗଲା। ଓଡିଶା ଦିବସ ଅବସରରେ ଅପ୍ରେଲ ୧ ତାରିଖ ପୂର୍ବାହ୍ନ ୮ଟା ସମୟରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ରକ୍ତଦାନ ଶିବିର ଓ ସମ୍ପର୍କ ସାମାଜିକ ଅନୁଷ୍ଠାନ ସହଯୋଗରେ ଆୟୁର୍ବେଦ ଭିତିକ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହେବ। ଏଥିପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ବ୍ଲଡ ବ୍ୟାଙ୍କ ଅଧିକାରୀ, ଜିଲ୍ଲା ରେଡକ୍ରସ ଶାଖା ପକ୍ଷରୁ ଆୟୋଜିତ ହେବ ଓ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଅଧ୍ୟକ୍ଷ ସମ୍ମିଳନୀ କକ୍ଷ ପ୍ରଦାନ ସହ ସମସ୍ତ ସହଯୋଗ କରିବାକୁ ଅନୁରୋଧ କରାଗଲା। ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବିବିଧ ପ୍ରତିଯୋଗିତା ଆୟୋଜନ କରାଯାଇ କୃତି ପ୍ରତିଯୋଗୀଙ୍କୁ ସଂସ୍କୃତି ଭବନରେ ଆୟୋଜିତ ଉତ୍ସବରେ ସମ୍ବର୍ଦ୍ଧିତ କରାଯିବାକୁ ସ୍ଥିର ହେଲା। ବିଦ୍ୟାଳୟ ସ୍ତରରେ ପ୍ରତିଯୋଗିତା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଏସସିଏସ ମହାବିଦ୍ୟାଳୟ ପରିଚାଳନା କରିବେ। ସଂସ୍କୃତି ଭବନ ଠାରେ ଆୟୋଜିତ ଉତ୍ସବରେ ଓଡ଼ିଆ ସଂସ୍କୃତି, ଐତିହ୍ୟ, ଓ ଓଡିଶା ଦିବସ ପାଳନ ସମ୍ପର୍କରେ ଆଲୋଚନା କରାଯିବା ସହ ସଂସ୍କୃତି କାର୍ଯ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆଇନ ଶୃଙ୍ଖଳା ରକ୍ଷା, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ସେବା, ପରିଷ୍କାର ପରିଛନ୍ନତା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ଉପଯୁକ୍ତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ଅନୁରୋଧ କରାଯାଇଥିଲା ।ଓଡିଶା ଦିବସ ଆମ ଓଡ଼ିଶାର ଗର୍ବ ଓ ସ୍ୱାଭିମାନର ପ୍ରତୀକ। ଏହାକୁ ଆନନ୍ଦର ସହ ପାଳନ କରିବା ଆବଶ୍ୟକ। ତେଣୁ ସମସ୍ତ ସରକାରୀ କାର୍ଯ୍ୟାଳୟ, ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ବିଭିନ୍ନ ଉଦ୍ୟୋଗ, ବ୍ୟବସାୟିକ ପ୍ରତିଷ୍ଠାନ, ସାଧାରଣ ଜନତା ପ୍ରମୁଖ ନିଜସ୍ୱ ବ୍ୟୟରେ ତୋରଣ ନିର୍ମାଣ, ଆଲୋକମାଳାରେ ସଜ୍ଜିତ କରିବାକୁ ଅନୁରୋଧ କରାଯାଇଥିଲା।

# ଶେରଗଡ଼ ବ୍ଲକ ସ୍ତରୀୟ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

ଗଞ୍ଜାମ, ୧୮/୩ (ନି.ପ୍ର): ଶେରଗଡ଼ ବ୍ଲକ ପରିସରରେସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସମାଜସେବୀ ଏସ. ଅଶୋକ କୁମାର ପାତ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ସିଡ଼ିପିଓ ମମତା ଞ୍ଜଳି ପଣ୍ଡା ଅଧ୍ୟକ୍ଷତା କରି ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଉଦବୋଧନ ଦେଇଥିଲେ। ଏଥିରେ ସେ ଶିଶୁ ସୁରକ୍ଷା, କିଶୋରୀ ସଶକ୍ତିକରଣ, ନିର୍ଭୟାକଢି ମୋ ଗେଲ୍ଲୁଝିଅ, ବାଲ୍ୟ ବିବାହ ସମାପ୍ତ ପାଇଁ ଟାସ୍କଫୋର୍ସ ବୈଠକ ଓ ମୁଖ୍ୟମନ୍ତ୍ରୀ ଙ୍କ କନ୍ୟା ବିବାହ ଯୋଜନା ସମ୍ପର୍କରେ ବିଷଦ୍ ତଥ୍ୟ ଉପସ୍ଥାପନ କରିଥିଲେ। ୫ ଜଣ ପରିଦର୍ଶିକା, ବ୍ଲକ କର୍ମକର୍ତ୍ତା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ବ୍ଲକ ଶିକ୍ଷା ବିଭାଗର କର୍ମକର୍ତ୍ତା ସ୍ଥାନୀୟ ଅଭିଭାବକ, କିଶୋରୀ ଓ ବହୁ ଅଙ୍ଗନ୍ୱାଡି କର୍ମୀ ଓ ସହାୟିକା ସହଯୋଗ କରି ଏହି କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିଥିଲେ।

# ବାଗମୁଣ୍ଡାରେ କର୍ମା ଜୟନ୍ତୀ ପାଳିତ

ନୂଆପଡ଼ା, ୧୮/୩ (ନି.ପ୍ର): ନୂଆପଡା ଜିଲ୍ଲା କୋମନା ବ୍ଲକ ସିଆଲଲଟି ପଂଚାୟତ ବାଗମୁଣ୍ଡାରେ ସାହୁ ସମାଜ ତରଫରୁ କର୍ମା ଜୟନ୍ତୀ ଆଜି ପାଳିତ ହୋଇଛି । ଏ ବର୍ଷ ଚତୁର୍ଥ ବର୍ଷରେ ପହଂଚିଲା କରମା ଜୟନ୍ତୀ । କର୍ତ୍ତା ଭାବେ ଓସରାମ ସାହୁ ତାଙ୍କ ଧର୍ମପତ୍ନୀ ବୁନି ସାହୁ କାର୍ଯ୍ୟ ତୁଲାଇଥିଲେ। ପୂଜକ ଭାବେ ପରମେଶ୍ୱର ଦୁବେ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ନୂଆପଡା ଜିଲ୍ଲା ସାହୁ ସଂଘ ସଭାପତି ଧନିରାମ ସାହୁ, ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି ରାମଲାଲ ହଂସ, ସିଆଲଲଟି ସରପଂଚ କାଳିଆ ପ୍ରଧାନ, କୋମନା ବ୍ଲକ ସଭାପତି ଟେକରାମ ସାହୁ, ଲାଞ୍ଜିମାର ପରୀକ୍ଷେତ୍ର ସଭାପତି ରାମଚନ୍ଦ୍ର ସାହୁ, ନୂଆପଡା ଜିଲ୍ଲା ସାହୁ ସମାଜ ଉପସଭାପତି ପମ୍ପୁଲାଲ ସାହୁ, ଦେଓଧର ସାହୁ, ମନୋଜ ସାହୁ, ପଦ୍ମମ ସାହୁ, ସୁରଜ ସାହୁ, ପ୍ରମୋଦ ସାହୁ, ବେଦପ୍ରକାଶ ସାହୁ, ମୋହନ ଲାଲ ସାହୁ, ପ୍ରମାନନ୍ଦ ସାହୁ, ପଂଚାନନ ସାହୁ, ଖେରା ମଟାରି, ଆର୍ମି ମ୍ୟାନ ଜନକ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଟେକରାମ ସାହୁ ମଂଚ ପରିଚାଳନା କରିଥିବା ବେଳେ ଦୁର୍ଯ୍ୟୋଧନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଧାରାବାହିକ:

ଭାଗ-୩୫

# ସଂକ୍ଷିପ୍ତ ଭାଗବତ କଥାମୃତ

## ୧୦ମ ସ୍କନ୍ଧ, ଗୋପଲୀଳା



ଡ. ଶ୍ରୀହରି ପଣ୍ଡା



ଦିନେ ଦୁର୍ଯ୍ୟୋଧନ ନିଜ ଅନୁଜ ଦୁଃଶାସନ ସହ ଇନ୍ଦ୍ରପ୍ରସ୍ଥର ଅନ୍ତପୁର ଦେଖିବାକୁ ଗଲେ । ସେଠାରେ ଦ୍ରୌପଦୀଙ୍କ ସହ ଅନ୍ୟ ରାଣୀମାନେ ଏବଂ ଶ୍ରୀକୃଷ୍ଣଙ୍କ ପାଟମହିଷୀଗଣ ଅବସ୍ଥାନ କରୁଥାନ୍ତି । ସେହି ମହଲଟି ମୟ ଦାନବ ଦ୍ୱାରା ନିର୍ମିୟ ଏକ ମାୟାମହଲ ଥିଲା । ଖାଣ୍ଡବ ବନ ଦହନ ସମୟରେ ଅର୍ଜୁନ ମୟଙ୍କୁ ରକ୍ଷା କରିଥିବାରୁ ତାର କୃତଜ୍ଞତା ସ୍ୱରୂପ ସେ ଏହି ମହଲ ନିର୍ମାଣ କରିଥିଲେ । ଦେବ, ଦାନବ ଓ ନର ଏହି ତିନି ଲୋକର ଶିଳ୍ପ ନୈପୁଣ୍ୟତାକୁ ନେଇ ଏହି ମହଲ ନିର୍ମିତ ହୋଇଥିଲା । ଏଥିରେ ଅନ୍ତଃପୁରର ଏକ ସ୍ଥାନରେ ସ୍ଥଳକୁ ଜଳ ମନେ କରି ଦୁର୍ଯ୍ୟୋଧନ ନିଜର ପରିହିତ ବସ୍ତ୍ରକୁ ଉପରକୁ ଟେକିଲାତ ପୁଣି ଅନ୍ୟ ଏକ ସ୍ଥାନରେ ଜଳକୁ ସ୍ଥଳ ମନେକରି ଚାଲିଯିବା ସମୟରେ ଜଳ ମଧ୍ୟରେ ପ୍ରବେଶ କରି ଜଳମଗ୍ନ ହେଲା । ଏହା ଦେଖି ଭୀମ ଖୁବ ଜୋରରେ ହସି ଉଠିଲେ ଏବଂ ଦ୍ରୌପଦୀ ଆଦି ନାରୀମାନେ ମୁହଁରେ ଲୁଗାଦେଇ ହସିଲେ । ଶାନ୍ତ ଯୁଧିଷ୍ଠିର ଏହାକୁ ଦେଖି ଦୁଃଖ କରିବା ସହ ହସିବାକୁ ବାରଣ କଲେ ହେଁ ଶ୍ରୀକୃଷ୍ଣଙ୍କ ଅନୁମତି ପାଇଥିବାରୁ ସମସ୍ତେ ହସିବାକୁ ଲାଗିଲେ ଏବଂ ପରେ ଯୁଧିଷ୍ଠିରଙ୍କୁ କ୍ଷମା ପ୍ରାର୍ଥନା କଲେ । ଦୁର୍ଯ୍ୟୋଧନ ଲଜ୍ଜା ଓ ସରମରେ ଭାଇ ଦୁଃଶାସନ ହାତ ଧରି ଉଠିଆସିବା ପରେ ଏକ ମୁଖରେ ଇନ୍ଦ୍ରପ୍ରସ୍ଥରୁ ବିଦାୟ ନେଲେ । ଏହି ଘଟଣାଠାରୁ ସେ ପାଣ୍ଡବଙ୍କ ପ୍ରତି ଅଧିକ ଇର୍ଷାନ୍ୱିତ ହୋଇପଡିଲା ଏବଂ ତାର ହୃଦୟ ଚିନ୍ତାରେ ଅସ୍ଥିର ହେବାକୁ ଲାଗିଲା ।

### ୭୬ ଅଧ୍ୟାୟ, ଶାଲ୍ୱର ଦ୍ୱାରକା ଆକ୍ରମଣ

ଶ୍ରୀ ବ୍ୟାସଦେବ କହିଲେ ହେ ରାଜା, ଭଗବାନ ଶ୍ରୀକୃଷ୍ଣ ମାୟାମାନବ ରୂପରେ କ୍ରୀଡା ଛଳରେ ଯେଉଁ ସବୁ ଅଲୌକିକତା ଦେଖାଇଥିଲେ ତାହାର ବର୍ଣ୍ଣନା ସମ୍ଭବ ନୁହେଁ ତଥାପି ସେଥିରୁ କିଛି ବର୍ଣ୍ଣାନ ମୁଁ କରୁଛି । ଏବେ ପ୍ରଭୁ ଶାଲ୍ୱରାଜାକୁ କିପରି ବିନାଶ କଲେ ତାହ ମୁଁ କହୁଛି । ଶିଶୁପାଳର ବଧ ପରେ ତାର ମିତ୍ର ଶାଲ୍ୱ ନରେଶ ଖୁବ କ୍ରୋଧାନ୍ୱିତ ହୋଇପଡିଲା ପୂର୍ବରୁ ମଧ ସେ ରୁକ୍ମିଣୀ ହରଣ ସମୟରେ ଶ୍ରକୃଷ୍ଣଙ୍କଠାରୁ ପରାଜିତ ହୋଇ କ୍ରୋଧରେ ଜଳୁଥିଲା । ଏବେ ନିଜର ବନ୍ଧୁଙ୍କର ମୃତ୍ୟୁରେ ସେ କ୍ରୋଧ ସମ୍ଭାଳି ନପାରି ନିଜ ଧନୁକୁ ଛୁଇଁ ଶପଥ କଲା ଯେ ଯଦୁବଂଶୀମାନଙ୍କୁ ସଂସାରରୁ ବିନାଶ କରିବ, ଏଣୁ ଘୋର ଅରଣ୍ୟରେ ପ୍ରବେଶ କରି ନଦୀ ତୀରରେ ବସି ଭଗବାନ ଶଙ୍କର ଓ ଗୌରୀମାତାକୁ କଠୋର ତପସ୍ୟା କଲା । ଏପରିକି ଅନ୍ନ ଜଳ ତ୍ୟାଗକରି କେବଳ ରାତ୍ରରେ ମୁଠାଏ ପାଉଁଶ ଭକ୍ଷଣ କଲା । ଏକ ବର୍ଷପରେ ଭଗବାନ ଶଙ୍କର ଓ ମାତା ପାର୍ବତୀ ତା କଠୋର ତପରେ ପ୍ରସନ୍ନ ହୋଇ ତା ନିକଟରେ ଉପସ୍ଥିତ ପୂର୍ବକ ବର ଯାଚିଲେ । ଶାଲ୍ୱ ତା ଧାନ ଚକ୍ଷୁରୁ ଭଗାବନଙ୍କ ରୂପ ଅନ୍ତର୍ଦ୍ଧାନ ଦେଖି ଆଖି ଖୋଲି ଦେଖେତ ସମ୍ମୁଖରେ ସ୍ୱୟଂ ଶଙ୍କରଙ୍କ ସହ ମାତା ଗୌରୀଙ୍କୁ ଦେଖି ଆନନ୍ଦରେ ଆତ୍ମହରା ହୋଇପଡିବା ସହ କର ଯୋଡି ବର ପ୍ରାର୍ଥନା କଲେ । ସେ ବର ରୂପରେ ଏକ ମାୟା ବିମାନ ମାଗିଲା ଯେଉଁଥିରେ ଯୁଦ୍ଧକଲେ ଦେବ, ଦାନବ, ନର, ଗନ୍ଧର୍ବ କି କିନ୍ନର ତାକୁ ଯୁଦ୍ଧରେ ପରାସ୍ତ କରିପାରିବେ ନାହିଁ । ସେହି ବିମାନ ଶାଲ୍ୱଙ୍କ ଇଚ୍ଛା ମୁତାବକ ଜଳ, ସ୍ଥଳ ଓ ଆକାଶ ଯାଇପାରୁଥିଲା ଏବଂ ଦୃଶ୍ୟ ଓ ଅଦୃଶ୍ୟ ହୋଇପାରୁଥିଲା । ଭଗବାନ ଶଙ୍କର ମୟଦାନବଙ୍କୁ ଡକାଇ ସେହି ଅଦ୍ଭୁତ ବିମାନ ଶାଲ୍ୱକୁ ପ୍ରଦାନ କରିଥିଲେ । ଶାଲ୍ୱ ନରେଶ ସେହି ବିମାନ ପ୍ରାପ୍ତପରେ ନିଜ ରାଜ୍ୟକୁ ଫେରି ସୈନ୍ୟ ସାମନ୍ତ ବୃଦ୍ଧି କଲା ଏବଂ ଦ୍ୱାରକା ଆକ୍ରମଣ କଲା । ତାର ସୈନ୍ୟ ଦ୍ୱାରକାକୁ ଏପରି ଘେରିଗଲେ ଯେ ପକ୍ଷୀଟିଏ ମଧ ସେଠାରୁ ବାହାରକୁ କି ଭିତରକୁ ଯାଇପାରିଲା ନାହିଁ । ସେ ନଗରକୁ ପ୍ରବେଶ କରି ବିଭିନ୍ନ ବନ ଉପବନକୁ ଧ୍ୱସ୍ତ କରିବା ସହ ଗୃହ ଓ ଅଟ୍ଟାଳିକାରେ ଅଗ୍ନି ସଂଯୋଗ କଲେ । ସେ ନିଜ ଧନୁରୁ ଏପରି ବାଣ ବର୍ଷଣ କଲେ ଯେ ସୂର୍ଯ୍ୟଙ୍କର ଜ୍ୟୋତିକୁ ମେଘାଛନ୍ନ ଆକାଶ ପରି କରିଦେଲା । ଅଳ୍ପ କିଛି ସମୟରେ ଯଦୁପୁରୀ ହତଶ୍ରୀ ଦେଖାଗଲା । ପ୍ରଦ୍ୟୁମ୍ନ ନିଜ ବିମାନ ଆରୋହଣ କରି ପୁରବାସୀଙ୍କୁ ଭୟଭୀତ ନହେବାକୁ ପରାମର୍ଶ ଦେଇ ଯୁଦ୍ଧରେ ଅବତୀର୍ଣ୍ଣ ହେଲେ । ସେ ନିଜର ବାଣ ବର୍ଷଣ ଦ୍ୱାରା ଶାଲ୍ୱର ସେନାବାହିନୀକୁ ଛିନଛତ୍ର କରିଦେଲେ ଏବଂ ମାୟା ବିମାନ ଆରୋହୀ ଶାଲ୍ୱର ସମ୍ମୁଖୀନ ହେବାରୁ ସେ ହଠାତ୍ ଅନ୍ତର୍ଦ୍ଧାନ ହୋଇ ଆକାଶରୁ ଶର ବର୍ଷଣ କଲା । ସେଠାରେ ପ୍ରଦ୍ୟୁମ୍ନ ପହଞ୍ଚିବାବେଳକୁ ସେ ଅନ୍ତର୍ଦ୍ଧାନ ହୋଇଯାଉଥିଲା ଏବଂ କୌଣସିଠାରେ ସ୍ଥିର ନ ହୋଇ ଭିନ୍ନ ଭିନ୍ନ ରୂପରେ ଭିନ୍ନ ସ୍ଥାନରେ ଶର ବର୍ଷଣ କରିବକୁ ଲାଗିଲା । ଏହା ସତ୍ତ୍ୱେ ପ୍ରଦ୍ୟୁମ୍ନ ନିଜର ବାଣ ବର୍ଷଣରେ ଶାଲ୍ୱକୁ ଅଚେତ କରିପକାଇବାରୁ ତାର ମନ୍ତ୍ରୀ ଦୁର୍ମଦ ସମ୍ମୁଖକୁ ଆସି ପ୍ରଦ୍ୟୁମ୍ନଙ୍କ ପଥରୋଧ କରି ମହୋଗ୍ରସ୍ତ କରିପକାଇଲା । ଏହା ଦେଖି ପ୍ରଦ୍ୟୁମ୍ନଙ୍କ ସାରଥୀ ଦାରୁକଙ୍କ ପୁତ୍ର ଦୂରକୁ ରଥ ଅପସରି ନେଇଗଲେ । ଚେତାପାଇ ପ୍ରଦ୍ୟୁମ୍ନ ସାରଥୀଙ୍କୁ ଭର୍ତ୍ସନା କରିବାରୁ ସେ ଏହା ଯୁଦ୍ଧ ନିୟମ ବୋଲି କହିବାରୁ ପ୍ରଦ୍ୟୁମ୍ନ କହିଲେ ଯଦିଓ ଏହା ନିୟମ ତେବେ ସମସ୍ତେ ଏହାକୁ ଛତ୍ରଭଙ୍ଗ ବିଚାର କରିବେ । ସ୍ୱୟଂ ଶ୍ରୀକୃଷ୍ଣ ଏହା ଶୁଣି କଣ ଭାବିବେ ଏବଂ ପୁରନାରୀମାନେ ମୁହଁରେ ଲୁଗା ଦେଇ ହସିବେ ଯାହା ମୁଁ ସହ୍ୟ କରିପାରିବି ନାହିଁ । ତୁମେ ଯୁଦ୍ଧ କ୍ଷେତ୍ରକୁ ରଥ ଲେଉଟାଇ ନେଇଚାଲ ।

### ୭୭ ଅଧ୍ୟାୟ, ଶାଲ୍ୱ ବଧ

ପ୍ରଦ୍ୟୁମ୍ନଙ୍କ ଆଦେଶମତେ ସାରଥୀ ପୁନର୍ବାର ଯୁଦ୍ଧକ୍ଷେତ୍ରକୁ ରଥ ବାହିନେଲେ । ପ୍ରଦ୍ୟୁମ୍ନ ଏହି ସମୟରେ ଅଷ୍ଟଶର ପ୍ରୟୋଗ କରି ଦୁର୍ମଦର ଶିର ସହିତ ତୁରଙ୍ଗ, ସାରଥୀ, ରଥଧ୍ୱଜ ସମସ୍ତ ଛେଦନ କଲା ଓ ପରେ ଅସଂଖ୍ୟ ଶାଲ୍ୱ ସୈନ୍ୟଙ୍କୁ ସଂହାର କଲା । ଶାମ୍ବ, ସାତ୍ୟକି ଆଦି ଯଦୁବୀରମାନେ ଘୋର ଯୁଦ୍ଧକରି ଶାଲ୍ୱ ସୈନ୍ୟବାହିନୀକୁ ବିପର୍ଯ୍ୟସ୍ତ କରିପକାଇଲେ । ଭଗବାନ ଶ୍ରୀକୃଷ୍ଣ ଇନ୍ଦ୍ରପ୍ରସ୍ଥରୁ ଦ୍ୱାରକା ପ୍ରତ୍ୟାବର୍ତ୍ତନ ସମୟରେ ଦେଖିଲେ ଯେ ଦ୍ୱାରକାର ଆକାଶରେ ଅନ୍ଧକାର ଘୋଟିଯାଇଛି । ନିଶ୍ଚୟ କିଛି ବିପତ୍ତି ପଡିଛି ବୋଲି ଚିନ୍ତା କରିବା ସମୟରେ ସ୍ମରଣ ହେଲା ଯେ ଶିଶୁପାଳର ବନ୍ଧୁ ଶାଲ୍ୱ ବନ୍ଧୁବଧର ପ୍ରତିଶୋଧ ପାଇଁ ତମଗୁଣର ବଶବର୍ତ୍ତୀ ହୋଇ ନିଶ୍ଚୟ ଦ୍ୱାରକା ଆକ୍ରମଣ କରିଛି । ସେ ଦ୍ୱାରକାରେ ପହଞ୍ଚି ଦେଖିଲେ, ପୁରଜନମାନେ ଅତ୍ୟନ୍ତ ଆକୁଳ ହେଉଛନ୍ତି ଓ ପୁତ୍ରମାନେ ଯୁଦ୍ଧରେ ଲିପ୍ତ ଅଛନ୍ତି । ଅଗ୍ରଜ ବଳରାମ ପୁରରକ୍ଷା କରି ରହିଛନ୍ତି । ସେ ଶାଲ୍ୱ ସମ୍ମୁଖକୁ ରଥ ନେବାକୁ ଦାରୁକଙ୍କୁ ଆଜ୍ଞା ଦିଅନ୍ତେ ସେ ରଥ ନେଇଗଲା ଏବଂ ଗରୁଡ ରଥର ଶିଖରରେ ରହି ଯୁଦ୍ଧ ଦର୍ଶନ କଲେ । ଶାଲ୍ୱ ସ୍ୱୟଂ ଶ୍ରୀକୃଷ୍ଣଙ୍କୁ ସମ୍ମୁଖରେ ଦେଖି ଖୁବ ଗର୍ଜନ ତର୍ଜନ କରି ଶ୍ରୀକୃଷ୍ଣଙ୍କୁ ଲକ୍ଷ୍ୟ କରି ଶକ୍ତି ନିକ୍ଷେପ କଲା ଓ ମାୟା ବିମାନ ସହ ଅଦୃଶ୍ୟ ହୋଇଗଲା । ପ୍ରଭୁ ଶ୍ରୀକୃଷ୍ଣ ତାର ଶର ନିବାରଣ କରି ଦେଖିଲେ ଯେ ସେ ଅଦୃଶ୍ୟ ହୋଇଯାଇଛି । ଯେଉଁ ମହାମାୟାବୀ ବିଶ୍ୱବ୍ରହ୍ମାଣ୍ଡକୁ ରଚନା କରିଛନ୍ତି ତାଙ୍କୁ ଶାଲ୍ୱର ତପସ୍ୟା ଲବ୍ଧ ମାୟା କେତେ ସମୟ ତିଷ୍ଠି ରଖିପାରିବ । ଶାଲ୍ୱକୁ ସେ ସହସା ବିନାଶ ନକରି କିଛି ସମୟ କ୍ରୀଡା ଯୁଦ୍ଧ କଲେ । ଶାଲ୍ୱ ଶର ପ୍ରୟୋଗ କରି ପ୍ରଭୁଙ୍କ ହସ୍ତରୁ ଧନୁଶର ଛେଦି ପକାଇଲା ଏବଂ ଖୁବ ଅସ୍ପର୍ଦ୍ଧା ଓ ଆସ୍ଫାଳନ କରି କହିଲା ରେ ମୂଢ, ମୋର ଭ୍ରାତା ଶିଶୁପାଳର ବରଣ କନ୍ୟା ରୁକ୍ମିଣୀକୁ ବଳାତ୍କାରେ ହରିନେଇ ଶେଷରେ ମୋର ଭ୍ରାତାକୁ ବି ବିନାଶ କଲୁ । ଆଜି ତାର ପ୍ରତିଶୋଧ ନେବି । ଶ୍ରୀକୃଷ୍ଣ ମଧ ବିଦ୍ରୂପ କରି କହିଲେ, ଶାଲ୍ୱ ମଣିଷର ମରଣ ନିକଟ ହେଲେ ସେ ପ୍ରଳାପ କରେ । ତୋର ପ୍ରଳାପ ଆରମ୍ଭ ହେଲାଣି ଅର୍ଥ ମୃତ୍ୟୁ ନିକଟ ହେଲାଣି । କିଛି ସମୟ ପରେ ମୋର ଚକ୍ର ତୋର ମସ୍ତକ ଛେଦନ କରିବ । ବିଶେଷ ଆତ୍ମ ପ୍ରଶଂସା ନ କରି ଯୁଦ୍ଧରେ ପ୍ରବୃତ୍ତହୁଅ କହି ଶାଲ୍ୱ ଉପରେ ଗଦା ପ୍ରହାର କରିବାରୁ ଶାଲ୍ୱର ମୁଖରୁ ରୁଧିର ବାହାରିଲା ଓ ସେ ଅନ୍ତର୍ହିତ ହୋଇଗଲା । ପରେ ସେ ମାୟାରେ ରୁକ୍ମଣୀଦେବୀଙ୍କ ଦୂତ ହୋଇ ଆସି କହିଲା, ହେ ପ୍ରଭୁ ମାତା ରୁକ୍ମିଣୀ ମୋତେ ତୁମ ନିକଟକୁ ପ୍ରେରଣ କରିଛନ୍ତି ଯେ ଶାଲ୍ୱ ଅନ୍ତପୁରରେ ବସି ଉପଦ୍ରବ କରୁଛି ଏଣୁ ଶୀଘ୍ର ତାର ନିବାରଣ କରାଯାଉ । ସେ ମଧ ବସୁଦେବଙ୍କୁ ହରଣ କରିନେଇ କେଉଁଠାରେ ଲୁଚାଇ ରଖିଛି । ସେ ହୁଏତଃ ତାଙ୍କୁ ବଧ କରିବ ଏଣୁ ପ୍ରତିକାର କରନ୍ତୁ । ମାୟା ଦୂତ ମୁଖରୁ ଏପରି ସମ୍ବାଦ ପାଇ ମନରେ ବିଚାର କଲେ ସ୍ୱୟଂ ହଳଧର ଯେଉଁ ପୁରର ରକ୍ଷକ ତାକୁ ସାମାନ୍ୟ ଶାଲ୍ୱ ବିପର୍ଯ୍ୟସ୍ତ କରିବା କଣ ସମ୍ଭବ ? ଏହିପରି ଚିନ୍ତା କରୁକରୁ ଶାଲ୍ୱ ବସୁଦେବଙ୍କ କେଶଧରି ପହଞ୍ଚି ଶ୍ରୀକୃଷ୍ଣଙ୍କୁ କହିଲା, ହେ କୃଷ୍ଣ ଏବେ ଦେଖ ତୋର ପିତାକୁ କିପରି ତୋହରି ସମ୍ମୁଖରେ ହତ୍ୟା କରୁଛି ଏବଂ ସେ ମାୟା ବସୁଦେବଙ୍କ ଶିରଛେଦ କଲା । ପ୍ରଭୁ ହଠାତ୍ ସ୍ତମ୍ଭିତ ଓ ବିସ୍ମିତ ହୋଇପଡିଲେ ଏବଂ ଜାଣିପାରିଲେ ଯେ ଶିବ ବିଭୂତି ପ୍ରାପ୍ତ ଏସବୁ ଶାଲ୍ୱର ମାୟା ବିସ୍ତାର ମାତ୍ର । ଏଣୁ ଭଗବାନ ଯୁଦ୍ଧକୁ ନବଢାଇ ଶେଷ କରିବାର ଇଚ୍ଛାରେ ସୁଦର୍ଶନଙ୍କୁ ସ୍ମରଣ କଲେ ଏବଂ ସୁଦର୍ଶନ ତତ୍କ୍ଷଣାତ୍ କୋଟି ସୂର୍ଯ୍ୟର ତେଜ ପ୍ରକାଶ କରି ପ୍ରକଟ ହେବାରୁ ପ୍ରଭୁ ଚକ୍ର ପ୍ରହାର କରି ଶାଲ୍ୱର ଶିର ଛେଦିପକାଇଲେ । ତା ଶରୀରରୁ ଏକ ଦିବ୍ୟ ଜ୍ୟୋତି ଆସି ପ୍ରଭୁ ଶରୀରରେ ଲୀନ ହେଲା ।

### ୭୮ ଅଧ୍ୟାୟ, ଦନ୍ତବକ୍ର ଓ ବିଦୁରଥ ବଧ

ଶ୍ରୀଶୁକଦେବ କହିଲେ ହେ ରାଜା ଶିଶୁପାଳ, ଶାଲ୍ୱ, ପୌଣ୍ଡ୍ରକ ଆଦି ଦୁଷ୍ଟ ରାଜାମାନେ ଶ୍ରୀକୃଷ୍ଣଙ୍କ ହାତରେ ନିଧନ ହେବାପରେ ସେମାନଙ୍କ ବନ୍ଧୁ ଦନ୍ତବକ୍ର କ୍ରୋଧରେ ଶ୍ରୀକୃଷ୍ଣଙ୍କୁ ମାରିବାକୁ ଆସିଲା । ବିରାଟ ବପୁ ବିଶିଷ୍ଟ ଦନ୍ତବକ୍ର ହାତରେ ଅତିକାୟ ଗଦା ଧରି ଗର୍ଜନ ତର୍ଜନ କରି ଆସିବାବେଳେ ତାର ପଦକ୍ଷେପରେ ଧରଣୀ କମ୍ପି ଉଠିବା ପରି ଲାଗିଲା । ସେ କହିଲା, ଆରେ ଦୁଷ୍ଟ ଦୁରାଚାର କୃଷ୍ଣ ତୁ ମୋର ଦୁଇ ମାତୁଳ ପୁତ୍ରକୁ ମାରିଛୁ, ତୁ ମୋର ମିତ୍ର ଦ୍ରୋହୀ ପରମ ଶତ୍ରୁ । ଆଜି ବଜ୍ରକଳ୍ପ ଗଦାଘାତରେ ତୋତେ ସଂହାର କରି ମିତ୍ର ହତ୍ୟାର ପ୍ରତିଶୋଧ ନେବି । ଏହା କହି ଘୋର ଗର୍ଜନ କରି ପ୍ରଭୁଙ୍କ ଉପରେ ଗଦା ପ୍ରହାର କଲା । ପ୍ରଭୁ ତାର ଗଦାଘାତକୁ ସହ୍ୟ କରି ଦନ୍ତବକ୍ର ଉପରେ କୌମୁଦୁକୀ ଗଦାକୁ ପ୍ରହାର କଲେ.। ସେତିକିରେ ତାର ବକ୍ଷ ବିଦୀର୍ଣ୍ଣ କରି ରୁଧିର ବମନ କରୁ କରୁ ଭୂମିରେ ଲୋଟି ପ୍ରାଣ ତ୍ୟାଗ କଲା । ତାଙ୍କର ଶରୀରରୁ ଏକ ଜ୍ୟୋତି ବାହାରି ଭଗବାନଙ୍କ ଶରୀରରେ ଲୀନ ହୋଇଗଲା । ଏହାପରେ ଦନ୍ତବକ୍ରର ଭାଇ ବିଦୁରଥ ମଧ ଶ୍ରୀକୃଷ୍ଣଙ୍କ ସହ ଯୁଦ୍ଧ କରି ନିହତ ହେଲା । ସ୍ୱର୍ଗର ଦେବତାମାନେ ପୁଷ୍ପ ବୃଷ୍ଟି ସହ ନୃତ୍ୟ କଲେ ।

( କ୍ରମଶଃ )

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ଗିଣ୍ଠି

# ପ୍ରକୃତି ସହିତ ପିଲାଙ୍କ ସମ୍ପର୍କ ନିବିଡ଼ କରାଇବା



ଶ୍ୱେତା ରାଉତ୍

ଆଜିର ଆଧୁନିକ ଯୁଗରେ ପିଲାମାନଙ୍କର ଜୀବନଶୈଳୀ ଦ୍ରୁତ ଗତିରେ ପରିବର୍ତ୍ତିତ ହେଉଛି। ମୋବାଇଲ୍, ଭିଡିଓ ଗେମ୍, ଟିଭି ଓ ବିଭିନ୍ନ ଡିଜିଟାଲ୍ ମାଧ୍ୟମ ପିଲାମାନଙ୍କର ଦୈନିକ ଜୀବନର ଅଂଶ ହୋଇପଡ଼ିଛି। ଏହି ସୁବିଧାମୂଳକ ଯୁଗରେ ଆମେ ଅନେକ କିଛି ଲାଭ କରିଥିଲେ ମଧ୍ୟ, ପିଲାମାନେ ପ୍ରକୃତିର ସଂସ୍ପର୍ଶରୁ ଦୂର ହେଉଥିବାର ଯଥେଷ୍ଟ ଚିନ୍ତାଜନକ ପରିସ୍ଥିତି ଦେଖାଯାଉଛି। ଏହା ତାଙ୍କର ମନୋବୃତ୍ତି, ଶାରୀରିକ ସ୍ୱାସ୍ଥ୍ୟ ଓ ଭାବନାତ୍ମକ ବିକାଶ ଉପରେ ପ୍ରଭାବ ପକାଉଛି। ତେଣୁ ଆମେ ପିଲାମାନଙ୍କୁ ଫୁଲ ଗଛ ଲଗାଇବାକୁ ପ୍ରୋତ୍ସାହିତ କଲେ, ସେମାନେ ନିଜର ଅସଲ ଆନନ୍ଦକୁ ଅନୁଭବ କରିପାରିବେ। ଏ ଦିଗରେ ଆମକୁ ଧ୍ୟାନ ଦେବାକୁ ପଡ଼ିବ ଯେ ଆମ ପିଲା ମୋବାଇଲ୍ ଅପେକ୍ଷା ପ୍ରକୃତି ସହିତ କେମିତି ଅଧିକ ସମୟ ଅତିବାହିତ କରିବ, ଯାହା ଫଳରେ ସେ ଚାପଗ୍ରସ୍ତ ନହୋଇ ଜୀବନର ଆନନ୍ଦକୁ ବୁଝି ପାରିବ। ପ୍ରକୃତି ମାନବଜୀବନର ମୂଳ ଆଧାର। ଗଛ, ଫୁଲ, ପକ୍ଷୀ, ପବନ ଓ ପାଣି,ଏହି ସମସ୍ତ ଉପାଦାନ ମିଶି ଆମ ଜୀବନକୁ ସୁନ୍ଦର କରେ । ତେଣୁ ପରିସ୍ଥିତିକୁ ବଦଳାଇବା ପାଇଁ ଆମେ ଯଦି ସେମାନଙ୍କୁ ଫୁଲ ଗଛ ଲଗାଇବାରେ ଆଗ୍ରହ ଭରିଦେବା, ତେବେ ସେମାନେ ନିଜେ ପ୍ରକୃତି ସହିତ ଏକ ଗଭୀର ସମ୍ପର୍କ ଗଢ଼ିପାରିବେ।

ଏକ ଛୋଟ ଗଛ ଲଗାଇବା ଓ ତାହାକୁ ଦିନକୁ ଦିନ ଦେଖାଶୁଣା କରିବା ମାଧ୍ୟମରେ ପିଲାମାନେ ଧୈର୍ଯ୍ୟ, ଦାୟିତ୍ୱବୋଧ ଓ ଭଲପାଇବା ଶିଖନ୍ତି। ଯେତେବେଳେ ସେମାନେ ଗଛକୁ ପାଣି ଦେଇଥାନ୍ତି, ତାହାର ପତ୍ର ଗଜରି ଉଠୁଥିବାର ଦେଖନ୍ତି, ଏବଂ ଦିନେ ସେହି ଗଛରେ ଫୁଲ ଫୁଟିବା ଦେଖନ୍ତି, ସେତେବେଳେ ସେମାନଙ୍କ ମନରେ ଏକ ଅପୂର୍ବ ଆନନ୍ଦ ଜନ୍ମ ନେଇଥାଏ। ଏହି ଆନନ୍ଦ କୌଣସି ମୋବାଇଲ୍ ଗେମ୍ କିମ୍ବା ଭିଡିଓ ଦେଇପାରେ ନାହିଁ। ଏହା ହେଉଛି ସୃଷ୍ଟିର ଆନନ୍ଦ, ଯାହା ପିଲାମାନଙ୍କ ମନକୁ ସକାରାତ୍ମକ ଦିଗରେ ପ୍ରଭାବିତ କରେ,ସୁସ୍ଥ ରଖେ ଓ ସମୃଦ୍ଧ କରେ। ଯଦି ସେମାନେ ଦିନର କିଛି ସମୟ ପ୍ରକୃତି ସହିତ କାଟନ୍ତି, ତେବେ ସେମାନଙ୍କ ମନ ଶାନ୍ତ ହୁଏ, ଚିନ୍ତା କମେ ଓ ମନୋବଳ ବଢ଼େ। ଫୁଲ ଗଛର ଗନ୍ଧ, ପକ୍ଷୀମାନଙ୍କର କୁହୁକୁହୁ ଶବ୍ଦ ଓ ପବନର ସ୍ପର୍ଶ ସେମାନଙ୍କ ମନକୁ ନୂତନ ଉର୍ଜା ଦେଇଥାଏ।

ଏହା ଛଡ଼ା, ପିଲାମାନଙ୍କୁ ଫୁଲ ଗଛ ଲଗାଇବାକୁ ପ୍ରେରିତ କରିବା ମାନେ ସେମାନଙ୍କୁ ପରିବେଶ ପ୍ରତି ସଚେତନ କରାଇବା। ଗଛ ଓ ପ୍ରକୃତିର ମୂଲ୍ୟ ବୁଝିଲେ ସେମାନେ ଆଗାମୀ ଦିନରେ ପରିବେଶକୁ ସୁରକ୍ଷା କରିବାରେ ଅଗ୍ରସର ହେବେ। ଏହା ଆମ ପାଇଁ ଏକ ଦୀର୍ଘମିଆଦି ନିବେଶ, କାରଣ ଆଜିର ପିଲାମାନେ ହେଉଛନ୍ତି ଆସନ୍ତାକାଲିର ନାଗରିକ। ସେମାନେ ଯଦି ପ୍ରକୃତିକୁ ଭଲପାଇବେ, ତେବେ ପୃଥିବୀ ଆହୁରି ଅଧିକ ସୁନ୍ଦର ହେବ।

ଆମେ କିପରି ପିଲାମାନଙ୍କୁ ଏହି ଦିଗରେ ପ୍ରେରିତ କରିପାରିବା ଏ ଦାୟିତ୍ୱ ଆମର। ଆମେ ପିଲାଙ୍କ ସହିତ ମିଶି ଘରର ଛୋଟ ଏକ କୋଣରେ ହେଉ କି ଛାତ ଉପରେ, ବଗିଚାରେ ହେଉ କି ବାଲକୋନୀରେ ଗଛ ଲଗାଇବା ଓ ତାହାର ଦେଖାଶୁଣା କରିବା ଆରମ୍ଭ କରିପାରିବା। ପିଲାମାନଙ୍କୁ ପ୍ରକୃତି ସହିତ ସମୟ ବିତାଇବାକୁ ଅଭ୍ୟାସ କରାଇ ପାରିବା, ପ୍ରତିଦିନ କିଛି ସମୟ ବାହାରେ ଖେଳିବା, ଗଛ ଦେଖିବା, ପକ୍ଷୀ ଚିହ୍ନିବା, ଫୁଲମାନଙ୍କ ସହ ସମୟ ବିତାଇବା ଭଳି ସମସ୍ତ ଛୋଟ ଛୋଟ କାର୍ଯ୍ୟ ଦ୍ୱାରା ପିଲାମାନଙ୍କର ମନକୁ ପ୍ରକୃତି ଦିଗକୁ ଆକୃଷ୍ଟ କରାଇ ପାରିଲେ ସେମାନେ ମୋବାଇଲ୍ ନିଶାରୁ ବର୍ତ୍ତି ପାରିବେ।

ସତ କହିବାକୁ ଗଲେ, ଆନନ୍ଦ କୌଣସି ବାହ୍ୟ ବସ୍ତୁରେ ନୁହେଁ, ଏହା ଆମର ଅନୁଭବରେ ଅଛି। ଗୋଟେ ଫୁଟିଥିବା ଫୁଲର ଦୃଶ୍ୟ, ଗଛ ଛାଇରେ ବସିବା, ମାଟିର ସୁଗନ୍ଧ ଅନୁଭବ କରିବା,ଚଢେଇଙ୍କ କିଚିରି ମିଚିରି ଶବ୍ଦ ଶୁଣିବା, ଏହି ସମସ୍ତ ଛୋଟ ଛୋଟ ମୁହୂର୍ତ୍ତ ହେଉଛି ସତ୍ୟ ଆନନ୍ଦର ଉତ୍ସ। ପିଲାମାନଙ୍କୁ ଫୁଲ ଗଛ ଲଗାଇବାକୁ ପ୍ରୋତ୍ସାହିତ କରିବା ମାନେ ସେମାନଙ୍କୁ କେବଳ ଏକ କାର୍ଯ୍ୟ ଶିଖାଇବା ନୁହେଁ, ବରଂ ସେମାନଙ୍କୁ ଜୀବନର ଏକ ଦୃଷ୍ଟିକୋଣ ଦେବା। ଏହା ସେମାନଙ୍କୁ ସହନଶୀଳତା, ପ୍ରେମ, ଦାୟିତ୍ୱ ଓ ପ୍ରକୃତିପ୍ରତି ସମ୍ମାନ ଶିଖାଏ। ଯଦି ପିଲାମାନେ ଛୋଟବେଳୁ ଏହି ସଂସ୍କାର ସହିତ ବଡ଼ ହେଉଥାନ୍ତି, ତେବେ ନିଶ୍ଚୟ ଏକ ସୁସ୍ଥ, ସମତୋଳ ଓ ଆନନ୍ଦମୟ ଜୀବନାନୁଭବ କରନ୍ତି ଓ ଜୀବନରେ ସରଳତା ଓ ସନ୍ତୋଷର ମୂଲ୍ୟ ବୁଝିପାରନ୍ତି। ତେଣୁ ଆମର କର୍ତ୍ତବ୍ୟ ପିଲାମାନଙ୍କୁ ଫୁଲ ଗଛ ଲଗାଇବା ବା ପ୍ରକୃତି ସହିତ ମଧୁର ସମ୍ପର୍କ ଅତିବାହିତ କରି ମନକୁ ସୁସ୍ଥ ଓ ଆନନ୍ଦମୟ ରଖିବାକୁ ପ୍ରେରିତ କରିବା।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ୫ ଖାଦ୍ୟରେ ଭରପୂର କ୍ୟାଲସିୟମ୍: ମହିଳାଙ୍କ ପାଇଁ ନିହାତି ଜରୁରି



ମହିଳାମାନଙ୍କୁ ହାଡ଼ ସମ୍ବନ୍ଧୀୟ ସମସ୍ୟା ଅଧିକ ଥାଏ । ହାଡ଼କୁ ମଜବୁତ ରଖିବା ପାଇଁ, ମହିଳାମାନଙ୍କୁ କ୍ୟାଲସିୟମ ଯୁକ୍ତ ଖାଦ୍ୟ ଖାଇବା ନିହାତି ଜରୁରି । କାରଣ ଋତୁସ୍ରାବ ପରେ, ମହିଳା ମାନଙ୍କଠାରେ ଅଷ୍ଟିଓପୋରୋସିସ ଭଳି ଗମ୍ଭୀର ରୋଗର ଆଶଙ୍କା ବହୁତ ବଢ଼ିଯାଏ । ଯଦି ଖାଦ୍ୟରେ ପର୍ଯ୍ୟାପ୍ତ ପରିମାଣରେ କ୍ୟାଲସିୟମ ନାହିଁ, ତେବେ ଶରୀର ହାଡ଼ରୁ କ୍ୟାଲସିୟମ ଟାଣିବା ଆରମ୍ଭ କରେ, ଯାହା ଦ୍ୱାରା ସେମାନେ ଭିତରୁ ଫମ୍ପା ହୋଇଯାଆନ୍ତି । ହାଡ଼ର ଘନତା ବଜାୟ ରଖିବା ପାଇଁ, କେବଳ ଔଷଧ ନୁହେଁ ବରଂ ସଠିକ୍ ଖାଦ୍ୟ ଖାଇବା ମଧ ଆବଶ୍ୟକ । ଆମେ ଆପଣଙ୍କୁ ଏପରି ୫ଟି ଖାଦ୍ୟ ବିଷୟରେ କହୁଛୁ, ଯାହା କ୍ୟାଲସିୟମର ସବୁଠୁ ଉତ୍ସ ଏବଂ ମହିଳାମାନେ ପ୍ରତିଦିନ ସେଗୁଡ଼ିକୁ ଖାଇବା ଉଚିତ । ଏହା ମହିଳାମାନଙ୍କ ହାଡ଼କୁ ମଜବୁତ କରିବ।

ବ୍ରିଟେନର ଜାତୀୟ ସ୍ୱାସ୍ଥ୍ୟ ସେବା ଅନୁସାରେ, କ୍ଷୀର, ପନିର, ଦହି ଏବଂ ଅନ୍ୟାନ୍ୟ କ୍ଷୀରଜାତ ଦ୍ରବ୍ୟକୁ କ୍ୟାଲସିୟମର ଉତ୍କୃଷ୍ଟ ଉତ୍ସ । ଏହି ଉତ୍ପାଦଗୁଡ଼ିକ ନିରାମିଷଭୋଜୀ ମାନଙ୍କ ପାଇଁ ସର୍ବୋତ୍ତମ । ପ୍ରତିଦିନ ଗୋଟିଏ କିମ୍ବା ଦୁଇଟି ଗ୍ଲାସ କ୍ଷୀର ପିଇବା ଦ୍ୱାରା କ୍ୟାଲସିୟମ ଅଭାବ ଦୂର ହୋଇପାରିବ । କ୍ଷୀରଜାତ ଦ୍ରବ୍ୟରେ ଥିବା ଲାକ୍ଟୋଜ୍ ଏବଂ ଭିଟାମିନ୍ ଡି କ୍ୟାଲସିୟମ ଶୋଷଣକୁ ପ୍ରୋତ୍ସାହିତ କରେ । କମ୍ ଚର୍ବିଯୁକ୍ତ କ୍ଷୀରଜାତ ଦ୍ରବ୍ୟ ଋତୁସ୍ରାବ ପରେ ମହିଳାମାନଙ୍କ ପାଇଁ ଉତ୍କୃଷ୍ଟ ବିକଳ୍ପ, ଓଜନ ବୃଦ୍ଧି ବିନା ଅତ୍ୟାବଶ୍ୟକ ହାଡ଼ ଶକ୍ତି ପ୍ରଦାନ କରେ । ମହିଳାମାନେ ପ୍ରତିଦିନ କ୍ଷୀର, ଦହି କିମ୍ବା ପନିର ସେବନ କରିବା ଉଚିତ ।

ଲୋକମାନେ ପ୍ରାୟତଃ ପାଳଙ୍ଗର କ୍ୟାଲସିୟମ ପାଇଁ ସେବନ କରନ୍ତି, କିନ୍ତୁ ଏଥିରେ ଅଧିକ କ୍ୟାଲସିୟମ ଥାଏ, ତଥାପି ଶରୀର ଏହାକୁ ସମ୍ପୂର୍ଣ୍ଣ ଭାବରେ ଶୋଷିତ କରିପାରେ ନାହିଁ । କେଲ୍ ଏବଂ ଓକରା ପରି ପନିପରିବା କ୍ୟାଲସିୟମର ଉତ୍କୃଷ୍ଟ ଉତ୍ସ । ଏହି ପନିପରିବା କେବଳ ହାଡ଼କୁ ମଜବୁତ କରେ ନାହିଁ, ବରଂ ଏଥିରେ ଥିବା ଫାଇବର ଏବଂ ଆଣ୍ଟିଅକ୍ସିଡାଣ୍ଟ ମଧ ମହିଳାଙ୍କ ସାମଗ୍ରିକ ସ୍ୱାସ୍ଥ୍ୟ ଏବଂ ପାଚନ ପ୍ରଣାଳୀ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ । ସବୁଜ ପତ୍ରଯୁକ୍ତ ପନିପରିବା କ୍ୟାଲସିୟମର ଏକ ଭଲ ଉତ୍ସ ଭାବରେ ବିବେଚନା କରାଯାଏ ।

ଯେଉଁ ମହିଳାମାନେ ଲାକ୍ଟୋଜ୍ ଅସହିଷ୍ଣୁ କିମ୍ବା କ୍ଷୀର ପିଇବାକୁ ପସନ୍ଦ କରନ୍ତି ନାହିଁ, ସେମାନଙ୍କ ପାଇଁ କ୍ୟାଲସିୟମ୍-ଫୋର୍ଟିଫାଏଡ୍ ସୋୟା ପାନୀୟ ଏକ ଉତ୍ତମ ବିକଳ୍ପ । ଆଜିକାଲି ଉପଲବ୍ଧ ଫର୍ଟିଫାଏଡ୍ ମଇଦା ଏବଂ ରୁଟି ମଧ କ୍ୟାଲସିୟମର ଏକ ଭଲ ଉତ୍ସ । ଏହି ଫର୍ଟିଫାଏଡ୍ ଖାଦ୍ୟଗୁଡ଼ିକୁ ଆପଣଙ୍କ ଖାଦ୍ୟରେ ସାମିଲ କରି, ଆପଣ ଅଜାଣତରେ ଆପଣଙ୍କ ହାଡ଼କୁ ଆବଶ୍ୟକୀୟ ପୁଷ୍ଟି ଯୋଗାଇ ପାରିବେ, ଯାହା ଗଣ୍ଠି ଯନ୍ତ୍ରଣାରୁ ମୁକ୍ତି ପାଇବାରେ ସାହାଯ୍ୟ କରିପାରିବ ।

ଲୋକମାନେ ପ୍ରାୟତଃ ହାଡ଼କୁ ମଜବୁତ କରିବା ପାଇଁ କ୍ୟାଲସିୟମ ବିଷୟରେ କଥାବାର୍ତ୍ତା କରନ୍ତି, କିନ୍ତୁ ହାଡ଼ ସ୍ୱାସ୍ଥ୍ୟ ପାଇଁ ଭିଟାମିନ୍ ଡି ମଧ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯଦି ଆପଣଙ୍କର ଭିଟାମିନ୍ ଡିର ଅଭାବ ଅଛି, ତେବେ ଆପଣଙ୍କ ଖାଦ୍ୟରେ ଥିବା କ୍ୟାଲସିୟମ ଆପଣଙ୍କ ହାଡ଼ରେ ପହଞ୍ଚିବ ନାହିଁ। ତେଣୁ, ପ୍ରତିଦିନ ସକାଳ ସୂର୍ଯ୍ୟକିରଣରେ କିଛି ସମୟ ବିତାଇବେ । ଅତ୍ୟଧିକ ଲୁଣ ଏବଂ କ୍ୟାଫିନ୍ ଠାରୁ ଦୂରେଇ ରୁହନ୍ତୁ, । ୪୦ ବର୍ଷ ପରେ ଏସବୁ ଶୃଙ୍ଖଳା ମହିଳାଙ୍କୁ ସୁସ୍ଥ , ନିରାମୟ ରଖେ।

# ତମାଖୁ: ଆମ ସମାଜ ପାଇଁ ମୃତ୍ୟୁ ଫାଶ

ଆଜି ଭାରତ ଏକ ଅଭୂତପୂର୍ବ ସ୍ୱାସ୍ଥ୍ୟ ସଙ୍କଟର ସମ୍ମୁଖୀନ ହୋଇଛି, ଯାହାର ମୂଳରେ ରହିଛି ତମାଖୁର ଅବାଧ ପ୍ରଚଳନ ଏବଂ ଏହାର ଅତ୍ୟଧିକ ସୁଲଭତା। କର୍କଟ ରୋଗ ଆଜି ଆମ ଦେଶରେ ଏକ ମହାମାରୀର ରୂପ ନେଇଛି, ଯାହା ପ୍ରତିବର୍ଷ ଲକ୍ଷ ଲକ୍ଷ ଜୀବନ ନେବା ସହ ଅସଂଖ୍ୟ ପରିବାରକୁ ଦାରିଦ୍ର୍ୟ ଓ ଦୁଃଖର ଗଭୀର ଗର୍ତ୍ତକୁ ଠେଲି ଦେଉଛି। ଏହି କର୍କଟ ମହାମାରୀର ଅନ୍ୟତମ ପ୍ରମୁଖ ଇନ୍ଧନ ହେଉଛି ତମାଖୁଜାତ ଦ୍ରବ୍ୟର ଅତ୍ୟନ୍ତ କମ୍ ମୂଲ୍ୟ, ଯାହା ସମାଜର ପ୍ରତ୍ୟେକ ବର୍ଗ, ବିଶେଷ କରି ଗରିବ ଓ ଯୁବପିଢ଼ିଙ୍କ ପାଇଁ ସହଜରେ ଉପଲବ୍ଧ। ଏହି ସୁଲଭତା ହିଁ ତମାଖୁ ସେବନକୁ ଏକ ସାଧାରଣ ଅଭ୍ୟାସରେ ପରିଣତ କରିଛି, ଯାହାର ପରିଣାମ ସ୍ୱରୂପ କର୍କଟ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି।

ଭାରତରେ ବିଡ଼ି, ସିଗାରେଟ୍, ଗୁଟ୍‌ଖା, ଖଇନି ଏବଂ ଅନ୍ୟାନ୍ୟ ଧୂଆଁବିହୀନ ତମାଖୁଜାତ ଦ୍ରବ୍ୟ ଅତ୍ୟନ୍ତ ଶସ୍ତାରେ ମିଳିଥାଏ। ଏକ ବିଡ଼ି ବଣ୍ଡଲର ମୂଲ୍ୟ କିଛି ଟଙ୍କାରୁ ଆରମ୍ଭ ହୋଇଥାଏ, ଯାହା ଦିନ ମଜୁରିଆ କିମ୍ବା ଗରିବ ଶ୍ରମିକଟିଏ ପାଇଁ ମଧ୍ୟ ସହଜରେ କିଣିବା ସମ୍ଭବ। ସେହିପରି, ଗୁଟ୍‌ଖା ପାଉଚ୍ କିମ୍ବା ଖଇନିର ମୂଲ୍ୟ ଏତେ କମ୍ ଯେ, ଏହାକୁ କିଣିବା ପାଇଁ କାହାକୁ ଦୁଇଥର ଚିନ୍ତା କରିବାକୁ ପଡ଼େ ନାହିଁ। ଏହି ଅତ୍ୟଧିକ ସୁଲଭତା ହିଁ ତମାଖୁ ସେବନକୁ ଏକ ସାଧାରଣ ଅଭ୍ୟାସରେ ପରିଣତ କରିଛି, ଯାହାର ପରିଣାମ ସ୍ୱରୂପ କର୍କଟ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ଭାରତରେ ଧୂମପାନ ଏବଂ ଧୂଆଁବିହୀନ ତମାଖୁ ଉଭୟର ବ୍ୟବହାର ଏକ ଦ୍ୱୈତ ବୋଝ ସୃଷ୍ଟି କରିଛି, ଯାହା କର୍କଟ ରୋଗର ପ୍ରାଦୁର୍ଭାବକୁ ଆହୁରି ବଢ଼ାଇ ଦେଇଛି।

ଏହି ସୁଲଭତାର ଆଉ ଏକ ପ୍ରମୁଖ କାରଣ ହେଉଛି ସିଗାରେଟ୍‌କୁ ଖୁଚୁରା ଭାବରେ, ଅର୍ଥାତ୍ ଗୋଟିଏ ଗୋଟିଏ ଷ୍ଟିକ୍ କରି ବିକ୍ରି କରିବାର ପ୍ରଚଳନ। ବିଶ୍ୱର ୮୮ଟି ଦେଶରେ ଏହି ପ୍ରଥାକୁ ନିଷିଦ୍ଧ କରାଯାଇଥିବା ବେଳେ ଭାରତରେ ଏହା ଉପରେ କୌଣସି କଟକଣା ନାହିଁ। ଗୋଟିଏ ସିଗାରେଟ୍ ଷ୍ଟିକ୍‌ର ମୂଲ୍ୟ ପ୍ରାୟ ୧୫ ଟଙ୍କା ହୋଇଥିବାରୁ ଏହା ଅତି ସହଜରେ କିଣିବା ପାଇଁ ଉପଲବ୍ଧ ହୋଇଥାଏ। ଏହି ପ୍ରଥା କେବଳ ସିଗାରେଟ୍‌କୁ ଅଧିକ ସୁଲଭ କରେ ନାହିଁ, ବରଂ ଏହା ପ୍ୟାକେଟ୍ ଉପରେ ଥିବା ଗ୍ରାଫିକ୍ ସ୍ୱାସ୍ଥ୍ୟ ଚେତାବନୀକୁ ମଧ୍ୟ ବାଇପାସ୍ କରିଦିଏ, ଯାହା ଫଳରେ ସେବନକାରୀମାନେ ତମାଖୁର ଭୟାବହ ପରିଣାମ ବିଷୟରେ ଅଜ୍ଞ ରୁହନ୍ତି। ଗବେଷଣାରୁ ଜଣାପଡ଼ିଛି ଯେ, ଭାରତର ୮୭% ସିଗାରେଟ୍ ବିକ୍ରେତା ଗୋଟିଏ ଗୋଟିଏ ଷ୍ଟିକ୍ ବିକ୍ରି କରନ୍ତି ଏବଂ ସେମାନେ ପ୍ରାୟତଃ ଚା' ଦୋକାନ ନିକଟରେ କାର୍ଯ୍ୟ କରନ୍ତି, ଯାହା ଯୁବପିଢ଼ି ଏବଂ ଶ୍ରମିକ ଶ୍ରେଣୀର ଲୋକଙ୍କୁ ସହଜରେ ଆକର୍ଷିତ କରିଥାଏ।

ଜାତୀୟ ସ୍ତରରେ ହୋଇଥିବା ଅନେକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ଭାରତରେ ପ୍ରତିବର୍ଷ ୧୩ ଲକ୍ଷରୁ ଅଧିକ ଲୋକ ତମାଖୁ ସେବନ ଜନିତ ରୋଗରେ ପ୍ରାଣ ହରାଉଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ଅନୁଯାୟୀ, ୨୦୨୦ ମସିହାରେ ଭାରତର ସମୁଦାୟ କର୍କଟ ବୋଝର ୨୭% ତମାଖୁ ସମ୍ବନ୍ଧୀୟ କର୍କଟ ରୋଗ ଯୋଗୁଁ ହୋଇଥିଲା। ଏହା ବ୍ୟତୀତ, ଫୁସଫୁସ୍, ପାଟି ଏବଂ ଗଳା କର୍କଟ ଭଳି ତମାଖୁ ସମ୍ବନ୍ଧୀୟ କର୍କଟ ରୋଗ ଭାରତରେ ସମସ୍ତ କର୍କଟ ମାମଲାର ୪୦% ଅଟେ। ଏହି ସଂଖ୍ୟା ଅତ୍ୟନ୍ତ ଚିନ୍ତାଜନକ ଏବଂ ଏହା ଦର୍ଶାଉଛି ଯେ ତମାଖୁ କିପରି ଆମ ସମାଜରେ କର୍କଟର ମୁଖ୍ୟ କାରଣ ପାଲଟିଛି। ବିଶେଷ କରି ଧୂଆଁବିହୀନ ତମାଖୁ (ଗୁଟ୍‌ଖା, ଖଇନି, ଜର୍ଦ୍ଦା) ସେବନକାରୀଙ୍କ ମଧ୍ୟରେ ପାଟି କର୍କଟର ପ୍ରାଦୁର୍ଭାବ ଅତ୍ୟନ୍ତ ଭୟାବହ। ଏହି ରୋଗୀମାନେ କେବଳ ଶାରୀରିକ ଯନ୍ତ୍ରଣା ଭୋଗନ୍ତି ନାହିଁ, ବରଂ ସେମାନଙ୍କ ଚିକିତ୍ସା ପାଇଁ ପରିବାରକୁ ଆର୍ଥିକ ଭାବେ ସର୍ବସ୍ୱାନ୍ତ ହେବାକୁ ପଡ଼େ। ୨୦୨୫ ସୁଦ୍ଧା ଭାରତରେ କର୍କଟ ରୋଗୀଙ୍କ ସଂଖ୍ୟା ୧.୫୭ ନିୟୁତରେ ପହଞ୍ଚିବ ବୋଲି ଆକଳନ କରାଯାଇଛି, ଯାହା ଏହି ମହାମାରୀର ଭୟାବହତାକୁ ଆହୁରି ସ୍ପଷ୍ଟ କରୁଛି।

ତମାଖୁର ସୁଲଭତା କେବଳ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରୁନାହିଁ, ଏହା ଦେଶର ଅର୍ଥନୀତି ଉପରେ ମଧ୍ୟ ଗଭୀର ପ୍ରଭାବ ପକାଉଛି। ୨୦୧୭-୨୦୧୮ ବର୍ଷରେ ତମାଖୁ ସେବନ ଜନିତ ରୋଗ ଏବଂ ମୃତ୍ୟୁ ଯୋଗୁଁ ଭାରତରେ ମୋଟ ଆର୍ଥିକ କ୍ଷତି ୧.୭୭ ଲକ୍ଷ କୋଟି ଟଙ୍କା (ଭାରତର ମୋଟ ଘରୋଇ ଉତ୍ପାଦର ୧.୦୪%) ଥିଲା। ଏହି ବିପୁଳ ଅର୍ଥ କର୍କଟ ରୋଗର ଚିକିତ୍ସା, ଉତ୍ପାଦନଶୀଳତା ହ୍ରାସ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଖର୍ଚ୍ଚରେ ବ୍ୟୟ ହୋଇଥାଏ। କର୍କଟ ରୋଗର ଚିକିତ୍ସା ଅତ୍ୟନ୍ତ ବ୍ୟୟବହୁଳ। ଅସ୍ତ୍ରୋପଚାର, କେମୋଥେରାପି, ରେଡିଏସନ୍ ଇତ୍ୟାଦି ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ଏହି ଖର୍ଚ୍ଚ ଭାରତର ସାଧାରଣ ପରିବାର ପାଇଁ ଅସମ୍ଭବ। ଫଳରେ ଅନେକ ପରିବାର ଋଣଗ୍ରସ୍ତ ହୋଇ ଦାରିଦ୍ର୍ୟର କଷାଘାତ ସହିବାକୁ ବାଧ୍ୟ ହୁଅନ୍ତି। ଏହା ବ୍ୟତୀତ, ତମାଖୁ ସେବନକାରୀମାନେ ଅକାଳରେ ମୃତ୍ୟୁବରଣ କରିବା କିମ୍ବା ରୋଗଗ୍ରସ୍ତ ହୋଇ କାର୍ଯ୍ୟ କରିବାର କ୍ଷମତା ହରାଇବା ଦ୍ୱାରା ଦେଶର ଉତ୍ପାଦନଶୀଳତା ହ୍ରାସ ପାଏ, ଯାହା ଜାତୀୟ ଅର୍ଥନୀତି ପାଇଁ ଏକ ବଡ଼ କ୍ଷତି।

ଏହି ସମସ୍ୟାର ମୂଳରେ ରହିଛି ତମାଖୁ ଉପରେ ଲାଗୁ ହେଉଥିବା କମ୍ ଟିକସ। ଅନେକ ତମାଖୁଜାତ ଦ୍ରବ୍ୟ, ବିଶେଷ କରି ଧୂଆଁବିହୀନ ତମାଖୁ ଉପରେ ଟିକସ ହାର ଅତ୍ୟନ୍ତ କମ୍ ରହିଛି, ଯାହା ଏହାର ମୂଲ୍ୟକୁ ନିମ୍ନ ସ୍ତରରେ ରଖିବାରେ ସହାୟକ ହେଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତମାଖୁ ସେବନକୁ ପ୍ରଭାବଶାଳୀ ଭାବରେ ନିରୁତ୍ସାହିତ କରିବା ପାଇଁ ଏହାର ସର୍ବାଧିକ ଖୁଚୁରା ମୂଲ୍ୟର ୭୫% ଟିକସ ଲଗାଇବାକୁ ସୁପାରିଶ କରିଛି। କିନ୍ତୁ ଭାରତରେ ତମାଖୁ ଉପରେ ଲାଗୁ ହେଉଥିବା ଟିକସ ହାର ଏହି ସୁପାରିଶ ଠାରୁ ବହୁତ କମ୍। ସରକାର ତମାଖୁ ଉପରେ ଟିକସ ବୃଦ୍ଧି କରିବାକୁ କୁଣ୍ଠାବୋଧ କରୁଛନ୍ତି, ବୋଧହୁଏ ରାଜସ୍ୱ ହ୍ରାସ କିମ୍ବା ତମାଖୁ ଉଦ୍ୟୋଗର ଚାପ ଯୋଗୁଁ। କିନ୍ତୁ ଏହା ଏକ ଭୁଲ ନୀତି। ତମାଖୁ ଉପରେ ଟିକସ ବୃଦ୍ଧି କଲେ ଏହାର ମୂଲ୍ୟ ବଢ଼ିବ, ଯାହା ଫଳରେ ଏହାର ବ୍ୟବହାର କମିବ। ଏହା କେବଳ ସ୍ୱାସ୍ଥ୍ୟଗତ ଲାଭ ଦେବ ନାହିଁ, ବରଂ ସରକାରଙ୍କ ରାଜସ୍ୱ ମଧ୍ୟ ବୃଦ୍ଧି ପାଇବ, ଯାହାକୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିନିଯୋଗ କରାଯାଇପାରିବ।

ଏହା ବ୍ୟତୀତ, ତମାଖୁ କମ୍ପାନୀମାନେ ନିଜର ଲାଭ ପାଇଁ ଯୁବପିଢ଼ିଙ୍କୁ ଟାର୍ଗେଟ୍ କରି ବିଭିନ୍ନ ପ୍ରକାରର ଆକର୍ଷଣୀୟ ବିଜ୍ଞାପନ ଓ ପ୍ରଚାର କରୁଛନ୍ତି। ସେମାନେ ଜାଣିଛନ୍ତି ଯେ, ଯଦି ଜଣେ ବ୍ୟକ୍ତି କମ୍ ବୟସରେ ତମାଖୁ ସେବନ ଆରମ୍ଭ କରେ, ତେବେ ସେ ଜୀବନସାରା ଏହାର ନିଶାରେ ଫସି ରହିବ। ଧୂଆଁବିହୀନ ତମାଖୁ ଅନେକ ସମୟରେ ସିଗାରେଟ୍ ଠାରୁ ଅଧିକ ଏବଂ ଦୀର୍ଘସ୍ଥାୟୀ ନିକୋଟିନ୍ ମାତ୍ରା ପ୍ରଦାନ କରିଥାଏ, ଯାହା ଯୁବ ବ୍ୟବହାରକାରୀଙ୍କୁ ଅଧିକ ନିଶାଗ୍ରସ୍ତ କରିଥାଏ। ଏହି ଲାଭଖୋର କମ୍ପାନୀମାନଙ୍କ ଉପରେ କଠୋର ନିୟନ୍ତ୍ରଣ ଲଗାଇବା ଅତ୍ୟନ୍ତ ଜରୁରୀ।

ସମୟ ଆସିଛି, ଯେତେବେଳେ ସରକାର ଏହି ଗମ୍ଭୀର ସମସ୍ୟା ପ୍ରତି ଅଧିକ ଗୁରୁତ୍ୱ ଦେବେ। କେବଳ ସଚେତନତା କାର୍ଯ୍ୟକ୍ରମ ଯଥେଷ୍ଟ ନୁହେଁ। ତମାଖୁ ଉପରେ ଟିକସ ବୃଦ୍ଧି କରିବା, ବିଶେଷ କରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସୁପାରିଶ ଅନୁଯାୟୀ ୭୫% ଟିକସ ଲାଗୁ କରିବା, ସିଙ୍ଗଲ୍ ଷ୍ଟିକ୍ ସିଗାରେଟ୍ ବିକ୍ରିକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା, ସମସ୍ତ ପ୍ରକାର ତମାଖୁ ବିକ୍ରି ଓ ବିଜ୍ଞାପନ ଉପରେ କଠୋର ନିୟମ ଲାଗୁ କରିବା, ଏବଂ ତମାଖୁ ଛାଡ଼ିବାକୁ ଚାହୁଁଥିବା ବ୍ୟକ୍ତିଙ୍କ ପାଇଁ ସହାୟତା କେନ୍ଦ୍ର ଖୋଲିବା ଅତ୍ୟନ୍ତ ଜରୁରୀ। ବିଶେଷ କରି ଗ୍ରାମାଞ୍ଚଳରେ ତମାଖୁର ପ୍ରଚଳନ ଅଧିକ ଥିବାରୁ ସେଠାରେ ସ୍ୱାସ୍ଥ୍ୟସେବା ଓ ସଚେତନତା କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ କରିବା ଆବଶ୍ୟକ।

ତମାଖୁର ସୁଲଭତା ଆମ ସମାଜ ପାଇଁ ଏକ ମୃତ୍ୟୁଫାଶ ସଦୃଶ। ଏହା କେବଳ ବ୍ୟକ୍ତିଗତ ସ୍ୱାସ୍ଥ୍ୟକୁ ନୁହେଁ, ବରଂ ସମଗ୍ର ଦେଶର ଭବିଷ୍ୟତକୁ ବିପଦରେ ପକାଉଛି। ଏହି କର୍କଟ ମହାମାରୀକୁ ରୋକିବା ପାଇଁ ସରକାର, ସମାଜ ଏବଂ ପ୍ରତ୍ୟେକ ନାଗରିକଙ୍କୁ ମିଳିତ ଭାବେ କାର୍ଯ୍ୟ କରିବାକୁ ପଡ଼ିବ। ନଚେତ୍, ଆମେ ଏକ ରୋଗଗ୍ରସ୍ତ ଓ ଦାରିଦ୍ର୍ୟଗ୍ରସ୍ତ ଭବିଷ୍ୟତ ଆଡ଼କୁ ଗତି କରିବା। ଏହି ମହାମାରୀକୁ ରୋକିବା ପାଇଁ ତମାଖୁର ମୂଲ୍ୟ ବୃଦ୍ଧି ଏକ ପ୍ରମୁଖ ଅସ୍ତ୍ର, ଯାହାକୁ ତୁରନ୍ତ ପ୍ରୟୋଗ କରିବା ଆବଶ୍ୟକ। ଆମର ଓ ଆସନ୍ତା ପିଢ଼ିକୁ ଏକ ସୁସ୍ଥ ଓ କର୍କଟମୁକ୍ତ ଭବିଷ୍ୟତ ଦେବା ଆମ ସମସ୍ତଙ୍କର ଦାୟିତ୍ୱ।

## ଧ୍ୱନି ପ୍ରତିଧ୍ୱନି

# ନୋବେଲ ବିଜୟିନୀ ପାର୍ଲ.ବକଙ୍କ ହୃଦୟରେ ଗଙ୍ଗାଧର



## ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ପର୍ଲ. ଏସ. ବକ ନୋବେଲ ପୁରସ୍କାର ବିଜୟିନୀ ସୁପ୍ରସିଦ୍ଧ ଆମେରିକୀୟ କଥାଶିଳ୍ପୀ। ତାଙ୍କ ହୃଦୟରେ ପୁଣି ଓଡ଼ିଶାର ସ୍ୱଭାବ – କବି ଗଙ୍ଗାଧର ମେହେର? ଏହା କିପରି ସମ୍ଭବ? ଅନେକ କଳ୍ପନାତୀତ ଘଟଣା ବାସ୍ତବତାରେ କିପରି ରୂପାୟିତ ହୋଇପାରେ ଏହା ତାହାର ଏକ ଶ୍ରେଷ୍ଠ ଦୃଷ୍ଟାନ୍ତ।

ବରପାଲିରେ ଆମେରିକାନ ଫ୍ରେଣ୍ଡସ ସର୍ଭିସ କମିଟି : ଭାରତର ସ୍ୱାଧୀନତା ପ୍ରାପ୍ତି ପରେ ସମଗ୍ର ଦେଶବ୍ୟାପୀ ଯେଉଁ ନବଜାଗରଣର ପର୍ବ ଆରମ୍ଭ ହୋଇଥିଲା, ଗଙ୍ଗାଧରଙ୍କ ପବିତ୍ର ଜନ୍ମପୀଠ ବରପାଲିରେ ତାହା ସୁବିକଶିତ ହୋଇଉଠୁଥାଏ କବିପୁତ୍ର ଭଗବାନ ମେହେରଙ୍କ ବିନୀତ ଅଥଚ ସୁଦୃଢ଼ ନେତୃତ୍ୱରେ। ଆମେରିକାନ ଫ୍ରେଣ୍ଡସ ସର୍ଭିସ କମିଟି ପୃଥିବୀର ବିଭିନ୍ନ ଅନୁନ୍ନତ ଅଂଚଳରେ ନିସ୍ୱାର୍ଥ ସେବାକାର୍ଯ୍ୟ, ସ୍ୱକୀୟ ମୌଳିକ ପ୍ରାୟୋଗିକ ଜ୍ଞାନ ବିଜ୍ଞାନ-ସଂଭୂତ ପଦ୍ଧତି ଆଧାରରେ ମାନବୀୟ ଦକ୍ଷତାର ଦ୍ରୁତ ଅଭିବୃଦ୍ଧି ଆଉ ଏହାରି ମାଧ୍ୟମରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମଗ୍ର ମାନବ ଜାତି ମଧ୍ୟରେ ଶାନ୍ତି, ମୈତ୍ରୀ, ସହଯୋଗ, ସଦଭାବନା, ନିର୍ମଳ ଆତ୍ମୀୟତାର ମହତ ଭାବ ପ୍ରତିଷ୍ଠା ଓ ତାହାର ବ୍ୟାପକ ସମ୍ପ୍ରସାରଣ ନିମିତ୍ତ ବିଶ୍ୱ – ପ୍ରସିଦ୍ଧି ଲାଭ କରିସାରିଥାଏ । ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଭାରତର ବାତାୟନ ସବୁ ଉନ୍ମୁକ୍ତ କରିଦେଇଥିଲେ ବିଶ୍ୱର ସମୁନ୍ନତ ଦେଶଗୁଡିକ ଉଦ୍ଦେଶ୍ୟରେ। ତଦନୁଯାୟୀ ଭାରତ ସରକାରଙ୍କ ଆମନ୍ତ୍ରଣ ସହର୍ଷ ଚିତ୍ତରେ ଗ୍ରହଣ କରିନିଅନ୍ତି ଉକ୍ତ ସଂସ୍ଥାର କର୍ମକର୍ତ୍ତାମାନେ । ଭାରତବର୍ଷର ଯେ କୌଣସି ଗ୍ରାମାଞ୍ଚଳ ହୋଇପାରିଥାନ୍ତା ତାଙ୍କର କାର୍ଯ୍ୟକ୍ଷେତ୍ର। ତେବେ ସେଥିପାଇଁ ଭାରତ ସରକାର ମନୋନୀତ କଲେ ସ୍ୱଭାବ -କବି ଗଙ୍ଗାଧର ମେହେରଙ୍କ ଜନ୍ମସ୍ଥାନ ବରପାଲିକୁ। ଏହା ଏକ ଆଶ୍ଚର୍ଯ୍ୟ ଜନକ ସଂଯୋଗ ବୋଲି ଚିନ୍ତା କରାଯାଇପାରେ।୧୯୫୨ମସିହାରୁ ୧୯୬୨ ମସିହା ପର୍ଯ୍ୟନ୍ତ ଆମେରିକୀୟ ବନ୍ଧୁବର୍ଗଙ୍କ ନିଃସ୍ୱାର୍ଥ ସେବା ମନୋବୃତ୍ତି ସମଗ୍ର ଗ୍ରାମଟିକୁ ପରିଣତ କରିଦେଇଥିଲା ଏକ ବୈକୁଣ୍ଠ ସମାନ ପରିବାରରେ। ଗ୍ରାମ୍ୟ ଜୀବନ ଓ ଗ୍ରାମ୍ୟ ରାଜନୀତି ଆଜି ପରି ହୋଇଯାଇ ନଥିଲା କଳୁଷିତ। ବରପାଲିର ସଚେତନ ନାଗରିକ ବୃନ୍ଦ ପଞ୍ଚାୟତର ସର୍ବପ୍ରଥମ ସରପଞ୍ଚ ଭାବରେ ଯାହାଙ୍କୁ କରିଥିଲେ ନିର୍ବାଚିତ ସେ ହେଉଛନ୍ତି କବିପୁତ୍ର ଭଗବାନ ମେହେର। ଆମେରିକାରୁ ଆସି ବରପାଲିରେ ରହୁଥାନ୍ତି ବହୁ ପ୍ରତିଷ୍ଠିତ ଡାକ୍ତର ଓ ସ୍ୱେଚ୍ଛାସେବୀ। ଏହି ଅଂଚଳର ନାନାବିଧ ବିକାଶ ନିମନ୍ତେ ସେମାନେ ଆନ୍ତରିକ ସାହାଯ୍ୟ ସହଯୋଗ ଲାଭ କରୁଥାନ୍ତି ଭଗବାନ ମେହେରଙ୍କ ଠାରୁ।

ଭଗବାନ ମେହେରଙ୍କ ସହ ଅଲଷ୍ଟନ ଓ୍ୱାରିଙ୍ଗଙ୍କ ସ୍ମରଣୀୟ ସାକ୍ଷାତକାର : ଦିନକର ଘଟଣା। ଭଗବାନ ମେହେରଙ୍କ ନିକଟକୁ ଅନ୍ୟ ଦିନ ପରି ପହଞ୍ଚି ଆସନ୍ତି ଆମେରିକାନ ଫ୍ରେଣ୍ଡସ ସର୍ଭିସ କମିଟିର କୃଷି ବିଶେଷଜ୍ଞ ମିଷ୍ଟର ଅଲଷ୍ଟନ ଓ୍ୱାରିଙ୍ଗ। ସେ ଦେଖନ୍ତି ଭଗବାନ ମେହେରଙ୍କ ହାତରେ ଖଣ୍ଡିଏ ବହି। ଜାଣିବାକୁ ଚାହାଁନ୍ତି ବହିଟିର ନାମ। ଭଗବାନ ମେହେରଙ୍କ ମୃଦୁ ମଧୁର କଣ୍ଠରୁ ଯେଉଁ ଶବ୍ଦ ଉଚ୍ଚାରିତ ହୁଏ, ତାହା ଶୁଣି ଚମକି ଉଠନ୍ତି ଓ୍ୱାରିଙ୍ଗ। ବହିଟି ଥିଲା ପାର୍ଲ. ଏସ. ବକଙ୍କ ଦ୍ୱାରା ଲିଖିତ 'ଦି ଗୁଡ ଆର୍ଥ'ର ଓଡ଼ିଆ ଅନୁବାଦ। ଡକ୍ଟର ଓ୍ୱାରିଙ୍ଗ ଆଉ ରୋକିଦେଇ ପାରନ୍ତି ନାହିଁ ତାଙ୍କ ହୃଦୟର ଉତ୍ତାଳ ଉଲ୍ଲସିତ ତରଙ୍ଗ। ଆବେଗପୂର୍ଣ୍ଣ ଶ୍ରଦ୍ଧାସିକ୍ତ କଣ୍ଠରେ ପ୍ରକାଶ କରି ଦିଅନ୍ତି ଯେ, ପୁସ୍ତକର ଲେଖିକା ହେଉଛନ୍ତି ତାଙ୍କର ଅତ୍ୟନ୍ତ ଘନିଷ୍ଠ ପ୍ରତିବେଶୀ। ଭଗବାନ ମେହେରଙ୍କ ମଧ ଆଶ୍ଚର୍ଯ୍ୟର ସୀମା ନଥାଏ। ଏହା ପରେ ଉଭୟଙ୍କ ବାର୍ତ୍ତାଳାପ କେନ୍ଦ୍ରୀଭୂତ ହୋଇଯାଏ ଗୁଡ଼ ଆର୍ଥ ଉପନ୍ୟାସର ଆଲୋଚନାରେ। ବହିଟି କେଉଁ ଦୃଷ୍ଟିରୁ ମର୍ମସ୍ପର୍ଶୀ ହୋଇପାରିଛି ତାହା, ଓ୍ୱାରିଙ୍ଗ ମହୋଦୟ ସୌଜନ୍ୟସିକ୍ତ ଭାବବିନିମୟ ମାଧ୍ୟମରେ କବିପୁତ୍ରଙ୍କ ହୃଦୟ ଅଭ୍ୟନ୍ତରରୁ ଆବିଷ୍କାର କରିନିଅନ୍ତି। ଉପନ୍ୟାସରେ ଚୀନ ଦେଶର କୃଷକ ଜୀବନର ଯେଉଁ ପ୍ରାଣବନ୍ତ ଚିତ୍ର ଅଙ୍କନ କରିଛନ୍ତି ପାର୍ଲ ବକ ତାହା ଯେ ସାରା ପୃଥିବୀର କୃଷକ ଆତ୍ମାର କାହାଣୀ -ଏହା ବ୍ୟକ୍ତ କରିଥିଲେ ସେ ଦିନ ଭଗବାନ ମେହେର ତାଙ୍କର ଶ୍ରଦ୍ଧାପୁତ କଣ୍ଠରେ । ଏହା ଶୁଣି କିପରି୍ଵ ଅଭିଭୂତ ହୋଇନଥାନ୍ତେ ଅଲଷ୍ଟନ ଓ୍ୱାରିଙ୍ଗ ! ଏହା ୧୯୫୪ ମସିହାର ଘଟଣା। ଏହାର କିଛି ଦିନ ପରେ ଓ୍ୱାରିଙ୍ଗ ଯାତ୍ରା କରନ୍ତି ଆମେରିକା।

ପାର୍ଲ. ବକଙ୍କ ଉଦ୍ଦେଶ୍ୟରେ କବିପୁତ୍ରଙ୍କ ହାର୍ଦ୍ଦିକ ଉପହାର : ଅଲଷ୍ଟନ ଓ୍ୱାରିଙ୍ଗ ଆମେରିକା ଯିବା ପୂର୍ବରୁ ଭଗବାନ ମେହେର ଅତ୍ୟନ୍ତ ଯତ୍ନ ସହକାରେ ପାର୍ଲ. ବକଙ୍କ ନିମନ୍ତେ ଏକ ଉପହାର ପ୍ୟାକେଟ ପ୍ରସ୍ତୁତ କରିଦେଇଥିଲେ। ସେଥିରେ ରହିଥାଏ ତିନୋଟି ଆକର୍ଷଣୀୟ ବିଷୟ। ପାର୍ଲ. ବକଙ୍କ ଉଦ୍ଦେଶ୍ୟରେ ଏକ ମାର୍ମିକ ପତ୍ର, ଯାହା ଗୁଡ଼ଆର୍ଥ ସମ୍ପର୍କିତ ତାଙ୍କ ହୃଦୟର ନିବିଡ଼ ଅନୁଭୂତି। ଏହା ସହିତ ବହିଟିର ଓଡ଼ିଆ ଅନୁବାଦରୁ ଖଣ୍ଡିଏ ବହି। ଶେଷରେ ଯାହା ଥିଲା ସବୁଠାରୁ ମୂଲ୍ୟବାନ, ସେ ସମୟରେ ଗଙ୍ଗାଧରଙ୍କ ଏକମାତ୍ର 'ଭକ୍ତି' କବିତାର ଇଂରାଜୀ ଅନୁବାଦ। ଅଲଷ୍ଟନ ଓ୍ୱାରିଙ୍ଗଙ୍କ ପାଇଁ ଏହାଠାରୁ ଅଧିକ ଅମୂଲ୍ୟ ଉପହାର କଣ ବା ହୋଇପାରିଥାନ୍ତା!! ଭାରତବର୍ଷରୁ ଆମେରିକା ଅଭିମୁଖେ ମହାକାଶ ବକ୍ଷରେ ସୁନୀଳ ଆଟଲାଣ୍ଟିକ ମହାସାଗର ଉପରେ ସେ ବିମାନରେ ଯାତ୍ରା କରୁଥିବାବେଳେ ଏକ ଅବର୍ଣ୍ଣନୀୟ ଗୌରବବୋଧରେ ବିଗଳିତ ହୋଇଯାଉଥାନ୍ତି ମୁହୁର୍ମୁହୁ ।

ପାର୍ଲ. ବକଙ୍କ ବାସଗୃହରେ ଅଲଷ୍ଟନ ଓ୍ୱାରିଙ୍ଗ : ନିଜ ପ୍ରିୟ ସହର ନିଉ ହୋପ ବକ୍ସକାଣ୍ଟି, ସେନା ପହଂଚିବା ଅଳ୍ପ ସମୟ ମଧ୍ୟରେ ସେ ପାର୍ଲ. ବକଙ୍କୁ ସାକ୍ଷାତ କରିବାର ଆନ୍ତରିକ ଅଭିଳାଷ ଚିଠି ଲେଖି ଜଣାଇ ଦେଇଥିଲେ। ଏହା ପରେ ସେ ଅପେକ୍ଷା କରି ରହିଥାନ୍ତି କେଉଁ ଦିନ ପାର୍ଲ. ବକଙ୍କ ନିକଟକୁ ଯାଇ ଶ୍ରଦ୍ଧା -ସ୍ପନ୍ଦିତ ହାତରେ ବଢ଼ାଇ ଦେବେ ବରପାଲିରୁ ନେଇ ଆସିଥିବା ହୀରାଖଣ୍ଡର ଶ୍ରେଷ୍ଠ ଉପହାର। ପାର୍ଲ.ବକ ଓ ତାଙ୍କ ସ୍ୱାମୀଙ୍କ ସହ ଦେଖା ତଥା ଏକାଠି ନୈଶ ଭୋଜନ ପାଇଁ ସେ ସସ୍ତ୍ରିକ ପହଁଚିଲେ ଦିନେ ତାଙ୍କ ଘରେ। ଓ୍ୱାରିଙ୍ଗ ଘର ଠାରୁ ପାର୍ଲ ବକଙ୍କ ଘର ମାତ୍ର ଛଅ କିଲୋମିଟର। କାରରେ ଗଲେ ଦଶ ମିନିଟର ରାସ୍ତା। ସେଇ ଅବିସ୍ମରଣୀୟ ସାନ୍ଧ୍ୟକାଳୀନ ଅନୁଭୂତି କି ଆବେଗର ସହିତ ବର୍ଣ୍ଣନା କରି ଚିଠି ଲେଖିଛନ୍ତି ସେ ଭଗବାନ ମେହେରଙ୍କ ନିକଟକୁ !!!

ପାର୍ଲ. ବକଙ୍କ ପ୍ରକୋଷ୍ଠରେ ବରପାଲିର ବାସ୍ନା : ସତେ ଯେମିତି ସେହି ସାୟାହ୍ନ ସମୟର ଆମେରିକା ମାଟିରେ ଅଲଷ୍ଟନଙ୍କ ବ୍ୟଗ୍ର ପଦପାତର ଶବ୍ଦ ଭାରତ ମାଟିରେ ଶୁଣିହୁଏ ସୁସ୍ପଷ୍ଟ ଭାବରେ। ଅଜସ୍ର ଶୁଭେଚ୍ଛା ନେଇ ପହଂଚି ଯାଆନ୍ତି ସେ ପାର୍ଲ. ବକଙ୍କ ନିକଟକୁ। ତାପରେ ବରପାଲିର ଧାନକ୍ଷେତ, ଫ୍ରେଣ୍ଡସ ସୋସାଇଟିର ପ୍ରୋଜେକ୍ଟ, ଲୋକାଳୟ ଆଉ ରାସ୍ତାର ଧୂଳି ବାଲିର ବାସ୍ନାରେ ହିଁ ମହକି ଉଠେ ପାର୍ଲ. ବକଙ୍କ ପ୍ରକୋଷ୍ଠଟି। କି ବିସ୍ତୃତ ଭାବରେ ଅଲଷ୍ଟନ ବର୍ଣ୍ଣନା କରନ୍ତି ତାଙ୍କର ବିରଳ ଅନୁଭୂତି ! ପାର୍ଲ ବକ କିପରି ନିରବ, ସ୍ତବ୍ଧ ମୁଦ୍ରାରେ ଶୁଣୁଥିଲେ ସେଇ ଅଭିବ୍ୟକ୍ତି ଆଉ ଅପଲକ ପ୍ରାଣୋଚ୍ଛଳ ଆଖି ଦୁଇଟି ତାଙ୍କର କିପରି ଅନାଇ ରହିଥିଲା ଅଲଷ୍ଟନଙ୍କ ମୁଗ୍ଧ ମୁଖମଣ୍ଡଳକୁ ତାହାର ଦୃଶ୍ୟ ଲିଖିତ ଅକ୍ଷର ଅପେକ୍ଷା ଅଲିଖିତ ଭାବାକ୍ଷରରେ ସାଇତା ହୋଇ ରହିଛି ଅଧିକ। କବି ଗଙ୍ଗାଧର ମେହେରଙ୍କ ପାଇଁ କିପରି ବରପାଲି ଗୌରବାନ୍ୱିତ, ତାଙ୍କ କାବ୍ୟ କବିତା ଘରେ ଘରେ କିପରି ପ୍ରିୟ, ଜୀବନ-ବୃତ୍ତାନ୍ତ ତାଙ୍କର କିପରି ସଂଘର୍ଷମୟ ତାହା ଜଣାଇ ଦେଇଛନ୍ତି ଅଲଷ୍ଟନ ।ଭଗବାନ ମେହେରଙ୍କ ଜନସେବାରେ ସମର୍ପିତ ବ୍ୟକ୍ତିତ୍ୱ ଓ ବରପାଲିର ପ୍ରିୟ ବନ୍ଧୁବର୍ଗଙ୍କ କଥା ସଂଗୀତ ପରି ଧ୍ୱନିତ ହେଉଥିଲା ଅଲଷ୍ଟନଙ୍କ ଓଷ୍ଠାଧାରରେ ।ଯେଉଁମାନେ ଜାଣନ୍ତି ପାର୍ଲ. ବକଙ୍କ ଜୀବନ କାହାଣୀ, ସେମାନେ ଏହା ମନେ ରଖିଥିବେ ଯେ, ତାଙ୍କର ସୁକୁମାର ଶୈଶବ ବିତିଯାଇଥିଲା ଚୀନ ଦେଶରେ। ଯଦିଓ ସେ ଆମେରିକୀୟ,ଚୀନର କୃଷକ ଜୀବନକୁ କେନ୍ଦ୍ର କରି ତେଣୁ ଲେଖିଥିଲେ 'ଦି ଗୁଡଆର୍ଥ'ଉପନ୍ୟାସ। ତାହା ଲେଖିବାବେଳେ ସେ ପ୍ରଥମେ ଭାବୁଥିଲେ ଯେ, କେବଳ ଚୈନିକ କୃଷକ ଜୀବନର ଚିତ୍ର ଅଙ୍କନ କରୁଛନ୍ତି ବୋଲି। ଲେଖା ସରିଯିବା ପରେ ଅଭିନବ ପରିତୃପ୍ତିରେ ପରିପୂର୍ଣ୍ଣ ହୋଇ ଯାଇଥିଲା ତାଙ୍କ ଶିଳ୍ପୀ-ସତ୍ତା। କାରଣ ସେ ମର୍ମେ ମର୍ମେ ଅନୁଭବ କଲେ ଯେ ସାରା ପୃଥିବୀର କୃଷକ ଆତ୍ମାର ସ୍ପନ୍ଦନ ଭରିଯାଇଛି ଗୁଡ଼ ଆର୍ଥର ପୃଷ୍ଠାରେ ପୃଷ୍ଠାରେ ।ତାହା ସଂସାଧିତ ହୋଇ ଯାଇଛି ତାଙ୍କ ଅଜାଣତରେ। ସେ ଦିନ ଅଲଷ୍ଟନ ଓ୍ୱାରିଙ୍ଗ ଠାରୁ ଶୁଣିଲେ ଯେତେବେଳେ ଭାରତୀୟ କୃଷକ ଜୀବନର ସ୍ୱେଦସିକ୍ତ ସ୍ୱର, ସେତେବେଳେ ଆହୁରି ବିଶ୍ୱାସ ତାଙ୍କର ଦୃଢ଼ୀଭୂତ ହୋଇଗଲା ଯେ, ସମଗ୍ର ପୃଥିବୀର କୃଷକର ଆତ୍ମା ହେଉଛି ଏକ ଓ ଅଭିନ୍ନ।

ପାର୍ଲ. ବକଙ୍କ ହାତରେ ଅର୍ପିତ ହେଲା ବରପାଲିର ଉପହାର : ଏତିକିରେ ଉଭୟଙ୍କ ବାର୍ତ୍ତାଳାପ ସୀମିତ ନଥିଲା। ଅଲଷ୍ଟନ ଓ୍ୱାରିଙ୍ଗଙ୍କ ଦ୍ୱାରା ଉଦଘାଟିତ ହେଲା ପରବର୍ତ୍ତୀ ପର୍ବ। ସଭାର ଶେଷ କାର୍ଯ୍ୟକ୍ରମ ଥାଏ ଯେପରି ପୁରସ୍କାର ବିତରଣ ଆଉ ଆନନ୍ଦରେ ଉଛୁଳି ଉଠୁଥାଏ ସଭାସ୍ଥଳ, ସେଇଭଳି ଶିହ୍ରଣ ଖେଳିଗଲା ପ୍ରତ୍ୟେକଙ୍କ ଶିରାରେ ଶିରାରେ। ବରପାଲିରୁ ଅଲଷ୍ଟନ ବିଦାୟ ନେବାବେଳେ ଭଗବାନ ମେହେର ତାଙ୍କ ହାତରେ ଅର୍ପଣ କରିଦେଇଥିଲେ ପାର୍ଲ. ବକଙ୍କ ପାଇଁ ସାହିତ୍ୟର ଯେଉଁ ସଶ୍ରଦ୍ଧ ଉପହାର, ତାହାକୁ ଅତ୍ୟନ୍ତ ସମ୍ମାନର, ମର୍ଯ୍ୟାଦାର ସହ ବଢ଼ାଇ ଦେଲେ ତାଙ୍କ ହାତକୁ। ପାର୍ଲ. ବକଙ୍କ ଯେଉଁ ଦୁଇ ହାତ ଦିନେ ଗ୍ରହଣ କରିଥିଲେ ନୋବେଲ ପୁରସ୍କାର, ସେଇ ହାତ ଉଦାର-ଉଲ୍ଲାସର ସହ ପ୍ରସାରିତ ହୋଇ ଆସିଲା ବରପାଲିରୁ ପ୍ରେରିତ ଉପହାର ଗ୍ରହଣ କରିବା ପାଇଁ। ସେଇ ଭାବୋଚ୍ଛଳ ମୁହୂର୍ତ୍ତ ସହିତ ଏକାତ୍ମ ହୋଇଯିବା ବେଳକୁ ମନେହେଉଛି ସତେ କି ପାର୍ଲ. ବକ ଦ୍ୱିତୀୟ ଥର ପାଇଁ ନୋବେଲ ପୁରସ୍କାର ଗ୍ରହଣ କରୁଛନ୍ତି କୃତଜ୍ଞତାପୂର୍ଣ୍ଣ ଭାବ -ମୁଦ୍ରାରେ।

କିଛି କ୍ଷଣ କାହାରି ମୁହଁରୁ ଶବ୍ଦ ସ୍ଫୁରିତ ହେଲା ନାହିଁ। ନିଜର ଉତ୍କଣ୍ଠା ରୁଦ୍ଧ କରି ନପାରି ପାର୍ଲ. ବକ ଆଖିରେ ଆଖିରେ ପଢିଗଲେ ଭଗବାନ ମେହେରଙ୍କ ଶିଷ୍ଟତାର ନମ୍ରକାନ୍ତି ଧରି ରଖିଥିବା ଅକ୍ଷରସବୁକୁ। ତାପରେ ଦେଖିଲେ ତାଙ୍କର ଶ୍ରେଷ୍ଠ କୃତି ଗୁଡ଼ ଆର୍ଥର ଓଡ଼ିଆ ରୂପାନ୍ତର। ଯେଉଁ ହାତରେ କଲମ ଧରି ଲେଖିଥିଲେ ଉପନ୍ୟାସ ସେଇ ହାତରେ ଛୁଇଁଗଲେ ଓଡ଼ିଆ ଅକ୍ଷରମାନଙ୍କୁ। ପଢ଼ି ପାରୁ ନଥିଲେ ମଧ ଦେଖି ପାରିଲେ ତାଙ୍କ ପ୍ରିୟ ନାୟକ ନାୟିକା ଓ୍ୟାଲାଙ୍ଗ ଆଉ ଓଲାନଙ୍କ ମୁହଁର ପ୍ରତିବିମ୍ବ କେତେ ସ୍ପଷ୍ଟ ଭାବରେ ବାରି ହୋଇ ପଡୁଛି। ଗଙ୍ଗାଧରଙ୍କ କବିତାର ଏକ ଅବିଚ୍ଛେଦ୍ୟ ଅଂଶ ପାର୍ଲ. ବକ?

କିଛି ମୁହୂର୍ତ୍ତ ପାର୍ଲ. ବକ ଧ୍ୟାନନିବିଷ୍ଟ ଚିତ୍ତରେ ଦୃଷ୍ଟି କେନ୍ଦ୍ରୀଭୂତ କରି ରଖିଲେ ଗଙ୍ଗାଧରଙ୍କ କବିତାର ଇଂରାଜୀ ଅନୁବାଦ ପୃଷ୍ଠା ଉପରେ। ତାଙ୍କ ଦୃଷ୍ଟି ଆକର୍ଷଣ କରିଥିବ କେଉଁ ପଦପଂକ୍ତି? ସେ କଣ 'ଭକ୍ତି' କବିତାର ଗୋଟିଏ ଦୁଇଟି ପଦ ପଢ଼ିଥିବେ ସେଇ ନିରବ କ୍ଷଣଟିରେ? କେଜାଣି। ତାହା ତ ଅତି ପାଖରେ ବସି ରହିଥିବା ଅଲଷ୍ଟନ ଓ୍ୱାରିଙ୍ଗ ବି ଜାଣି ପାରିବା ସମ୍ଭବ ହୋଇ ନଥିବ। ଆଉ ଆମେ ମହାସାଗର ତଥା ମହାକାଳଖଣ୍ଡର ଏ ପଟେ ରହି କିପରି ତାହା କଳ୍ପନା କରିବା ସମ୍ଭବ? ସେଇ କ୍ଷଣ ସବୁ ଏତେ ପ୍ରଶାନ୍ତ ଥିଲେ ଯେ ଲାଗୁଥିଲା ଏକ ଧ୍ୟାନ ଗୃହରେ ସେମାନେ ଭାବକ୍ଷବିଷ୍ଟ। କେତୋଟି ମିନିଟ ଭିତରେ ଶିଳ୍ପୀ ଚେତନା ଭିତରେ ଯେ କଣ ଘଟିଯାଏ ତାହା କାହାରି ପକ୍ଷରେ କଳନା କରିବା ଆଦୌ ସମ୍ଭବ ନୁହେଁ। ସେଇପରି ଧ୍ୟାନସ୍ଥ ଅବସ୍ଥା ଅବ୍ୟାହତ ରଖି ପାର୍ଲ ବକ ଯେତେବେଳେ ମୁହଁ ଟେକି ଚାହିଁଲେ ନିଜ ପ୍ରିୟ ବନ୍ଧୁ ଓ ବନ୍ଧୁ ପତ୍ନୀଙ୍କ ମୁହଁକୁ, ଓ୍ୱାରିଙ୍ଗ ହୋଇଗଲେ କଣ୍ଠରୁଦ୍ଧ କାଷ୍ଠ ପୁତ୍ତଳିକା ସଦୃଶ । କଣ ସେ ଦେଖୁଛନ୍ତି? ପାର୍ଲ. ବକଙ୍କ ସମଗ୍ର ମୁଖମଣ୍ଡଳରେ ଏ କି ଭାବର ସଂକେତ? ତାଙ୍କ ରୂପ ଯେ ସମ୍ପୂର୍ଣ୍ଣ ପରିବର୍ତ୍ତିତ!! ସେ ପାର୍ଲ. ବକଙ୍କୁ ଦେଖୁଛନ୍ତି, ନା ଈଶ୍ୱରଙ୍କ ଉଦ୍ଦେଶ୍ୟରେ ନିବେଦିତ ଏକ ତପସ୍ୱିନୀଙ୍କୁ ? ଅଲଷ୍ଟନ କଣ ଦେଖୁଥିଲେ ତାହା ବୁଝିପାରିବାର ସୀମା ଅତିକ୍ରମ କରିଥିଲେ ସେଠି ।ଆମେ ବା କିପରି କଳ୍ପନା କରିବା ସମ୍ଭବ ପାର୍ଲ. ବକଙ୍କ ଅସାମାନ୍ୟ ରୂପର ରହସ୍ୟ ଅନ୍ତରାଳରେ ରହିଥିଲା କି ଭାବୋଚ୍ଛ୍ୱାସ । ଓ୍ୱାରିଙ୍ଗ ଦେଖିଲେ : ପାର୍ଲ. ବକଙ୍କ ଦୁଇ ଭାବସ୍ନିଗ୍ଧ ଆଖି ସତେ ଯେମିତି ପ୍ରତିଭାତ ହେଉଛି ବରପାଲିର ଦୁଇଟି ପୂର୍ଣ୍ଣଗର୍ଭକ୍ଷ ପୁଷ୍କରିଣୀ ପରି। ଯେଉଁ ଭାଷା ପୃଥିବୀର ଆବାଳବୃଦ୍ଧବନିତା ଅଧ୍ୟୟନ କରିପାରନ୍ତି କୌଣସି ଆନୁଷ୍ଠାନିକ ଶିକ୍ଷା ଲାଭ ନ କରି ମଧ, ସେଇ ପବିତ୍ର ଭାଷାର ଅକ୍ଷର-ଶିଶିର ଦେଖିପାରୁଥିଲେ ଓ୍ୱାରିଙ୍ଗ ବିଶ୍ୱବନ୍ଦିତା ଲେଖିକାଙ୍କ ଆୟତ ନୟନରେ। ପାର୍ଲ. ବକ ଓ୍ୱାରିଙ୍ଗଙ୍କୁ ବିସ୍ମିତ କରିଦେଇ ବାଷ୍ପରୁଦ୍ଧ କଣ୍ଠରେ କହିଲେ : 'ଭାରତ ଭୂମିର ପବିତ୍ର ଧୂଳିକଣାରେ ମୁଁ ପରିଣତ ହୋଇ ଗଲି କି? 'ଅଲଷ୍ଟନ ଓ୍ୱାରିଙ୍ଗଙ୍କର ବୁଝିବାର ବାକି ନଥିଲା ଯେ ଗଙ୍ଗାଧର ବା ପାର୍ଲ.ବକ

କେଉଁ ସ୍ତରର ସାହିତ୍ୟ ଶିଳ୍ପୀ। ବରପାଲିରେ ଥିବାବେଳେ କେତେଥର ସେ ଶୁଣିଛନ୍ତି 'ବିଶ୍ୱଜୀବନ ହେ, ତୁମ୍ଭଙ୍କୁ କରୁଣା ସିନ୍ଧୁ' ର ସାଙ୍ଗୀତିକ ମୂର୍ଚ୍ଛନା ।ସମ୍ପୂର୍ଣ୍ଣ ଭାବରେ ବୁଝି ପାରୁନଥିଲେ ମଧ ଏଇ ପ୍ରଥମ ଧାଡିଟି ସେ ମନେ ରଖିଛନ୍ତି ଓ ତାର ଇଂରାଜୀ ବ୍ୟାଖ୍ୟା ବି ବୁଝିଛନ୍ତି ଭଲ ଭାବରେ। ସେଇ ସମୟରେ 'ଭକ୍ତି' ସଂଗୀତର ସ୍ୱର ମାଧୁରୀ ତାଙ୍କ ଚେତନାରେ ସୃଷ୍ଟି କରୁଥିଲା ଓଁ କାର ଧ୍ୱନି।

ପାର୍ଲ ବକ ଓ ଅଲଷ୍ଟନ ଓ୍ୱାରିଙ୍ଗଙ୍କ ଚିଠି: ପାର୍ଲ. ବକ ସର୍ବଦା ରହିଥାନ୍ତି ଏକ ନିଷ୍କମ୍ପ ଦୀପଶିଖା ପରି ସ୍ଥିର ଓ ଅବିଚଳିତ। ଭଗବାନ ମେହେରଙ୍କ ନିକଟକୁ ସୌଜନ୍ୟମୂଳକ ଚିଠିଟିଏ ଲେଖିବା ତାଙ୍କର ପ୍ରାଥମିକ କର୍ତ୍ତବ୍ୟ ବୋଲି ଜ୍ଞାନ କଲେ ସେ। ପାରକେସି, ପେନସିଲଭାନିଆରୁ ୧୯୫୪ ମସିହା ଅକ୍ଟୋବର ୧୫ ତାରିଖ ଦିନ ଲେଖିଲେ ସେ : 'ଆମ ବନ୍ଧୁ ଦ୍ୱୟ ଶ୍ରୀମତୀ ଓ ଶ୍ରୀ ଓ୍ୱାରିଙ୍ଗ ଗତ ସପ୍ତାହରେ ଆମ ଘରକୁ ଆସିଥିଲେ। ସେମାନେ ସାଥୀରେ ଆପଣଙ୍କ ଲିଖିତ ଅନୁଗ୍ରହ ପତ୍ର ତଥା ଆପଣ ପଢୁଥିବା ମୋର 'ଦି ଗୁଡ଼ ଆର୍ଥ' ପୁସ୍ତକର ଅନୁବାଦ ଆଣିଥିଲେ। ସେଥିରୁ ଆପଣଙ୍କ ବିଚକ୍ଷଣଶୀଳତା ଓ ପ୍ରକୃତ ବନ୍ଧୁତାର ଝଲକକୁ ଆବିଷ୍କାର କଲି। ସେହି ବହି ସହ ବହୁ ପ୍ରଶଂସାପୂର୍ଣ୍ଣ ବାର୍ତ୍ତା ପଠାଇ ଥିବାରୁ ମୁଁ ଧନ୍ୟବାଦ ଜଣାଉଛି। ଆପଣଙ୍କ ପ୍ରଦେଶ ଓ ଆପଣଙ୍କ ସହର ସମ୍ପର୍କରେ, ଶ୍ରୀମତୀ ଓ ଶ୍ରୀ ଓ୍ୱାରିଙ୍ଗଙ୍କ ପ୍ରଦତ୍ତ ଅନେକ ମାର୍ମିକ ବର୍ଣ୍ଣନା ଶୁଣିବାରେ ଆମେ ଅନେକ ସମୟ କଟାଇଲୁ। ମୁଁ ଏକାଧିକ ବାର ଭାରତ ଆସିଛି ଓ ସେଠାରେ ଘଟୁଥିବା ବହୁ ବିଷୟ ପ୍ରତି ଏକ ନିରବଚ୍ଛିନ୍ନ ଗଭୀର ଆଗ୍ରହ ଅନୁଭବ କରିଛି। ଅନେକ ଭଲ ଖବର ଶୁଣି ଆନନ୍ଦ ଅନୁଭବ କଲୁ। ଭାରତରେ ଏପରି ଅନେକ ବିଷୟ ରହିଛି, ଯାହା ସମଗ୍ର ପୃଥିବୀ ପାଇଁ ପ୍ରେରଣାପ୍ରଦ।'

ପାର୍ଲ. ବକଙ୍କ ବର୍ଣ୍ଣନା ସୀମିତ। ମାତ୍ର ଏହାର ବ୍ୟଞ୍ଜନା ଅମାପ।

ଏହା ପରେ ପରେ ସେହି ଅକ୍ଟୋବର ୩୦ ତାରିଖ ଦିନ ଅଲଷ୍ଟନ ଓ୍ୱାରିଙ୍ଗ ଲେଖନ୍ତି ଏକ ପତ୍ର ବିସ୍ତୃତ ଭାବରେ ।ଯାହାର ସୂଚନା ପୂର୍ବରୁ ପ୍ରଦତ୍ତ। ଅଲଷ୍ଟନଙ୍କ ଅନୁଭୂତି ପ୍ରକାଶିତ ହେଲା ପୁସ୍ତକାକାରରେ :



ଅଲଷ୍ଟନ ଓ୍ୱାରିଙ୍ଗ ନିଜେ ହାତରେ କଲମ ଧରି ହୁଏତ ଲେଖି ପାରି ନଥାନ୍ତେ ତାଙ୍କ ବିରଳ ଅନୁଭୂତି। ଜଣେ ଘନିଷ୍ଠ ଲେଖିକାଙ୍କ ଆଗରେ ସେ ବର୍ଣ୍ଣନା କରି ଯାଉଥାନ୍ତି ସମସ୍ତ ବିଷୟ। ତାଙ୍କ ବର୍ଣ୍ଣନାକୁ ଆଧାର କରି ବିଶିଷ୍ଟ ଋଷିୟ -ଆମେରିକୀୟ ଲେଖିକା 'ଭେରା ବକ' ଗଳ୍ପାକାରରେ ତାକୁ ପରିବେଷଣ କରିଛନ୍ତି :The Peacock Country ନାମକ ପୁସ୍ତକରେ। ୧୯୫୮ ମସିହାରେ ତାହା ନିୟୁୟାର୍କରେ ହୋଇଛି ପ୍ରଥମେ ପ୍ରକାଶିତ। ଭେରା ବକ ଯାହା ବର୍ଣ୍ଣନା କରିଛନ୍ତି ତାହା କମ ଆକର୍ଷଣୀୟ ନୁହେଁ। ଏହା ସତ୍ତ୍ୱେ ବର୍ଣ୍ଣନାଠାରୁ ବ୍ୟଞ୍ଜନା ହେଉଛି ସାହିତ୍ୟ କ୍ଷେତ୍ରରେ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ। ତେଣୁ ସେଇ ବ୍ୟାଖ୍ୟାର ପୁନର୍ବ୍ୟାଖ୍ୟା ହୋଇ ଉଠିବ ଆହୁରି ଅଧିକ ଚିତ୍ତାକର୍ଷକ, ଏଥିରେ ସନ୍ଦେହ ନାହିଁ। ଏଥିରେ ଥିବା ଭିଲେଜ ଅଫ ଦି ଉଇଭର ପୋଏଟ ଅଧ୍ୟାୟଟି ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରିଥାଏ।।

ଅଲଷ୍ଟନ ଓ୍ୱାରିଙ୍ଗଙ୍କ ବହୁ ଗଭୀର ଅନୁଭୂତି ରୂପାୟିତ ହୋଇପାରିଛି ପୁସ୍ତକଟିରେ । ଆମେରିକୀୟ ଭାଷାରେ -ଅନେକ ବିଷୟ ପ୍ରକାଶିତ ଶବ୍ଦରେ। ତାଠାରୁ ଅଧିକ ନିଗୂଢ଼ ସତ୍ୟ ଅବ୍ୟକ୍ତ ହୋଇ ରହିଥାଏ ଶବ୍ଦପୁଞ୍ଜ ପଶ୍ଚାତ ଭାଗରେ। ଅଲଷ୍ଟନ ଓ୍ୱାରିଙ୍ଗ ଭଗବାନ ମେହେରଙ୍କୁ ୧୯୫୪ ମସିହା ଅକ୍ଟୋବର ୩୦ ତାରିଖ ଦିନ ଏକ ଦୀର୍ଘ ପତ୍ର ଲେଖିଥିଲେ। ପାର୍ଲ. ବକଙ୍କ ସହିତ ବିତିଥିବା ତାଙ୍କର ଅମୂଲ୍ୟ ସମୟର ବିରଳ ଅନୁଭୂତି ଅନେକ ଭାବ-ସଂକେତ ବହନ କରିଛି।

ଓଡ଼ିଶାର ବହୁ ବିଦ୍ୱାନ ସ୍ୱକୀୟ ଅଭିମତ ପ୍ରକାଶ କରିଛନ୍ତି ଜୟନ୍ତୀ ସଭାରେ ଅଥବା ମେହେର ପ୍ରତିଭାର ଅନୁଶୀଳନ ମାଧ୍ୟମରେ। ସେମାନଙ୍କ ଶ୍ରେଷ୍ଠ ଉପଲବ୍ଧି ଏହା ଯେ, ଗଙ୍ଗାଧର ନୋବେଲ ପୁରସ୍କାର ଲାଭ କରିବା ପରି ଦିବ୍ୟ ପ୍ରତିଭାର ଅଧିକାରୀ ଥିଲେ। ଅପର ଦିଗନ୍ତରେ ଏହା ଠାରୁ ଆହୁରି ଯାହା ମହତ୍ତର ସେଇ ଘଟଣା ଘଟିଚାଲିଥିଲା ନିଭୃତରେ। ନୋବେଲ ବିଜୟିନୀ ପାର୍ଲ. ଏସ. ବକଙ୍କ ଦୁଇ ଆଖିପତା ଓଦା ହୋଇଯାଇଥିଲା 'ଭକ୍ତି ଦି ଡିଭୋସନ ଅଫ ଗଙ୍ଗାଧର' ପାଠକରି।

ହୃଦୟର କଥା ଜାଣିବାକୁ ଅଛି ତୁମର ଅସୀମ ଶକ୍ତି – ଏଇ ପ୍ରାର୍ଥନା-ମଗ୍ନ ଧାଡିଟିଏ ମଧ୍ୟରେ ଯେଉଁ ଭାବଧାରା ପ୍ରଚ୍ଛନ୍ନ ତାହାର ପ୍ରତୀକ ହେଉଛନ୍ତି ଗଙ୍ଗାଧର ଓ ପାର୍ଲ. ବକ। ଅଲଷ୍ଟନ ଓ୍ୱାରିଙ୍ଗଙ୍କ ପତ୍ରର ଅଲିଭା ଅକ୍ଷରକୁ ଶେଷରେ ସ୍ମରଣ କରିବା ହେବ ଯଥାର୍ଥ। ସେ କହୁଛନ୍ତି : 'ଆପଣଙ୍କ ଉପହାର, ତାଙ୍କ ପୁସ୍ତକ ଉପରେ ଆପଣଙ୍କ ସପ୍ରଶଂସ ଅଭିମତ ତାଙ୍କୁ ଗଭୀର ଭାବରେ ଅଭିଭୂତ କଲା। ତେଣୁ ଭାରତ ଠାରୁ ଆମେରିକାକୁ ବିଚ୍ଛିନ୍ନ କରି ରଖିଥିବା ଜଳସ୍ଥଳ ସେ ପାରିରୁ ସେ ଗଙ୍ଗାଧରଙ୍କ ପ୍ରତିଭାକୁ ସମ୍ମାନ ଜଣାଇଛନ୍ତି। ଆହୁରି କହିବାକୁ ଗଲେ ଆମ ଦୁଇ ଦେଶ ମଧ୍ୟରେ ଆପଣ ଓ ସେ ଏପରି ଏକ ଯୋଗସୂତ୍ର ଯାହାକୁ ଜଳ ସ୍ଥଳର ପ୍ରତିବନ୍ଧକ ଛିନ୍ନ କରି ପାରିବ ନାହିଁ।'

ପାର୍ଲ ବକଙ୍କ ଅନ୍ତରର ଅଭିଭୂତ ଭାବ ପ୍ରତିବିମ୍ବିତ ହେଉଥିବା ମୁଖମଣ୍ଡଳ ଯେପରି ହୃଦୟରେ ଉଦ୍ଭାସିତ ହୋଇଉଠେ, ସେହିପରି ଅଲଷ୍ଟନ ଓ୍ୱାରିଙ୍ଗ ଲେଖିଥିବା ଚିଠିର ଅକ୍ଷର ପ୍ରତିଧ୍ୱନିତ କର୍ଣ୍ଣ ଗହ୍ୱରରେ ଅବିରତ।

+ପରିଦର୍ଶକ ପ୍ରଫେସର, ଉତ୍କଳ ବିଶ୍ୱବିଦ୍ୟାଳୟ

କବିତା କୋଣାର୍କ

## ଗୋଲାପ ଫୁଲ

### ଡ଼ଃ ଧୀରେନ୍ଦ୍ର କୁମାର ମଲ୍ଲିକ



ଗୋଲାପ ଫୁଲଟି ସଭିଙ୍କର ପ୍ରିୟ
ସୁନ୍ଦର ବାସନା ତା'ର,
କଣ୍ଟା ସିନା ଭରା ଅଛି ତା ଦେହରେ
କ୍ଷତି କରେ ନାହିଁ କା'ର ।
ଫୁଲଙ୍କ ମଧ୍ୟରେ ରାଜା ଅଟେ ସିଏ
ରୂପ ତା ଅମୁଲ ମୂଲ,
ସ୍ନେହ ଓ ପ୍ରେମର ପ୍ରତୀକ ଅଟଇ
କିଏ ହେବ ତା'ର ତୁଲ।
ପୂଜା ହେଉ ଅବା ସାଜ ସଜ୍ଜା ବେଳେ
ଆଗ ହୁଏ ସିଏ ଲୋଡ଼ା,
ତେଣୁ ବଜାର ରେ ତା' ମୂଲ୍ୟ ଅଧିକ
ଗୋଟିଏ ହେଉ ବା ଯୋଡ଼ା।
ସାଇବାବାଙ୍କର ପ୍ରିୟ ଅଟେ ସିଏ
ଚା ଚା ନେହେରୁଙ୍କ ପ୍ରିୟ,
ତେଣୁ ତାଙ୍କୁ ଆମେ ପୂଜା କଲାବେଳେ
ଭକ୍ତିରେ ସମର୍ପି ଦିଅ।
ପ୍ରଗତିର ଦେଶ ଆମେରିକାରର
ଜାତୀୟ ଫୁଲଟି ସିଏ,
ତେଣୁ ସେଠାରେ ତା ଚାହିଦା ଅନେକ
ଭାରି ଭାଗ୍ୟବାନ ଟିଏ ।
ନାନାଦି ରଙ୍ଗର ଗୋଲାପ ଫୁଲ ଯେ
ବଜାରେ ମିଳୁଛି ଏବେ,
ସବୁରଙ୍ଗ ଫୁଲ ପାଇବା ରେ ଭଲ
ବାଛିବା ନାହିଁଟି କେବେ।
ଫେବୃଆରୀ ମାସ ସାତ ତାରିଖକୁ
ଗୋଲାପ ଦିବସ ପାଳି,
ଶ୍ରଦ୍ଧାରେ ସଭିଙ୍କୁ ଦେବା ଫୁଲଟିଏ
ରାଗ, ହିଂସା ମନୁ ଜାଳି ।।

+ସମ୍ପାଦକ: ଝୁମୁରୀ ପାରା ଶିଶୁ ସାହିତ୍ୟ ସଂସଦ ଓ ଆଦର୍ଶ ପାଠାଗାର
ନୀଳକଣ୍ଠପୁର,ମଙ୍ଗଳପୁର, ଯାଜପୁର
ମୋ: ୭୯୦୪୩୯୨୬୮୬

## କାହ୍ନୁ ଗଲା ଦିନୁ

### ସିଦ୍ଧେଶ୍ୱର ତ୍ରିପାଠୀ

କାହ୍ନୁ ଗଲା ଦିନୁ ବଳି ପଡିଛି ଲୋ
ରାଇ କିଶୋରୀଙ୍କ ଦୁଃଖ
କହ୍ନେଇ ସାଥିରେ ମଥୁରା ଯାଇଛି
ସାରା ଜୀବନର ସୁଖ

କାହ୍ନୁ ଗଲା ଦିନୁ ବଳି ପଡିଛି ଲୋ
ରାଇ କିଶୋରୀଙ୍କ ଦୁଃଖ

କଦମ୍ବ ଯମୁନା ଗୋପୀ ଗୋପାଙ୍ଗନା
ସବୁରି ଆଖିରେ ଲୁହ
କେଳି କୁଞ୍ଜ ଲତା ନିରବୀ ଯାଇଛି
ଛାତିରେ ଛାତିଏ କୋହ

ସେବେଠୁ ଏଯାଏ କେହିବି ଦେଖିନି
ସେ ବଂଶୀଧର ଶ୍ରୀମୁଖ

କାହ୍ନୁ ଗଲା ଦିନୁ ବଳି ପଡିଛି ଲୋ
ରାଇ କିଶୋରୀଙ୍କ ଦୁଃଖ

ଗିରି ଗୋବର୍ଦ୍ଧନ ସେଇ ମଧୁବନ
ଗୋପ ପୁର ବାଟ ଘାଟ
ସୁଦାମା ସୁବଳ ନନ୍ଦଠୁ ଯଶୋଦା
ସବୁ ମନ ଛଟପଟ ।

କହେ ସିଦ୍ଧେଶ୍ୱର ଏ ନନ୍ଦ ନଗର
ପାଲଟି ଯାଇଛି ମୂକ
କାହ୍ନୁ ଗଲାଦିନୁ ବଳି ପଡିଛି ଲୋ
ରାଇ କିଶୋରୀଙ୍କ ଦୁଃଖ ।






# ପିଢ଼ି : ସମୟର ଚଳନ୍ତି ଚିତ୍ର ?



**ବବିତା ତ୍ରିପାଠୀ**



ମଣିଷ ଜୀବନଟା ଏକ ନଦୀ ଭଳି। ସମୟ ତାହାର ଧାରା, ଅନୁଭବ ତାହାର ତରଙ୍ଗ, ଆଉ ପିଢ଼ି ହେଉଛି ସେହି ଧାରାର ଗୋଟିଏ ବିରାମ ଚିହ୍ନ । ଗୋଟିଏ ପିଢ଼ି ଯାହା ଦେଖେ, ଅନ୍ୟ ପିଢ଼ି ସେହିଥିରୁ ଶିଖେ; ଗୋଟିଏ ପିଢ଼ି ଯାହା ଗଢ଼େ, ଅନ୍ୟ ପିଢ଼ି ତାହାକୁ ଆଗକୁ ବଢ଼ାଏ। ଏହିପରି ଚକ୍ରରେ ମାନବ ସଭ୍ୟତା ଆଗକୁ ବଢ଼ିଛି।

"ପିଢ଼ି" କେବଳ ବୟସର ଭିନ୍ନତା ନୁହେଁ। ଏହା ମନୋଭାବ, ସଂସ୍କୃତି, ଅଭିଜ୍ଞତା ଓ ଚିନ୍ତାଧାରାର ଏକ ନୂଆ ଆକୃତି। ପ୍ରତ୍ୟେକ ପିଢ଼ି ନିଜ ସମୟର ପ୍ରଭାବ ନେଇ ଜନ୍ମ ନିଏ। ସେଥିପାଇଁ ଦେଖାଯାଏ, ଜେଜେ ବାପାଙ୍କର ଚିନ୍ତାଧାରା ଅଲଗା, ବାପାଙ୍କର ଅଲଗା, ଆଉ ନାତି-ନାତୁଣୀଙ୍କର ମଧ୍ୟ ଭିନ୍ନ। ଏହି ଭିନ୍ନତା ହିଁ ସମାଜକୁ ନୂଆ ଦିଗରେ ନେଇଯାଏ।

ପୁରୁଣା ପିଢ଼ିର ଲୋକମାନେ ଜୀବନକୁ ଏକ ଅନୁଭବର ପାଠଶାଳା ଭାବରେ ଦେଖୁଥିଲେ। ସେମାନଙ୍କ ପାଖରେ ସମ୍ପଦ ଅଧିକ ନଥିଲା, କିନ୍ତୁ ସନ୍ତୋଷ ଅଧିକ ଥିଲା। ସେମାନେ ଜୀବନର ମୂଲ୍ୟକୁ ଭୋଗବିଳାସରେ ନୁହେଁ, ବରଂ ସରଳତାରେ ଦେଖୁଥିଲେ।

ସେମାନଙ୍କ ଦିନ ଆରମ୍ଭ ହେଉଥିଲା ପ୍ରଭାତର ସୂର୍ଯ୍ୟକିରଣ ସହିତ। ପରିବାର ଥିଲା ସେମାନଙ୍କ ଜୀବନର କେନ୍ଦ୍ରବିନ୍ଦୁ। ଛୋଟ ଛୋଟ ଖୁସିରେ ସେମାନେ ସମସ୍ତେ ସନ୍ତୋଷ ଖୋଜୁଥିଲେ। ଗାଁର ଅଗଣାରେ ବସି ଜେଜେମାଙ୍କ ଗପ, ପିଲାମାନଙ୍କ ଖେଳ, ଆଉ ସନ୍ଧ୍ୟାବେଳେ ସଂଧ୍ୟା ଦୀପର ଆଲୋକରେ ଝଲସି ଉଠୁଥିଲା ସେମାନଙ୍କ ଜୀବନର ଅପୂର୍ବ ସୌନ୍ଦର୍ଯ୍ୟ। ପୁରୁଣା ପିଢ଼ି ଅନୁଭବରେ ଧନୀ । ପୁରୁଣା ପିଢ଼ି ହେଉଚି ସେଇ ବୃକ୍ଷ ଯାହାର ମୂଳ ଖୁବ ଶକ୍ତିଶାଳୀ।

ପୁରୁଣା ପିଢ଼ି ଆମକୁ ଶିଖାଇଛି ଧର୍ଯ୍ୟ, ସହିଷ୍ଣୁତା ଓ ମୂଲ୍ୟବୋଧ। ସେମାନଙ୍କ ପାଖରେ ଶବ୍ଦର ମୂଲ୍ୟ ଥିଲା। ଯଦି ଗୋଟିଏ କଥା ଦେଉଥିଲେ ସେହି କଥାକୁ ପାଳନ କରିବା ସେମାନଙ୍କ ପାଇଁ ଧର୍ମ ସମାନ ଥିଲା।

ସମୟ ବଦଳିଲା। ଦୁନିଆ ଆଗକୁ ବଢ଼ିଲା। ପୁରୁଣା ପିଢ଼ିର ସରଳତା ମଧ୍ୟରେ ଯେଉଁ ପିଢ଼ି ବଢ଼ିଲା, ସେମାନେ ହେଉଛନ୍ତି ମଧ୍ୟମ ପିଢ଼ି।

ଏହି ପିଢ଼ି ଦୁଇଟି, ସମୟକୁ ଏକାସାଥିରେ ଦେଖିଛି, ଏକ ପଟେ ପୁରୁଣା ପରମ୍ପରା, ଆଉ ଅନ୍ୟ ପଟେ ଆଧୁନିକତା। ସେମାନେ ପାରମ୍ପରିକ ମୂଲ୍ୟବୋଧକୁ ରକ୍ଷା କରିବା ସହିତ ନୂଆ ସମୟର ଚାହିଦାକୁ ମଧ୍ୟ ସମ୍ମାନ ଦେଇଛନ୍ତି।

ଏହି ପିଢ଼ିର ଲୋକମାନେ ସଂଘର୍ଷକୁ ନିଜ ଜୀବନର ଅଂଶ କରିନେଇଥିଲେ । ସେମାନେ ଦିନରାତି କଷ୍ଟ କରି ନିଜ ପରିବାରକୁ ଭଲ ଜୀବନ ଦେବା ପାଇଁ ଚେଷ୍ଟା କରୁଥିଲେ । ସେମାନଙ୍କ ଆଶା ଥିଲା, ପରବର୍ତ୍ତୀ ପିଢ଼ି ସେମାନଙ୍କଠାରୁ ଆହୁରି ଭଲ ଜୀବନ ବଞ୍ଚନ୍ତୁ। ମଧ୍ୟମ ପିଢ଼ିର ଜୀବନଟା ଏକ ସେତୁ ଭଳି, ଯାହା ପୁରୁଣା ସମୟକୁ ନୂଆ ସମୟ ସହିତ ଯୋଡ଼ି ରଖିଛି।

ଆଜିର ନୂଆ ପିଢ଼ି ହେଉଛି ଟେକ୍ନୋଲୋଜିର ପିଢ଼ି। ମୋବାଇଲ, ଇଣ୍ଟରନେଟ, ସୋସିଆଲ ମିଡ଼ିଆ, ଏସବୁ ସେମାନଙ୍କ ଜୀବନର ଅଂଶ ହୋଇଯାଇଛି। ସେମାନଙ୍କ ଚିନ୍ତାଧାରା ଅଧିକ ଖୋଲା, ସ୍ୱପ୍ନ ଅଧିକ ବଡ଼। ଏହି ପିଢ଼ି ଦୁନିଆକୁ ଏକ ଗ୍ଲୋବାଲ ଗାଁ ଭାବରେ ଦେଖୁଛି। ସେମାନେ ନୂଆ ନୂଆ ଆବିଷ୍କାର କରୁଛନ୍ତି, ପୁରୁଣା ସୀମାକୁ ଭାଙ୍ଗି ଆଗକୁ ବଢୁଛନ୍ତି। ସେମାନଙ୍କ ଆତ୍ମବିଶ୍ୱାସ ଓ ସାହସ ସମାଜକୁ ନୂଆ ଦିଗରେ ନେଇଯାଉଛି। କିନ୍ତୁ ଏହି ପିଢ଼ି ପାଇଁ ଏକ ଚ୍ୟାଲେଞ୍ଜ ମଧ୍ୟ ଅଛି। ଦ୍ରୁତ ଗତିର ଜୀବନରେ କେବେ କେବେ ସେମାନେ ପରମ୍ପରା ଓ ସଂସ୍କୃତିର ମୂଲ୍ୟକୁ ଭୁଲିଯାନ୍ତି। ତେଣୁ ପୁରୁଣା ପିଢ଼ିର ଅନୁଭବ ସେମାନଙ୍କ ପାଇଁ ଏକ ଦିଗଦର୍ଶକ ଭଳି କାମ କରେ।

ପ୍ରତ୍ୟେକ ପିଢ଼ିର ଚିନ୍ତାଧାରା ଅଲଗା ହେବା ସ୍ୱାଭାବିକ। କେବେ କେବେ ଏହି ଭିନ୍ନତା ମଧ୍ୟରୁ ବିରୋଧ ମଧ୍ୟ ଜନ୍ମ ନିଏ। ପୁରୁଣା ପିଢ଼ି ଭାବେ, ନୂଆ ପିଢ଼ି ପରମ୍ପରାକୁ ଭୁଲିଯାଉଛି। ଆଉ ନୂଆ ପିଢ଼ି ଭାବେ, ପୁରୁଣା ପିଢ଼ି ଅତ୍ୟଧିକ ପାରମ୍ପରିକ।

କିନ୍ତୁ ସତକଥା ହେଉଛି, ଦୁହେଁ ଦୁହିଁଙ୍କ ପାଇଁ ଆବଶ୍ୟକ। ପୁରୁଣା ପିଢ଼ି ଦେଉଛି ଅନୁଭବ, ଆଉ ନୂଆ ପିଢ଼ି ଦେଉଛି ନୂତନ ଶକ୍ତି। ଯଦି ଦୁହେଁ ମିଶି କାମ କରନ୍ତି, ସମାଜର ଉନ୍ନତି ଆହୁରି ଦ୍ରୁତ ହେବ।

ମାନବ ସଭ୍ୟତାର ଇତିହାସକୁ ଦେଖିଲେ ଜଣାପଡ଼େ, ପ୍ରତ୍ୟେକ ପିଢ଼ି ନିଜ ନିଜର ଅବଦାନ ଦେଇଛନ୍ତି ।

ପ୍ରତ୍ୟେକ ପିଢ଼ି ଇତିହାସ ପାଇଁ ଉତ୍ତରଦାୟୀ। ପୂର୍ବପୁରୁଷମାନେ ଆମକୁ ଦେଇଛନ୍ତି ଭାଷା, ସଂସ୍କୃତି, ପରମ୍ପରା। ମଧ୍ୟମ ପିଢ଼ି ସେଗୁଡ଼ିକୁ ରକ୍ଷା କରିଛି ଓ ବିକାଶ କରିଛି। ଆଉ ନୂଆ ପିଢ଼ି ସେଗୁଡ଼ିକୁ ନୂଆ ରୂପରେ ଦୁନିଆର ସାମ୍ନାରେ ଆଣୁଛି। ଏହିପରି ଭାବେ ପିଢ଼ି ପରିବର୍ତ୍ତନ ହେଉଛି ସମାଜ ପାଇଁ ପ୍ରେରଣାର ଉତ୍ସ । ପିଢ଼ି କେବଳ ସମୟର ପରିବର୍ତ୍ତନ ନୁହେଁ; ଏହା ଜୀବନର ଅବିରତ ଯାତ୍ରା। ଗତକାଲିର ଅନୁଭବ, ଆଜିର ପରିଶ୍ରମ ଓ ଆସନ୍ତାକାଲିର ସ୍ୱପ୍ନ, ଏହି ତିନିଟି ମିଶି ମାନବ ସଭ୍ୟତାର କାହାଣୀ ଲେଖନ୍ତି।

ସେଥିପାଇଁ ଆମେ ଯଦି ପୁରୁଣା ପିଢ଼ିକୁ ସମ୍ମାନ ଦେବା ସହିତ ନୂଆ ପିଢ଼ିର ସ୍ୱପ୍ନକୁ ସମର୍ଥନ କରିପାରିବା , ତେବେ ସମାଜର ଭବିଷ୍ୟତ ଆହୁରି ଉଜ୍ଜ୍ୱଳ ହେବ। ପିଢ଼ି ପରିବର୍ତ୍ତନ ହେଉଛି ଜୀବନର ନିୟମ। ଏହି ନିୟମକୁ ବୁଝି ଆମେ ଯଦି ସମନ୍ୱୟର ସେତୁ ଗଢ଼ିପାରିବା ତେବେ ପ୍ରତ୍ୟେକ ପିଢ଼ି ହେବ ଅନ୍ୟ ପିଢ଼ି ପାଇଁ ପ୍ରେରଣାର ଉତ୍ସ।

+ଭୁବନେଶ୍ୱର
ମୋ: ୭୯୭୮୩୬୮୮୨୫

## ଚାରୋଟି ଏକପଦୀ

**ଲତିକା ମହାପାତ୍ର**



॥ ୧ ॥
ମିଛ ସପନରେ ବିତିଯାଉ ଦିନ
ବିତିଯାଉ ସବୁ ରାତି
ସତ ର ଜହର ପିଇ ପିଇ
ମିତ ଜଳି ମୋ ଯାଇଚି ଛାତି।

॥ ୨ ॥
ତୁମେ ଥିବ ସାଥେ ଜହ୍ନ ବି ଥିବ
ରାସ୍ତା ବି ଶୂନଶାନ
ମୁଁ ଗାଉଥିବି ଗୀତ ଗୁଣୁଗୁଣୁ
ତୁମେ ଶାସ୍ତ୍ରୀୟ ତାନ।

॥ ୩ ॥
ଇଚ୍ଛାମତୀ ମୁଁ ଉଡିଯିବି କାହିଁ
ନୀଳ ପରବତ
ମେଘମାଳା ଛୁଇଁ !
ଘନ ଅନ୍ଧାର ବୁକୁ ଚିରି
କଷଣର କାରା ପାଦେ ଟାଳି
ପାରିବନି ମିତ
ମୋତେ ଧରି।

॥ ୪ ॥
ଉଦାସୀ ସଂଜେ ଏ ମନ କୁଞ୍ଜେ
ବିରହର ବେଣୁ ଉଠେ ବାଜି
କେତେଦୂରରେ ପ୍ରିୟ ତୁମେ ଆଜି
ଅମାନିଆ ଅଶ୍ରୁ ଉତ୍ସବେ
ମୁଁ ଯେ ଯାଏ ଭିଜି !

+ତାଳଚେର
ମୋ: ୯୮୬୧୩୮୫୫୩୯

## ହୃଦୟେ ରଖିଛି ସାଇତି

**ପ୍ରତିଭା ଦାଶ**



ପ୍ରେମର ବନ୍ଧନେ ବାନ୍ଧି ହେଲା ପରେ
ପ୍ରେମ ମୂଲ୍ୟ ଜଣାପଡେ
ମନର ଡେଣାରେ ପ୍ରସାରଣ ହୋଇ
ପ୍ରେମର ନିଶାରେ ଉଡ଼େ ।

ଜୀବନର ରଙ୍ଗ ଦିଏ ବଦଳାଇ
ଗଢ଼େ ସିଏ ଇନ୍ଦ୍ରଧନୁ
ବିଜୁଳି ପରିକା ଦିଶେ ଜକଜକ
ମେଘର ହୁଏ ସେ ରେଣୁ ।

ହୃଦୟେ ସାଇତି ନିତି ଦେଖେ ତାକୁ
ଆଇନା କରି ମୁହଁର
କଳା ରଙ୍ଗ ଟିକା ଆଙ୍କେ କପାଳରେ
ପଡ଼ିବ କାଳେ ନଜର ।

ହସି ହସି ମନ ନିଏ ସେ ଚୋରାଇ
ଜାଣି ସୁଦ୍ଧା ହୁଏ ନାହିଁ
ଆଖି ଇଶାରାରେ କହିଦିଏ କେତେ
ମନରେ ଥିବା କାହାଣୀ ।

ଲୁଚି ଲୁଚି ଦେଖେ କବାଟ କୋଣରେ
ଫେରିବା ବାଟକୁ ତା'ର
ପାଇଗଲେ ପାସେ ଖେଳେ ଲୁଚକାଳି
ଆନନ୍ଦେ ହୁଏ ବିଭୋର ।

+ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ,
ଡୁମେରପାଣି
ଜିଲ୍ଲା - ନୂଆପଡ଼ା
ମୋ: ୭୮୯୪୫୨୮୪୯୩

## ଆଖି

**ଡ.ଭାରତୀ ହୋତା**



ସେଇ ଆଖି..
କେଉଁ ଦେବୀଙ୍କର ଜାଣେନା,
ଜାଣେନା ବି
ତହିଁରୁ ପ୍ରେମ ବରଷେ କି ପ୍ରତାରଣା !!

ତଥାପି
ଫି' ଦିନ ସେଇ ଆଖିକୁ ଦେଖିବାକୁ ଇଚ୍ଛା ହୁଏ,
ବୁଝିପାରେ ତା' ଇଶାରା, ତାଗିଦ୍....
ଖୁବ୍ ଡର ବି ଲାଗେ ଥରେ ଥରେ ।

କେଉଁଠି ଥାଏ କେଜାଣି
ନ ଥାଇ ବି ତା' ଉପସ୍ଥିତି ବାରିହୁଏ
ଦୃଶ୍ୟରେ, ଅଦୃଶ୍ୟରେ ....
ସ୍ପର୍ଶରେ, ନିଶ୍ୱାସରେ .....
ଷଠିଘରୁ ମଶାଣି ଯାଏଁ
ତଦାରଖ କରୁଥାଏ
କର୍ମ, ଅକର୍ମକୁ ......
ପାପ ଆଉ ପୁଣ୍ୟକୁ ।।

ସେଇ ଆଖି
କାହାର କାଣିଚାଏ ଆଦର ପାଇଁ
ଦେଇପାରେ ସ୍ନେହ ପ୍ରେମର ମନ୍ଦାକିନୀ,
ଟିକିଏ ଲାଞ୍ଛନରେ
ଧୂଳିସାତ୍ କରିଦେଇପାରେ ବି ପାଞ୍ଚାଳୀ ସାଜି

ସେଇ ଆଖିରେ
ଯେବେ ବି ଲାଗିଛି କଜ୍ଜ୍ୱଳ
ସ୍ୱପ୍ନ ସବୁ ଗାଢ଼ ହୋଇଛି
ଯେବେ ବି ଲୁହ ବହିଛି
ବନ୍ୟା ହେଇ ସବୁକିଛି ବିଧ୍ୱସ୍ତ କରିଛି ।

ସିଏ ଅଛି ବୋଲି ତ
ସୁନ୍ଦର ସୃଷ୍ଟି ଅଛି, ଜୀବନ ଅଛି
ଅଛି ପୁଣି ସୌନ୍ଦର୍ଯ୍ୟର ପ୍ରାଚୁର୍ଯ୍ୟ ,
ତା ପାଇଁ ହିଁ ତ ଏ ରଂଗ ....
ଏ ଫୁଲ, ଫଗୁଣ ......
ବଂଶୀ ଓ କଦମ୍ବ, ମେଘ ଓ ମାଘ ।

+ଖରିଆର ରୋଡ଼
ନୂଆପଡ଼ା

## ବସୁଧାର ନିବେଦନ

**ଅନସୂୟା ପଣ୍ଡା**



ଏ ବସୁଧାକୁ ଆଉ ରକ୍ତରେ କରନା ମାଜଣା
ତା'ର ଅହଂକାରର ନିଆଁରେ ଜାଳନା ଅଗଣା
ବାରୁଦର ଜହରରେ ତା'
ଦେହ ଆଉ ଦଂଶନା
ପାଉଁଶର କଳାରେ ତା' ମୁହଁ ଆଉ ସଜାନା।

ସେ ଅଛି ବୋଲିତ ତୁମକୁ କୋଳେଇଛି
ଧାନକେଣ୍ଡାରେ ଭୋକକୁ ସ୍ୱାହା କରୁଛି
ଶାଗୁଆ ରଙ୍ଗର ନିବେଦନରେ
ବର୍ଷାକୁ ସମ୍ଭାଷୁଛି
ମଧୁର ଜଳରେ ଜୀବନ ସଞ୍ଚରୁଛି।

ଗୋଟେ ନିଃସର୍ତ୍ତ ଭଲ ପାଇବା ଉପରେ
ସ୍ୱାର୍ଥର ନଅର କାହିଁକି ଗଢାହୁଏ
ତା' ଛାତି ଉପରେ ପାଇବାର ଚିତ୍କାର ଥାଏ
କ୍ଷତାକ୍ତ ତା' କଳେବର
ଛଳନାର ସୁନାମିରେ।

କାହିଁକି ଏ ଆତଙ୍କର କଦର୍ଯ୍ୟ ଖେଳ
ଆଖିରେ ତା'ର ଆଉ ଲୁହ ନାହିଁ
ରକ୍ତ ଧାର ଧାର
ଦେହସାରା ଚରି ଚାଲିଛି ମରୁବାଲି ସମ
ଆର୍ଦ୍ରତା ଶୂନ୍ୟ ମଣିଷର ଅଜବ ସହର।

ଚାରିଆଡେ ଖାଲି ଅଶାନ୍ତି ଯୁଦ୍ଧ
ଭୁଷୁଛନ୍ତି ଖଞ୍ଜର ପିଠିରେ କେହିବି କାହାର
ଆକାଶେ ତଳେ ଅବିଶ୍ୱାସର ଗରଳ
ଚୁର୍ ମାର୍ ହେଉଛି ଆସ୍ଥାର ସକାଳ
ମିସାଇଲରେ ଚାଲିଛି ଅଗ୍ନିର ଖେଳ
ବିସ୍ଫୋଟରେ ଛିଟିକି ଶୁଭୁଛି ବିଳାପ ମାଂସର।

କେବେ କଅଁଳିବ ନୂଆ
ଅଙ୍ଗୀକାରେ ସେ କାଳ
ନଥିବ ସୀମା ପରିସୀମା ଜାତି ଗୋତ୍ର ବର୍ଣ୍ଣ
ମରୁ ନଥିବେ ନିରୀହ ନିର୍ଦ୍ଦୋଷ ଅବୋଧ ଜନ
ପବନରେ ସଞ୍ଚରୁଥିବ ଶାନ୍ତିର ନିକ୍ୱଣ।

+ଭୁବନେଶ୍ୱର
ମୋ: ୯୪୩୯୨୧୧୯୭୧




**ଜ୍ୟୋତ୍ସ୍ନାମୟୀ ପଣ୍ଡା**

॥ ଭାଗ-୧୩୨ ॥



'ହେ ଭଗବାନ ନୃସିଂହ, ଏବେ ଆପଣଙ୍କର କେଶର ଓ ଦୁଇ କର୍ଣ୍ଣରୁ ଅସୁର ହୃଦୟର ରକ୍ତ ଧାର ଧାର ହୋଇ ଝରି ଯାଉଛି । ଆପଣଙ୍କର ଗର୍ଜନ ପ୍ରଳୟ କାଳୀନ ଅଶନି ଶବ୍ଦ ଭଳି ଶୁଣାଯାଉଛି । ଆପଣଙ୍କୁ ଭୟ କରି ଦେବ,ଦାନବ,ନାଗ ଆଦି ମାନେ ପଳାୟନ କରୁଛନ୍ତି । ଆପଣଙ୍କର ତୀକ୍ଷ୍ଣ ନଖରେ ଆପଣ ଅସୁରମାନଙ୍କୁ ବିଦାରଣ କରି ରକ୍ତପାନ କରୁଛନ୍ତି । ହେଲେ ଆପଣଙ୍କର ଏହି କରାଳ ରୂପକୁ ମୁଁ ଆଦୌ ଭୟ କରୁନାହିଁ ।' ପ୍ରହ୍ଲାଦଙ୍କୁ ଆଦରରେ କୋଳଗ୍ରତ କଲେ ନୃସିଂହ । କହିଲେ, 'ହେ ବତ୍ସ ପ୍ରହ୍ଲାଦ, ଆଜି ତୁମପରି ଜଣେ ବାଳକ ପାଇଁ ଯେ ମୋତେ ଏହି ନରସିଂହରୂପ ଧାରଣ କରିବାକୁ ପଡିଛି,ଏହି କାରଣରୁ ଆଜି ତୁମ ପିତା, ଜ୍ୟୋଷ୍ଟପିତା, ପିତାମହ କଶ୍ୟପ, ପ୍ରପିତମହ ମରିଚୀ ଏବଂ ତାଙ୍କର ପିତା ବିଧାତା ସମସ୍ତେ ଧନ୍ୟ ହୋଇ ଯାଇଛନ୍ତି । ମୋ ହାତରେ ବଧ ହୋଇ ଥିବାରୁ ତୁମ ପିତା ଏ ଜନ୍ମର ଅଭିଶାପରୁ ମୁକ୍ତ ହୋଇଛନ୍ତି । ଏବେ ତୁମେ ଯାଇ ପିତାଙ୍କର ପ୍ରେତ କାର୍ଯ୍ୟ ସାଧନ କର । ମୁଁ ତୁମକୁ ଆର୍ଯ୍ୟ ମାନଙ୍କର ଜଣେ ସହୃଦୟ ବିଷ୍ଣୁ ଭକ୍ତ ବନ୍ଧୁ ରୂପେ ଶୂନ୍ୟ ରାଜ ସିଂହାସନରେ ଦାନବ ରାଜ ରୂପେ ଅଭିଷିକ୍ତ କରିବି ।'

ପ୍ରଭୁ ନୃସିଂହଙ୍କର ଆଜ୍ଞା ପାଇବା ମାତ୍ରେ ସମସ୍ତ ବିପ୍ର ମାନେ ଆସି ପ୍ରହ୍ଲାଦଙ୍କ ନିକଟରେ ଉପସ୍ଥିତ ହେଲେ । ପ୍ରହ୍ଲାଦ ସେମାନଙ୍କ ଗହଣରେ ଗଙ୍ଗା ତୀରକୁ ଯାଇ ହିରଣ୍ୟ କଶ୍ୟପଙ୍କର ପ୍ରେତକ୍ରିୟା ସମାପନ କଲେ । ଏହାପରେ ସମସ୍ତ ଋଷି, ପ୍ରଜାପତି, ଦେବଗଣ ଓ ଦାନବମାନଙ୍କ ଉପସ୍ଥିତିରେ ନିଜେ ଭଗବାନ ନୃସିଂହ ପ୍ରହ୍ଲାଦଙ୍କର ଅଭିଷେକ କଲେ । ଏହା ପରଠାରୁ ବିଷ୍ଣୁ ଭକ୍ତ ପ୍ରହ୍ଲାଦ ତଥା ଦାନବ ନୃପତି ପ୍ରହ୍ଲାଦ ଆର୍ଯ୍ୟାବର୍ତ୍ତର ଜଣେ ସନ୍ଧି ରାଜାର ମାନ୍ୟତା ପ୍ରାପ୍ତ ହେଲେ । ସେହି ନୃସିଂହ ମୂର୍ତ୍ତିଙ୍କ ଆଡକୁ ଚାହିଁ ପୁତ୍ର ଶୋକ ସନ୍ତପ୍ତ ବୈଜ୍ଞାନିକ କଶ୍ୟପ ଚିନ୍ତା କରିବାରେ ଲାଗିଲେ,' ଏହି ବିରାଟ ବପୁ ନୃସିଂହ ମୂର୍ତ୍ତି କିପରି ଜନ୍ମ ନେଲେ ? ତାଙ୍କ ମୁଖରେ ଥିବା ଏହି ସିଂହ ଆକୃତି ଜନ୍ମ ଗତ କିମ୍ବା ଏକ ମୁଖା ଅଥବା ଏହାକୁ ଏହି ଆକୃତି ବିଜ୍ଞାନ ବଳରେ ପ୍ରଦାନ କରାଯାଇଛି ? ଏହି ନଖ ଗୁଡ଼ିକ ମଣିଷର ନଖ ନାଁ ସିଂହର ନଖ ? ?

କଶ୍ୟପଙ୍କ ବୈଜ୍ଞାନିକ ଜ୍ଞାନ ଚକ୍ଷୁ ବର୍ତ୍ତମାନଠାରୁ ଛ କୋଟିରୁ ଦେଢ଼ କୋଟି ବର୍ଷ ପୂର୍ବର ପୃଥିବୀକୁ ଦୃଷ୍ଟି ଫେରାଇଲା । ଜୀବ ସୃଷ୍ଟିର ଶେଷ ପର୍ଯ୍ୟାୟ । ପୃଥିବୀର ଅଭ୍ୟନ୍ତର ନାଭିରୁ ଲାଭ । ଉଦ୍ଗିରଣ ହୋଇ କ୍ରମେ ସେଥିରୁ ପୃଥିବୀ ଓ ଜୀବ ସୃଷ୍ଟି ହେଲେ । ଅତି କ୍ଷୁଦ୍ର ଏକକୋଷି ଜୀବଠାରୁ ବିଶାଳ କାୟ ସରୀସୃପ ସୃଷ୍ଟି ହୋଇ ଲୋପ ହୋଇଯାଇଥାନ୍ତି । କାରଣ ଈଶ୍ୱର ଚାହୁଁଥିବା ଶ୍ରେଷ୍ଠ ଜୀବଟି ଏହି ପର୍ଯ୍ୟନ୍ତ ପୃଥିବୀକୁ ଆସି ନଥାଏ । ତା ପାଇଁ ବିବର୍ତ୍ତନର ପ୍ରସ୍ତୁତି ଜାରି ରଖିଥାଏ ପ୍ରକୃତି । ଗୋଟିଏ ମୂଳ ଜୀବଠାରୁ କ୍ରମେ, କ୍ରମେ ସୃଷ୍ଟି ହେଲେ, ସିମ୍ପାଜି, ଗରିଲା ଆଦି ନୃବାନର ଏବଂ ସିଂହ ପରି ପ୍ରାଣୀ ମାନେ !! ବିତିଗଲା ଲକ୍ଷ, ଲକ୍ଷ ବର୍ଷ । ସେହି ଗୋଟିଏ ମୂଳ ଜୀବରୁ ସମସ୍ତ ସ୍ତନ୍ୟପାୟୀ, ଚିମ୍ପାଜି ଓ ଗରିଲା ସୃଷ୍ଟି ହେବା ସମୟରେ ଚିମ୍ପାଜିର ମୁଣ୍ଡ ବା ମସ୍ତିଷ୍କ ଏବଂ ଗରିଲାର ଗଣ୍ଡି ମିଶି ନୃବାନର ମାନେ ସୃଷ୍ଟି ହେଲେ । ହୁଏତ ନୃବାନାର ବା ମଣିଷ ମୁଣ୍ଡ ଟିର ସିଂହ ସହ ମଧ୍ୟ ସାଦୃଶ୍ୟ ଅଛି, କିନ୍ତୁ ସିଂହର ଶରୀର ମଣିଷରେ ପରିଣତ ହେବା ପାଇଁ ଉପଯୁକ୍ତ ନଥିଲା । ଯାହା ଗରିଲାର ଗୋଡ ହେତୁ ସମ୍ଭବ ହୋଇ ପାରିଲା । କ୍ରମେ ସିଂହ ମଧ୍ୟ ଅତି ବୁଦ୍ଧିମାନ ଓ ବଳବାନ ଏକ ଶ୍ରେଷ୍ଟତ୍ତମ ପଶୁରେ ପରିଣତ ହେଲା । ଏହି ନରସିଂହ ମୂର୍ତ୍ତିଙ୍କ ସ୍ୱରୂପକୁ ସେ ଯେପରି ପୂର୍ବରୁ ବାରମ୍ବାର ଦେଖିଛନ୍ତି ! କେଉଁଠି ? କେବେ ? କାହା ପରି ? ଦ୍ରାବିଡ ମାନେ କୃଷ୍ଣ ବର୍ଣ୍ଣ, ହିମାଳୟର ଉତ୍ତରରେ ଥିବା ମଣିଷ ମାନେ ହଳଦୀ ବର୍ଣ୍ଣ, ମୁଖ ଓ ନାକ ଚେପଟା । ଉଚ୍ଚତା କମ୍ । କ୍ରୌଞ୍ଚଠାରୁ ଦୂର ସମୁଦ୍ର କୂଳରେ ଥିବା ଅଧିବାସୀ ମାନଂକ ରଙ୍ଗ ଲାଲ୍ । ଏହି ମୂର୍ତ୍ତି ଠିକ୍ ଆର୍ଯ୍ୟ ମାନଂକ ପରି । ଏହି ନରସିଂହ ମୂର୍ତ୍ତି ପରି ଅନ୍ୟ ସ୍ଥାନରେ ମଧ୍ୟ ସିଂହର ଜନ୍ମ ସ୍ଥାନରେ ମଧ୍ୟ ସିଂହର ଶରୀର ଓ ମାନବର ମସ୍ତିଷ୍କ ଏକାଠି ଯୁକ୍ତ ଅଛି । ଶ୍ୱେତ ସିଂହର ମୁଖାକୃତି ଠିକ୍ ଆର୍ଯ୍ୟ ମାନଂକ ପରି । ନୀଳ ଚକ୍ଷୁ, ଲମ୍ବା ନାକ, ଗହଳ କେଶ ଓ ଶ୍ମଶ୍ରୁ । ସିଂହ ସ୍ୱପ୍ନ ଦେଖୁଥାଏ ଓ ଗତ ଓ ଆଗତ ବିଷୟରେ ଜାଣିପାରେ । ସିଂହର ଆଚରଣ ରାଜକୀୟ । ସେ କେବେ ମୃତ ପଶୁର ମାଂସ ଖାଏ ନାହିଁ । ପ୍ରତ୍ୟେକ ସୃଷ୍ଟି ସହ ରହିଛି ଶକ୍ତି । ଅନ୍ତର୍ବିଜ୍ଞାନରେ ଏହି ଅନ୍ତର୍ଶକ୍ତିର ସାଧନା କରାଯାଏ । କିନ୍ତୁ ସେ ଏହି ସ୍ତମ୍ଭ ମଧ୍ୟକୁ ଆସିଲେ କିପରି ? ତେବେ କ'ଣ ଏହି ସ୍ତମ୍ଭର ତଳ ଭାଗରେ ଏକ ଦୀର୍ଘସୁଡ଼ଙ୍ଗ ପଥ ରହିଅଛି ? ତାହା ମଧ୍ୟରେ ନିଜ ଦଳ ବଳ ସହ ଭଗବାନ ନୃସିଂ ହ ଏବଂ ସୈନ୍ୟ ମାନେ ଅଦୃଶ୍ୟରେ ରହିଥିଲେ ?

ଆଶ୍ଚର୍ଯ୍ୟ ଯେ ହିରଣ୍ୟ କଶିପୁ ବ୍ରହ୍ମାଙ୍କଠାରୁ ପାଇଥିବା ବର ଅନୁସାରେ, ସେ ଦିନ ବା ରାତିରେ ମରିନାହିଁ। ସେ ସନ୍ଧ୍ୟା ସମୟରେ ମରିଅଛି । ସେ ଘରେ ବା ବାହାରେ ମରିନାହିଁ,ଦ୍ୱାରବନ୍ଧ ନିକଟରେ ମରିଅଛି । ସେ ପଶୁ ବା ମନୁଷ୍ୟ ହାତରେ ବଧ ହୋଇନାହିଁ, ନରସିଂହଙ୍କର ହାତରେ ମରିଅଛି । ସେ ଆକାଶରେ କିମ୍ବା ଭୂମିରେ ମରିନାହିଁ,ଶତ୍ରୁର ଜାନୁ ଉପରେ ଶାୟିତ ଅବସ୍ଥାରେ ମରିଅଛି । ସେ ଅସ୍ତ୍ରରେ ବା ଶସ୍ତ୍ରରେ ବଧ ହୋଇନାହିଁ, ଅତି ତୀକ୍ଷ୍ଣନଖ ମାନଙ୍କ ଦ୍ୱାରା ବଧ ହୋଇଅଛି । ତେବେ କ'ଣ ପ୍ରଜାପତି ବ୍ରହ୍ମାଙ୍କୁ ସମ୍ମାନ ଦେବା ସହିତ ସୁପରିକଳ୍ପିତ ଭାବେ ଏହି ହତ୍ୟା କରାଯାଇଛି ? ଓଃ ! କି ପ୍ରଚଣ୍ଡ କି ଅମିତ ଶକ୍ତି ! ତାହାଙ୍କ ନିକଟରେ ସେ ଆପେଆପେ ନତମସ୍ତକ ହୋଇ ଯାଉଥିଲେ । ତଥାପି ମଧ୍ୟ ସେ ବିଶ୍ୱାସ କରିପାରୁନଥିଲେ ଯେ ,ହଠାତ ଦୃଶ୍ୟ ହୋଇଥି ବା ଗୋଟିଏ ଶକ୍ତି କିପରି ସସୈନ୍ୟେ ସମ୍ମୁଖ ରଣ କ୍ଷେତ୍ରରେ ଯୁଦ୍ଧ କରି ପାରିବ ? ? ଏହା କେବଳ ଅନ୍ତର୍ବିଜ୍ଞାନରେ ସାଧକ ମାନଙ୍କୁ ଦୃଶ୍ୟ ହେବା ସମ୍ଭବ । ତେବେ କଣ ଏହି ସମସ୍ତ ଘଟଣାର ପଛରେ କେହି ଜଣେ ସୂତ୍ରଧର ଅଛି ? ସେ ନାରଦଙ୍କ ବ୍ୟତୀତ ଆଉ କିଏ ହୋଇପାରନ୍ତି ?

ନାରଦ ଦେବର୍ଷି ହେଲେ ମଧ୍ୟ ଅସୁର ମାନଙ୍କ ଭବନରେ ତାଙ୍କର ଅବାଧ ପ୍ରବେଶ ଥିଲା । ସେ ଏକାଧାରରେ ବୀଣାର ଉଦ୍ଭାବକ, ବୀଣାବାଦକ, ଭୂତ, ଭବିଷ୍ୟ, ବର୍ତ୍ତମାନ ତ୍ରିକାଳ ଜ୍ଞାତା ଜ୍ୟୋତିଷ ଓ ହସ୍ତରେଖା ବିଶାରଦ, ସଙ୍ଗୀତଜ୍ଞ, ଶାସ୍ତ୍ରଜ୍ଞ, ସାମବେଦୀୟ ବୈଦିକ ସଙ୍ଗୀତର ମହାନ ଜ୍ଞାତା ତଥା ପ୍ରେମ ଭକ୍ତି ବାଦର ସ୍ରଷ୍ଟା ଅଟନ୍ତି । (ପରେ ଏହି କୃଷ୍ଣ ପ୍ରେମ ଓ ଭକ୍ତି ଧର୍ମ ନଦିୟା ନବ ଦ୍ୱୀପ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା ।) ସେ ବିଷ୍ଣୁଙ୍କ ପରି ଯେ କୌଣସି ସ୍ଥାନରେ ପ୍ରକଟ ହୋଇ ପାରୁଥିଲେ । ମଧ୍ୟସ୍ଥତା କରି କଳି ସୃଷ୍ଟି କରିବା ଏବଂ କଳି ଭାଙ୍ଗିବାରେ ମଧ୍ୟ ସେ ବିଚକ୍ଷଣ ଥିଲେ । ସେ ସ୍ୱୟଂ ବ୍ରହ୍ମଚାରୀ, ଚରିତ୍ରବାନ ତଥା ଉଚ୍ଚ ଆଧ୍ୟାତ୍ମିକ ବାଦୀ ଥିଲେ । ନିଜର ଏହି ଅସାଧାରଣ ଗୁଣ ଗୁଡ଼ିକ ପାଇଁ ସେ ଦେବ, ଦାନବ ସମସ୍ତଙ୍କର ଅତୀବ ପ୍ରିୟ ପାତ୍ର ହୋଇ ପାରିଥିଲେ ଏବଂ ସବୁଠାରେ ତାଙ୍କର ଅବାଧ ପ୍ରବେଶ ଥିଲା ।

(ବିଭିନ୍ନ ପୁରାଣରେ ବିଭିନ୍ନ ନାରଦଙ୍କର ବର୍ଣ୍ଣନା କରା ଯାଇ ଛି । ସେମାନଙ୍କର ଜନ୍ମ ବୃତ୍ତାନ୍ତ ଏବଂ କର୍ମ ମଧ୍ୟ ଭିନ୍ନଭିନ୍ନ । କେହି ସାଧକ କୁହନ୍ତି ଯେ, ନାରଦ ଏକ ବାୟୁ ଭୂତ । ଏହା ମଧ୍ୟ ଲେଖାଅଛି ଯେ, ବ୍ରହ୍ମା । ଦକ୍ଷଙ୍କଠାରୁ ଏକ କନ୍ୟା ଆଣି କଶ୍ୟପଙ୍କୁ ଦେଇଥିଲେ । ତାଙ୍କଠାରୁ କାଶ୍ୟପ ନାରଦ ଜନ୍ମ ହୋଇଥିଲେ । ପରେ କାନ୍ୟକୁବଜ ଦେଶର ଗୋପରାଜ ଦ୍ରୁମିଳଙ୍କର ସନ୍ତାନ ହୀନା ପତ୍ନୀ କଳାବତୀ କାଶ୍ୟପ ନାରଦଙ୍କ ଦ୍ୱାରା ଏକ ପୁତ୍ର ଜନ୍ମଦେଲେ । ତାହାଙ୍କର ନାମ ନାରଦ ଥିଲା । (ପଠିତ ।) ତେବେ କଣ ନାରଦ ହିରଣ୍ୟ କଶିପୁଙ୍କର ପ୍ରାସାଦକୁ ଯିବା ସମୟରେ ଗୋପନରେ ପ୍ରହ୍ଲାଦଙ୍କ ନିକଟକୁ ଯାଉଥିଲେ ଏବଂ ତାଙ୍କର ବିଷ୍ଣୁ ବିଶ୍ୱାସକୁ ଦୃଢ଼ କରୁଥିଲେ ? ସେ ଭଗବାନ ନୃସିଂହଙ୍କୁ ମଧ୍ୟ ପ୍ରହ୍ଲାଦଙ୍କର ନିର୍ଯ୍ୟାତନା ସମ୍ପର୍କରେ ଅବଗତ କରାଇ ଥିଲେ ? ସେ ହିରଣ୍ୟ କଶିପୁଙ୍କୁ ବ୍ରହ୍ମାଙ୍କର ବରଦାନଏବଂ ତାଙ୍କର ମୃତ୍ୟୁ ନିରୋଧକ ପୋଷାକକୁ ଉନ୍ମୁକ୍ତ କରିବାର ଉପାୟ ମଧ୍ୟ ଜାଣିଥିଲେ ? ସେ ତାହା ମଧ୍ୟ ଭଗବାନ ନୃସିଂହଙ୍କୁ ଜଣାଇଥିଲେ ?

ତାଙ୍କଠାରୁ ବିଦାୟ ନେଇ ଗଲାବେଳେ ନୃସିଂହ କହିଥିଲେ ଯେ, ଭବିଷ୍ୟତରେ ହିରଣ୍ୟ କଶିପୁ ଓ ହିରଣାକ୍ଷଙ୍କୁ ଆଉ ଦୁଇଥର ପୃଥିବୀରେ ଜନ୍ମ ହେବାକୁ ପଡିବ । ସେମାନଙ୍କର ନାମ ହେବ ରାବଣ ଓ କୁମ୍ଭକର୍ଣ୍ଣ ତଥା ଶିଶୁପାଳ ଓ ଦନ୍ତବକ୍ର । ଯଥାକ୍ରମେ ଭଗବାନଙ୍କର ଅବତାର ରାମ ଓ କୃଷ୍ଣଙ୍କ ହସ୍ତରେ ବଧ ହୋଇ, ସେମାନେ ଅଭିଶାପ ମୁକ୍ତ ହୋଇ ଦିବ୍ୟଚକ୍ଷୁ ଲାଭ କରିବେ ଓ ପୁନଶ୍ଚ ବିଷ୍ଣୁଙ୍କ ଦ୍ୱାରପାଳ ରୂପେ ବୈକୁଣ୍ଠକୁ ଫେରିଯିବେ। 'ସେତେବେଳେ ପ୍ରଜାପତି କଶ୍ୟପଙ୍କର ଦୁଇଚକ୍ଷୁ ଅଶ୍ରୁରେ ଛଳଛଳ ହୋଇ ଉଠିଥିଲା । ହିରଣ୍ୟକଶିପୁ ପରି ଏକ ବୀର ଓ ବୁଦ୍ଧିମାନ, ଶକ୍ତିମାନ ପୁତ୍ରକୁ ହରାଇ ତାଙ୍କ ପିତୃ ହୃଦୟର ବ୍ୟଥା ତାଙ୍କ ପ୍ରଜାପତି ଓ ବୈଜ୍ଞାନିକ ସତ୍ତାକୁ ମଧ୍ୟ ପରାଜିତ କରିଥିଲା । ଏବେ ଅଶ୍ରୁରୁଦ୍ଧ କଣ୍ଠରେ ସେ ପ୍ରଶ୍ନକରିଥିଲେ 'ଏହି ରାମ ଓ କୃଷ୍ଣଙ୍କ ଅବତାରର ଉଦ୍ଦେଶ୍ୟ କ'ଣ ?'

(କ୍ରମଶଃ)

+ ବାଲିଝରି, କାନପୁର, ବଡ଼ମ୍ବା, କଟକ

# ତୃତୀୟ ଦିନରେ ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ତାଇକୋଣ୍ଡୋ (ମହିଳା) ପ୍ରତିଯୋଗିତା ୨୦୨୫-୨୬



ବାଲେଶ୍ୱର, ୧୮/୩ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଚାଲିଥିବା, ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ, ନୂଆଦିଲ୍ଲୀଙ୍କ ସହଯୋଗରେ ଆୟୋଜିତ ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ତାଇକୋଣ୍ଡୋ (ମହିଳା) ପ୍ରତିଯୋଗିତା ୨୦୨୫-୨୬ ସଫଳତାର ସହ ତୃତୀୟ ଦିନରେ ପ୍ରବେଶ କରିଛି। ଏହି ପ୍ରତିଯୋଗିତାରେ ଦେଶର ୨୫ଟି ରାଜ୍ୟର ୧୭୯ଟି ବିଶ୍ୱବିଦ୍ୟାଳୟରୁ ୧୦୦୦ରୁ ଅଧିକ କ୍ରୀଡ଼ାଳୁ ବିଭିନ୍ନ ଓଜନ ଶ୍ରେଣୀରେ ଅଂଶଗ୍ରହଣ କରିଥିବାରୁ, ଏହା ଏହି କ୍ଷେତ୍ରର ସବୁଠାରୁ ବଡ଼ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ା ଆୟୋଜନମାନଙ୍କ ମଧ୍ୟରୁ ଗୋଟିଏ ରୂପେ ପରିଣତ ହୋଇଛି। ମାର୍ଚ୍ଚ ୧୮ ପର୍ଯ୍ୟନ୍ତ ବିଭିନ୍ନ ଶ୍ରେଣୀର ବିଜେତାମାନେ ହେଲେ— ୧. କ୍ୟୋରୁଗି ଫାଇଟ୍ -୪୬ କି.ଗ୍ରା., ସୁବର୍ଣ୍ଣ – ଦର୍ଶନା (ବୀରାନାରୀ ଚକାଲି), ରୌପ୍ୟ – ସଞ୍ଜନା (ଡ଼ଃ ଶ୍ୟାମା ପ୍ରସାଦ ମୁଖର୍ଜୀ ବିଶ୍ୱବିଦ୍ୟାଳୟ, ରାଞ୍ଚି), କାଂସ୍ୟ – ମାନଭୀ (ଦିଲ୍ଲୀ ବିଶ୍ୱବିଦ୍ୟାଳୟ), କାଂସ୍ୟ – ପାଖି (ରାଜୀବ ଗାନ୍ଧୀ ପ୍ରାଯୁକ୍ତିକ ବିଶ୍ୱବିଦ୍ୟାଳୟ, ଭୋପାଳ), ୨. କ୍ୟୋରୁଗି ଫାଇଟ୍ -୪୯ କି.ଗ୍ରା., ସୁବର୍ଣ୍ଣ – କାକଡ଼ିଆ ଦ୍ରିଷା ବିଜୟଭାଇ (ନୀଲିମ ବିଶ୍ୱବିଦ୍ୟାଳୟ) ରୌପ୍ୟ – ଆଲିଶା ମାନ୍ରାଲ (ସୋବନ ସିଂହ ଜିନା ବିଶ୍ୱବିଦ୍ୟାଳୟ), କାଂସ୍ୟ – ତେଇନା (ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟ), କାଂସ୍ୟ – ମୁସ୍କାନ ମାନ୍ୟୁ (ରାଜୀବ ଗାନ୍ଧୀ ବିଶ୍ୱବିଦ୍ୟାଳୟ, ଅରୁଣାଚଳ), ୩. କ୍ୟୋରୁଗି ଫାଇଟ୍ -୫୭ କି.ଗ୍ରା., ସୁବର୍ଣ୍ଣ – କଶିଶ ମାଲିକ (ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ, ଅମୃତସର), ରୌପ୍ୟ – ମାନସୀ ବିଷ୍ଟ (ଡ଼ଃ ରାମମନୋହର ଲୋହିଆ ଅବଧ ବିଶ୍ୱବିଦ୍ୟାଳୟ), କାଂସ୍ୟ – ଜିୟା କିରଣ ଦାଭି (ବନିତା ବିଶ୍ରାମ ମହିଳା ବିଶ୍ୱବିଦ୍ୟାଳୟ, ସୁରତ), କାଂସ୍ୟ – ଆଦିତି ପି. କ୍ଷତ୍ରତେଜ (କର୍ଣ୍ଣାଟକ ବିଶ୍ୱବିଦ୍ୟାଳୟ, ଧାରୱାଡ଼)।

ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ, ଓଡ଼ିଶା ତାଇକ୍ୱାଣ୍ଡୋ ସଂଘର କାର୍ଯ୍ୟକର୍ତ୍ତାମାନେ, ବିଚାରକମାନେ ଓ ସ୍ୱେଚ୍ଛାସେବକମାନଙ୍କର ସମନ୍ୱିତ ପ୍ରୟାସରେ ପ୍ରତିଯୋଗିତା ସୁଚାରୁ ଭାବେ ପରିଚାଳିତ ହେଉଛି ଓ ଖେଳର ଏକ ନ୍ୟାୟସଙ୍ଗତ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇପାରିଛି।

ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି ପ୍ରତିଯୋଗିତାର ସଫଳ ଆୟୋଜନ ପ୍ରତି ସନ୍ତୁଷ୍ଟି ପ୍ରକାଶ କରି, ଅଂଶଗ୍ରାହୀମାନଙ୍କର ଉତ୍ସାହକୁ ପ୍ରଶଂସା କରିଥିଲେ ଏବଂ ଆଗାମୀ ମ୍ୟାଚଗୁଡ଼ିକ ପାଇଁ ସମସ୍ତ କ୍ରୀଡ଼ାଳୁଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ଏହି କ୍ରୀଡ଼ା ପ୍ରତିଯୋଗିତା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଶ୍ରେଷ୍ଠତା, ଶିଷ୍ଟାଚାର ଓ ଏକତାର ପ୍ରଚାର କରିବା ସହ ଜାତୀୟ ଏକତା ଓ ନାରୀ ସଶକ୍ତିକରଣର ଭାବନାକୁ ଆହୁରି ଦୃଢ଼ ଭାବେ ପରିପ୍ରକାଶ କରିପାରିଛି।

# ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଗଣଧାରଣା

କେନ୍ଦ୍ରାପଡା, ୧୮/୩ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାରେ ମେଡିକାଲ କଲେଜ ଘୋଷଣା କରିବା ପାଇଁ ପଦ୍ମ ଘୁଚି ଘୁଂଚି ଯାଉଛି । ସ୍ୱାଧୀନତାର ୭୯ ବର୍ଷ ପରେ ମଧ ନାହିଁ ନାହିଁର ଜିଲ୍ଲା କେନ୍ଦ୍ରାପଡା ସବୁଥିରୁ ବଂଚିତ। ଅର୍ଥନୈତିକ ବିକାଶର ୨୯ତମ ସ୍ଥାନରେ ଥିବା କେନ୍ଦ୍ରାପଡା ଜିଲ୍ଲାର ଲୋକେ ସାଧାରଣ ସ୍ୱାସ୍ଥ୍ୟ ସେବାରୁ ବଂଚିତ। ଜିଲ୍ଲାର ଛାତି ଚିରି ୫୩ ନମ୍ବର ଜାତୀୟ ରାଜପଥ ଏବଂ ରେଳପଥ ଯାଇଛି । କେନ୍ଦ୍ରାପଡା ବାସୀ ଦେଶର ବିକାଶ ପାଇଁ ହଜାର ହଜାର ଏକର ଜମି ଦେଇଛନ୍ତି। ପାଇଛନ୍ତି କ'ଣ ବୋଲି ଆଜି ପ୍ରଶ୍ନ ପଚାରୁଛନ୍ତି ? ପ୍ରତିଦିନ ସେହି ରାସ୍ତାରେ ଯାଉଥିବା ଲୋକେ ଆକ୍ସିଡେଂଟରେ ଖଣ୍ଡିଆଖାବରା ହୋଇ ମୃତ୍ୟୁବରଣ କରନ୍ତି । ଅର୍ଥନୈତିକ ଦୁର୍ଗତିର କଥା ଯଦି କହିବା ତେବେ କେନ୍ଦ୍ରାପଡା ଜିଲ୍ଲାକୁ ନମୁନା ଭାବେ ଗ୍ରହଣ କରାଯାଇପାରେ। ରାଜ୍ୟରେ ତିନିଟି ମେଡିକାଲ କଲେଜ ଥିଲାବେଳେ ସେବେଠାରୁ ଅର୍ଥାତ ୨୦୧୫ ମସିହା ଠାରୁ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଜିଲ୍ଲାରେ ଆନ୍ଦୋଳନ ଆରମ୍ଭ ହୋଇଛି। ସେତେବେଳେ ସମସ୍ତ ବିରୋଧୀ ରାଜନୈତିକ ଦଳ, ଗଣସଙ୍ଗଠନ, ସାମାଜିକ ସଂଗଠନ, ବୁଦ୍ଧିଜୀବୀ ସମ୍ପ୍ରଦାୟ ନିଜସ୍ୱ ଭାବେ ଆନ୍ଦୋଳନ କରିଆସିଛନ୍ତି। ଏହା ମଧ୍ୟରେ ୩ରୁ ୧୭ ମେଡିକାଲ କଲେଜ ରାଜ୍ୟରେ ଘୋଷଣା ହେଇଛି । ସରକାର ପରେ ସରକାର ବଦଳିଛି । କିନ୍ତୁ, କେନ୍ଦ୍ରାପଡା ଜିଲ୍ଲା ଯେଉଁ ଦୁଃଖିଆକୁ ସେହି ଦୁଃଖିଆ ।ରାଜନୈତିକ ପଶା ପାଲିରେ କେନ୍ଦ୍ରାପଡା ବଳି ପଡିଛି । ଅତୀତରେ କ୍ଷମତାରେ ଥିବା ଦଳ ନିରବ ରହିଥିବା ବେଳେ, ଗତକାଲି ଆନ୍ଦୋଳନ କରୁଥିବା ଦଳ ଆଜି କ୍ଷମତାକୁ ଯିବା ପରେ ନିରବ ରହୁଛି। ଏହି ଛାଇ ଆଲୁଅ ଖେଳ ଜିଲ୍ଲାର ବିକାଶ ପାଇଁ କାଳ ହୋଇଛି । ଅନ୍ୟପକ୍ଷରେ ଆନ୍ଦୋଳନର ଜୁଆର ଯେତିକି ଉତାଳ ହେଇଛି ପ୍ରତିଶ୍ରୁତିର ବନ୍ୟା ସେତିକି ପ୍ରଖର ହୋଇଛି । ପୂର୍ବ ସରକାରଠୁ ଏବର ସରକାର ପ୍ରତିଶୃତି ପରେ ପ୍ରତିଶ୍ରୁତି। ଫଳ କିନ୍ତୁ ଶୂନ। ବିଭିନ୍ନ ସମୟରେ ସ୍ୱାସ୍ଥ୍ୟ ସେବାରୁ ବଂଚିତ ହୋଇ ଅର୍ଦ୍ଧାଧିକ ଲୋକ କଟକ ବଡ଼ ଡ଼ାକ୍ତରଖାନା ଯାଇଥାନ୍ତି। ବର୍ଷ ବର୍ଷ ଧରି ଚାଲିଥିବା ଏହି ପ୍ରକ୍ରିୟାର କୌଣସି ପରିବର୍ତ୍ତନ ନାହିଁ । ଏହା ବିରୁଦ୍ଧରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଜିଲ୍ଲାବାସୀ ଏକଜୁଟ। ଯେପର୍ଯ୍ୟନ୍ତ ମେଡିକାଲ କଲେଜ ଘୋଷଣା ହୋଇନି ସେପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ । ଏହି ପରିପ୍ରେକ୍ଷୀରେ ଓଡିଶା ବିଧାନସଭାର ଚାଲିଥିବା ଅଧିବେଶନରେ ମୋହନ ସରକାର କେନ୍ଦ୍ରାପଡାରେ ମେଡିକାଲ କଲେଜ ଘୋଷଣା କରିବା ଦାବିରେ ଆଜି ଜିଲ୍ଲାପାଳ ଅଫିସ ସମ୍ମୁଖରେ ଅନୁଷ୍ଠିତ ଗଣଧାରଣାରେ ଅଧ୍ୟାପକ ଅଜୟ ସାମଲ ସଭାପତିତ୍ୱ କରିଥିଲେ। ଏହି ଗଣ ଧାରଣାରେ କ୍ରିୟାନୁଷ୍ଠାନ କମିଟିର ସମ୍ପାଦକ ରମଣି ରଞ୍ଜନ ରାଉତରାୟ, ସିପିଆଇ(ଏମ) ଜିଲ୍ଲା ସମ୍ପାଦକ ଗାୟଧର ଧଳ, କଂଗ୍ରେସର ବରିଷ୍ଠ ନେତା ପ୍ରଫୁଲ ଦାସ, ବିଜେଡିର ପୂର୍ବତନ ଜିଲ୍ଲା ସଭାପତି ଧୀରେନ ସାହୁ, ସିପିଆଇ ଜିଲ୍ଲା ସମ୍ପାଦକ ବିକାଶ ବେଉରା, ସିପିଆଇ (ଏମଏଲ) ଜିଲ୍ଲା ସମ୍ପାଦକ ବିଧାନ ଦାସ, କେନ୍ଦ୍ରାପଡା ମୁନିସିପାଲଟି ନେତା ମୁକ୍ତାର ଖାଁ, ମହାକାଳପଡ଼ା ବ୍ଲକ ନେତା ନିରାକାର ଜେନା, ନରୋତମ ପାର୍ଥସାରଥୀ, ବିଜୟ ନାଥ, ଚିତ ରଞ୍ଜନ ତରାଇ, ପଟ୍ଟାମୁଣ୍ଡାଇ ନେତା ଦାଶରଥି ସାହୁ, ରାଜକୁମାର ବିଶ୍ୱାଳ, ଅଶୋକ ନାୟକ, ଡେରାବିସ ନେତା ଗୋଲକ ଚନ୍ଦ୍ର ମହାଭୋଇ, ଗାନ୍ଧିବାଦୀ ଅଭିମନ୍ୟୁ ରାଉତ, ବିପିନ ସାହୁ, ମାର୍ଶାଘାଇର ନେତା କେଦାର ସାମନ୍ତରାୟ, ସୁରେଶ ପଟ୍ଟନାୟକ, ପବିତ୍ର ପରିଡା, ଶ୍ରୀନିବାସ ପରିଡା, ଡ଼ଃ ଚୈତନ୍ୟ ପରିଡା, ଗରଦପୁର ନେତା ନବଘନ ମହାରଣା, ସୀତାକାନ୍ତ ନାୟକ, କେନ୍ଦ୍ରାପଡା ବ୍ଲକ ନେତା ପ୍ରଫୁଲ୍ଲ ରାଉତ, ବିପ୍ଳବ କୁମାର, ରାଜକନିକାର ନେତା ମଙ୍ଗୁଳି ଚରଣ ବେହେରା, ରାଜେନ୍ଦ୍ର ବେଉରା, ଗୋପୀନାଥ ବିଶ୍ୱାଳ, ଜିଲ୍ଲାର ବରିଷ୍ଠ ନେତା ନନ୍ଦକିଶୋର ପରିଡା, ଆଦିକନ୍ଦ ରାଉଳ, ଫକୀର ଖଟୁଆ, ଦିଲ୍ଲୀପ ମିଶ୍ର, ଧୀରେନ୍ଦ୍ର ବେହେରା, ବୈଷ୍ଣବ ସ୍ୱାଇଁ, ମହେନ୍ଦ୍ର ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଶାସକ ବିଜୟ ନାୟକ ,ପୂର୍ବତନ ନଗରପାଳ ଆକବର ଅଲ୍ଲୀ, ନବନିର୍ମାଣ କୃଷକ ସଂଗଠନ ଦୋଳଗୋବିନ୍ଦ ସାହୁ, ହୃଷିକେଶ ନାୟକ,ମହେନ୍ଦ୍ର ପରିଡା, ଡ଼ଃ ଉପେନ୍ଦ୍ରନାଥ ପ୍ରଧାନ, ଅର୍ପତି ସେଠି, ମାଧବାନନ୍ଦ ନାୟକ, ଭାବଗ୍ରାହୀ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଗ୍ରୀଷ୍ମ ପ୍ରବାହ ମୁକାବିଲା ନେଇ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା, ୧୮/୩ (ନି.ପ୍ର): ଆଗାମୀ ଅପ୍ରେଲ ଓ ମଇ ମାସରେ ପ୍ରବଳ ଗ୍ରୀଷ୍ମ ପ୍ରବାହର ଆଶଙ୍କାକୁ ଦୃଷ୍ଟିରେ ରଖି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ଗାଇଡଲାଇନ୍ ଅନୁଯାୟୀ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାନଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଜିଲ୍ଲାସ୍ତରୀୟ ଜରୁରୀକାଳୀନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ଚହ୍ୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଏବଂ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମୃତ୍ୟୁଞ୍ଜୟ ସବରଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

ବୈଠକରେ ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି ଯେ ଜିଲ୍ଲାରେ ଅଂଶୁଘାତ ଜନିତ ମୃତ୍ୟୁ ସଂଖ୍ୟାକୁ ଶୂନ୍ୟ ରଖିବା ପ୍ରଶାସନର ପ୍ରାଥମିକତା। ଏଥିପାଇଁ ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ପିକ-ଆୱାରରେ କୌଣସି ପରିବହନ ସେବା କିମ୍ବା ଖଣି ଓ ନିର୍ମାଣ ଶ୍ରମିକଙ୍କ କାର୍ଯ୍ୟ ଜାରି ରହିବ ନାହିଁ। ଭାରୀ ଯାନ ଗୁଡ଼ିକରେ ଡ୍ରାଇଭରଙ୍କ ସୁରକ୍ଷା ପାଇଁ କୁଲିଂ ବ୍ୟବସ୍ଥା ସହ ଜଣେ ସହଯୋଗୀ ରହିବା ବାଧ୍ୟତାମୂଳକ କରାଯାଇଛି। ସ୍କୁଲ ଗୁଡ଼ିକରେ ପିଲାମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ସତର୍କତା ଅବଲମ୍ବନ କରିବାକୁ ଏବଂ ସକାଳୁଆ ସ୍କୁଲ ନିୟମ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜାତୀୟ ରାଜପଥରେ ଗୋବିନ୍ଦପୁର ଟୋଲ ଗେଟ୍ ସମେତ ଜିଲ୍ଲାର ସମସ୍ତ ବ୍ଲକ, ମ୍ୟୁନିସିପାଲିଟି ଏବଂ ଜଳକ୍ଲିଷ୍ଟ ଅଂଚଳରେ ପର୍ଯ୍ୟାପ୍ତ ଜଳଛତ୍ର ଓ ବିଶ୍ରାମ ଗାର ଖୋଲିବାକୁ କୁହାଯାଇଛି। କୌଣସି ସରକାରୀ କାର୍ଯ୍ୟାଳୟ ପରିସରରେ ଜଳ ଅପଚୟକୁ ନେଇ ଜିଲ୍ଲାପାଳ କଠୋର ଆଭିମୁଖ୍ୟ ପ୍ରକାଶ କରି କହିଛନ୍ତି ଯେ, 'ଟ୍ୟାପ୍ ଖୋଲା ରଖିବା ବା ପାଣି ଭାସୁଥିବା ବର୍ଦ୍ଦାସ୍ତ କରାଯିବ ନାହିଁ।' ପାନୀୟ ଜଳ ସମ୍ପର୍କିତ ସମସ୍ତ ପେଣ୍ଡିଂ ଫାଇଲ୍ ତୁରନ୍ତ ସାରିବା ସହ ଅଚଳ ନଳକୂପ ଓ ପାଇପ୍ ଲାଇନ ଲିକେଜକୁ ୨୪ ଘଣ୍ଟା ମଧ୍ୟରେ ମରାମତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଟାଟା ପାୱାରକୁ ନିର୍ଦ୍ଦେଶ ଦିଆଯାଇଛି ଯେ, ମରାମତି କାର୍ଯ୍ୟ ଭୋର ସମୟରେ କରାଯିବ ଏବଂ ମଧ୍ୟାହ୍ନରେ ଅବିରତ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ ହେବ। ସ୍ୱାସ୍ଥ୍ୟ ବିଭାଗକୁ ଓଆରଏସ ପ୍ୟାକେଟ ଓ ଜୀବନ ରକ୍ଷକ ଔଷଧ ମହଜୁଦ ରଖିବା ସହ ହସ୍ପିଟାଲ ଗୁଡ଼ିକରେ ଏସି ଓ କୁଲର ସୁବିଧା ଥିବା ସ୍ୱତନ୍ତ୍ର କକ୍ଷ ପ୍ରସ୍ତୁତ ରଖିବାକୁ କୁହାଯାଇଛି। ଜଙ୍ଗଲରେ ନିଆଁ ରୋକିବା ପାଇଁ ବନ ବିଭାଗକୁ ସତର୍କ କରାଯାଇଥିବା ବେଳେ ବନ୍ୟଜନ୍ତୁଙ୍କ ପାଇଁ ପାଣିର ବ୍ୟବସ୍ଥା କରିବାକୁ କୁହାଯାଇଛି। ଜିଲ୍ଲା, ବ୍ଲକ ଓ ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ୨୪/୭ କଂଟ୍ରୋଲ ରୁମ୍ ଖୋଲାଯାଇ ସମସ୍ତ ହେଲ୍ପଲାଇନ ନମ୍ବରକୁ ସାର୍ବଜନୀନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଏଥିସହ ଚଳିତ ମାର୍ଚ୍ଚ, ଅପ୍ରେଲ ଓ ମଇ ମାସରେ ଗ୍ରୀଷ୍ମ ପ୍ରବାହ ଅଂଶୁଘାତ ନିୟନ୍ତ୍ରଣ ପାଇଁ କିପରି ପ୍ରସ୍ତୁତି ହେବା ଆବଶ୍ୟକ ସେ ବିଷୟରେ ଜିଲ୍ଲାର ବିଭିନ୍ନ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଚଳିତ ବର୍ଷର ପ୍ରଥମାର୍ଦ୍ଧରୁ ହିଁ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜିଲ୍ଲାରେ ଆରମ୍ଭ ହୋଇଥିବା ବେଳେ ଆଗକୁ ଏହା ଆହୁରି ତୀବ୍ର ରୂପ ନେବାର ଆଶଙ୍କା ରହିଛି । ତେଣୁ ବିଭିନ୍ନ ସମୟରେ ଅଂଶୁଘାତ ହୋଇ ଜୀବନ ପ୍ରତି ବିପଦ ମଧ୍ୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ତେଣୁ ସ୍ୱାସ୍ଥ୍ୟ ବିଭାଗକୁ ସଜାଗ ରହିବାକୁ କୁହାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ଏକ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ କରାଯିବା ସହ ଅଂଶୁଘାତ ରୋଗୀଙ୍କ ପାଇଁ ସମସ୍ତ ପ୍ରକାର ଆଶୁ ଚିକିତ୍ସା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ କୁହାଯାଇଥିଲା।

ସେହିପରି ଜିଲ୍ଲାର ସମସ୍ତ ଗ୍ରାମରେ ପାନୀୟ ଜଳ ବ୍ୟବସ୍ଥା କରାଯିବକ୍ଷ, ଅଚଳ ନଳକୂପ, ସୌର ଚାଳିତ ନଳକୂପ ଗୁଡିକ କାର୍ଯ୍ୟକ୍ଷମ କରିବା ନିମନ୍ତେ ଜିଲ୍ଲା ଗ୍ରାମୀୟ ଜଳଯୋଗାଣ ସଂସ୍ଥା ନିର୍ବାହୀ ଯନ୍ତ୍ରୀଙ୍କୁ କୁହାଯାଇଛି। ଖରାପ ନଳକୂଅ ତୁରନ୍ତ ମରାମତି କରିବାକୁ କୁହାଯାଇଛି।

ସେହିପରି ମଧ୍ୟାହ୍ନ ସମୟରେ ବାହାରେ ବୁଲିବା ବେଳେ ପାଣି ବୋତଲ, ଛତା, ଟୋପି ତଥା ଓଦା କପଡା ଇତ୍ୟାଦି ମୁଣ୍ଡରେ ପକାଇ ଯାତାୟାତ କରିବା ଏବଂ ଏନେଇ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ବ୍ୟାପକ ସଚେତନ କରାଇବାକୁ ମଧ୍ୟ ବିଭିନ୍ନ ବ୍ୟବସ୍ଥା ପାଇଁ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ, ପଂଚାୟତ ଜନପ୍ରତିନିଧି ମାନଙ୍କୁ ନେଇ ଜନସଚେତନତା କରିବା ପାଇଁ କୁହାଯାଇଛି।

ବନ୍ୟଜନ୍ତୁଙ୍କ ନିମନ୍ତେ ପିଇବା ପାଣି ବ୍ୟବସ୍ଥା କରିବାକୁ ବନ ବିଭାଗ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଅଂଶୁଘାତରେ ଯଦି କାହାର ମୃତ୍ୟୁ ହୁଏ ତେବେ ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ମଧ୍ୟ ତହସିଲଦାର, ବିଡ଼ିଓ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

# ସୁଭଦ୍ରା ଶକ୍ତି ମେଳା-୨୦୨୬ର ସଫଳ ଆୟୋଜନ : ୭୦ ଲକ୍ଷ ଟଙ୍କାରୁ ଅଧିକ ବ୍ୟବସାୟ

ନୂଆପଡ଼ା, ୧୮/୩ (ନି.ପ୍ର): ନୂଆପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ 'ସୁଭଦ୍ରା ଶକ୍ତି ମେଳା-୨୦୨୬'ର ସପ୍ତମ ତଥା ଉଦଯାପନୀ ରଜନୀ ଉତ୍ସାହ ଓ ଉଲ୍ଲାସମୟ ପରିବେଶରେ ନ୍ୟାସନାଲ କଲେଜ ମେଳା ପ୍ରାଙ୍ଗଣରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଜିଲ୍ଲା ସହିତ ରାଜ୍ୟର ବିଭିନ୍ନ ଅଂଚଳରୁ ମୋଟ୍ ୧୨୦ଟି ଷ୍ଟଲ୍ ସ୍ଥାପିତ ହୋଇଥିଲା। ମେଳା ଅବଧିରେ ସମୁଦାୟ ଭାବେ ୭୦,୮୯,୨୫୧ ଟଙ୍କାର ବ୍ୟବସାୟ ହୋଇଛି। ମେଳାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ସ୍ୱୟଂସହାୟକ ଗୋଷ୍ଠୀମାନେ ନିଜସ୍ୱ ଉତ୍ପାଦିତ ହସ୍ତଶିଳ୍ପ, ଖାଦ୍ୟପଦାର୍ଥ ଓ ଗ୍ରାମୀଣ ଉତ୍ପାଦନଗୁଡ଼ିକୁ ପ୍ରଦର୍ଶନ ଓ ବିକ୍ରୟ କରି ଭଲ ରୋଜଗାର କରିଥିଲେ। ଜନସାଧାରଣଙ୍କ ବିପୁଳ ଭିଡ଼ ଓ ସହଭାଗିତା ମେଳାକୁ ସଫଳ କରିଥିଲା। ଏହି ଅବସରରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ. ଧନେଶ୍ୱର ସେଠୀ, ଜିଲ୍ଲା ପରିଷଦ ସଭ୍ୟ ଚିତ ବେହେରା ଓ ପୁଷ୍ପାଞ୍ଜଳୀ ଗୁଆଲ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ । ସଭାରେ ବିଭିନ୍ନ ଶ୍ରେଣୀରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ବିଭାଗ ଓ ଷ୍ଟଲ୍ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଲାଇନ୍ ଡିପାର୍ଟମେଣ୍ଟରେ ନୂଆପଡ଼ା ଆର୍ଟିଓ ବିଭାଗ ପ୍ରଥମ, ଜିଲ୍ଲା ସମାଜ ସୁରକ୍ଷା ବିଭାଗ ଦ୍ୱିତୀୟ ଓ ଜିଲ୍ଲା ଶିକ୍ଷା ବିଭାଗ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହାପରେ ରାଉରକେଲାର ଓଡ଼ିଶୀ ଦଳ, ମା ମାଉଳି ଘୁମୁରାଦଳ କୁଶମାଳ, ୟୁଜିଏଚଏସ ଧୋବେଇ, ସରକାରୀ ଉଚ୍ଚ ବିଦ୍ୟାଳୟ ଆମନାରାର ଛାତ୍ରୀମାନେ ଏବଂ ସ୍ୱର ସିଙ୍ଗାର ଟାନୱାଟର କଳାକାରମାନେ ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ନବନୀତା ଦାଶଙ୍କ ପ୍ରୋତ୍ସାହନରେ କଳାକାର ମାନେ ବାଲ୍ୟ ବିବାହ ଓ ପ୍ରବାସୀ ଶ୍ରମିକ ସମସ୍ୟା ଉପରେ ନାଟକ ପରିବେଷଣ କରିଥିଲେ । ଏହି ସୁଭଦ୍ରା ଶକ୍ତି ମେଳାକୁ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ, ଜିଲ୍ଲା ମିଶନ ଶକ୍ତି ପରିଚାଳକ ସୁନୀଲ କୁମାର ମଲ୍ଲିକ, ଓରମାସ ବିଭାଗ ସଫଳ ଭାବରେ ରୂପାୟନ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ମଧୁସୂଦନ ଦାଶ ମେଳାର ସଫଳ ଆୟୋଜନ ପାଇଁ ସମସ୍ତ ଜିଲ୍ଲାବାସୀ, ଜିଲ୍ଲା ସ୍ତରୀୟ ଅଧିକାରୀ ଓ ସଂପୃକ୍ତ ବିଭାଗମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଆୟକର ସମ୍ବନ୍ଧୀୟ ଏକ ସଚେତନା ଶିବିର ଅନୁଷ୍ଠିତ

କେନ୍ଦୁଝର, ୧୮/୩ (ନି.ପ୍ର): ସ୍ଥାନୀୟ ରୋଟାରୀ କ୍ଲବ ଠାରେ ଆୟକର ସମ୍ବନ୍ଧୀୟ ଏକ ସଚେତନା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମ୍ବଲପୁରର ମୁଖ୍ୟ ଆୟକର ଆୟୁକ୍ତ ସରୋଜ କୁମାର ମହାପାତ୍ର ଓ ଅତିରିକ୍ତ ଆୟକର ଆୟୁକ୍ତ ରାଉରକେଲା ରେଞ୍ଜ, ରାଉରକେଲା ରାଧେଶ୍ୟାମ ଜାଜୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ଉକ୍ତ ଶିବିରରେ କେନ୍ଦୁଝର ଆୟକର ଅଧିକାରୀ ସ୍ୱରଣେନ୍ଦ୍ର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଉକ୍ତ ସଚେତନତା ଶିବିରରେ ଆୟକର ଅଧିନିୟମ ୧୯୬୧ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ବିଶେଷକରି ସରକାରୀ ତଥା ବେସରକାରୀ ବେତନଭୋଗୀ କର୍ମଚାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ନିୟମ ଗୁଡିକୁ ମିଶ୍ର ଅତି ପ୍ରାଞ୍ଜଳ ତଥା ସରଳ ଭାବରେ ବୁଝାଇଥିଲେ ।

## ରେଲୱେ ଷ୍ଟେସନ ରୋଡରୁ ୨୬ କିଲୋ ଗଞ୍ଜେଇ ଜବତ :୨ ଗିରଫ

ବଲାଙ୍ଗିର, ୧୮/୩ (ନି.ପ୍ର): ୨୬ କିଲୋ ଗଞ୍ଜେଇ ଚାଲାଣ ବେଳେ ବଲାଙ୍ଗିର ପୋଲିସ ଜବତ କରିଛି । ଏହାର ବଜାର ମୂଲ୍ୟ ୧୩ ଲକ୍ଷ ଟଙ୍କା ହେବ। ଏହା ସହିତ ଚାଲାଣ କାରି ୨ ଜଣଙ୍କୁ ଗିରଫ କରିଛି । ଆଜି ବଲାଙ୍ଗୀର ପୋଲିସର ଏକ ଦଳ ଚଢ଼ଉ କରି ବିପୁଳ ପରିମାନର ଗଞ୍ଜେଇ ଜବତ କରିଛି । ଅବୈଧ ଗଂଜେଇ ଚାଲାଣ ହୋଥିବା ନେଇ କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବଲାଙ୍ଗୀର ପୋଲିସ ମାଲପଡା ରେଲୱେ ଷ୍ଟେଷନ ରୋଡରେ ଦୁଇ ଜଣ ବ୍ୟକ୍ତିଙ୍କୁ କାବୁ କରିଥିଲା । ଏହି ୨ ଜଣ ବିହାର ରାଜ୍ୟର ବୋଲି ଜଣାପଡିଛି । ଏମାନେ ହେଲେ ବିହାର ପୂର୍ବ ଚମ୍ପାରନର ସୁଗାଉଲି ଥାନା ଅନ୍ତର୍ଗତ ସୁଗାଓଁ ର ମିକି ମିଶ୍ର(୨୧) ଓ ଛୋଟା ବୌଦ୍ଧର ଆକାଶ କୁମାର(୨୬) । ସେମାନଙ୍କ ଠାରୁ ୨୯ କେଜି ୯୭୦ ଗ୍ରାମ ଗଂଜେଇ ଜବତ କରିବା ସହ ଦୁଇଟି ମୋବାଇଲ, ଗିରଫ ଅଭିଯୁକ୍ତ ଆକାଶର ଆଧାରକାର୍ଡ ଓ ମିକି ମିଶ୍ରର ପରିଚୟ ପତ୍ର ମଧ ଜବତ କରାଯାଇଥିବା ପୋଲିସ ସୂଚନା ଦେଇଛି । ବଲାଙ୍ଗୀର ଏସପିଙ୍କ ନିର୍ଦ୍ଦେଶ କ୍ରମେ ଇନିସପେକ୍ଟର ଏ.କେ. ସାହୁ, ଏସ୍.ଏଫ୍ ଏକ୍କା, ଏସ୍.ଆଇ ଦେବାଶିଷ ଶତପଥୀ ବୈକୁଣ୍ଠ ଦେହେରୀ, ଏଏସଆଇ ଏ.କେ. ପାଣ୍ଡେ, ବି.ଡି. ଭୋଇ ପ୍ରମୁଖ ଏହି ଘଟଣାର ବିଭିନ୍ନ ଦିଗକୁ ନେଇ ଅନୁସନ୍ଧାନ ଜାରି ରଖିଛନ୍ତି । ଗିରଫ ବ୍ୟକ୍ତି ମାନଙ୍କ ନାମରେ ଟାଉନ ପି.ଏସ୍. କେଶ ନମ୍ବର ୧୪୪, ଦଫା।୨୦(ବି) ଆଇଆଇ(ସି) ଏନଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ ହୋଇଛି । ଆଜି ଟାଉନ ଥାନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ସରୋଜ କୁମର ଉପାଧ୍ୟାୟ ସୂଚନା ଦେଇ କହିଥିଲେ ଯେ, ଆଜି ଟାଉନ ପୋଲିସ୍ ର ଖବର ଅନୁସାରେ ଟାଉନ ପେଟ୍ରୋଲିଙ୍ଗ ଗାଡ଼ି ଏମାନଙ୍କୁ ଗୋଡ଼ାଇ ଧରିଥିଲା। ବୌଦ୍ଧ ଜିଲ୍ଲା କଂଟାମାଳର ଜଣେ ବ୍ୟକ୍ତି ଠାରୁ ଏମାନେ ଗଞ୍ଜେଇ ନେଇ ଟ୍ରେନ ଯୋଗେ ବିହାରକୁ ନେବାକୁ ଚେଷ୍ଟା କରୁଥିଲେ ତା' ଆଗରୁ ପୋଲିସ ଧରିବାରେ ସଫଳ ହୋଇଛି। ଯୋଗାଣକାରୀକୁ ଧରିବାକୁ ଥିବାରୁ ନାମ ଗୋପନ ରଖି ସୂଚନା ଦେଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଟାଉନ ଥାନା ଆଇ ଆଇ ସି ଅବନୀ ସାହୁ ଉପସ୍ଥିତ ଥିଲେ ।

# ଆଉଟସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ବାଧାପ୍ରାପ୍ତ ହେଉଛି ସରକାରୀ କାର୍ଯ୍ୟ

ଜୟପୁର, ୧୮/୩ (ନି.ପ୍ର): ରାଜ୍ୟ ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘର ଆନ୍ଦୋଳନ ଯୋଗୁଁ କୋରାପୁଟ ଜିଲାର ମହକୁମା ସହ ସମସ୍ତ ବ୍ଲକର ସମସ୍ତ ସରକାରୀ ବିଭାଗର କାର୍ଯ୍ୟ ଦିନକୁ ଦିନ ଠପ୍ ହେବାରେ ଲାଗିଛି । ବ୍ଲକ କାର୍ଯ୍ୟାଳୟ ଠାରୁ, ସ୍ୱାସ୍ଥ୍ୟ, ଜଙ୍ଗଲ, ଶିକ୍ଷା, ତହସିଲ, ବ୍ଲକ, ସାହିତ୍ୟ ଓ ସଂସ୍କୃତି ବିଭାଗ ସମେତ ସମସ୍ତ ସରକାରୀ ବିଭାଗକୁ ଆସୁଥିବା ଜନସାଧାରଣଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଆଉଟସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ବିଗତ ବର୍ଷ ଠାରୁ ପ୍ରତିଶ୍ରୁତି ଦେଇ କର୍ମଚାରୀଙ୍କ ପାଇଁ ସରକାର କୌଣସି ସୁବିଧାସୁଯୋଗ ଯୋଗେଇଦେଇ ନାହାନ୍ତି, କର୍ମଚାରୀଙ୍କୁ ଛଟେଇ କରୁଛନ୍ତି । ତେଣୁ ବାଧ୍ୟହୋଇ କର୍ମଚାରୀମାନେ ଆଜିକୁ ୭ ଦିନ ହେବ ପ୍ରବଳ ଖରାରେ ଭୁବନେଶ୍ୱର ଗାନ୍ଧୀମାର୍ଗରେ ଆନ୍ଦୋଳନରେ ବସିଛନ୍ତି । ସରକାର ଲିଖିତ ପ୍ରତିଶୃତି ସହ ନିର୍ଦ୍ଦେଶନାମା ଜାରିକଲେ କର୍ମଚାରୀମାନେ ପୁଣି କାର୍ଯ୍ୟକ୍ଷେତ୍ରରେ ଯୋଗଦାନ କରିବେ ବୋଲି ମହାସଂଘର ରାଜ୍ୟ ସଦସ୍ୟ ସୂଚନା ଦେଇଛନ୍ତି । ରାଜ୍ୟ ସରକାର ତୁରନ୍ତ ମହାସଂଘ ସହ ଆଲୋଚନା କରି ସରକାରୀ କାର୍ଯ୍ୟ ସ୍ୱାଭାବିକ କରିବାକୁ ସଂଘ ସଦସ୍ୟ ମାନେ ଦାବି କରିଛନ୍ତି । ଆଉଟସୋର୍ସିଂ କର୍ମଚାରୀଙ୍କ ଦାବି ଯଥାର୍ଥ, ତେଣୁ ସରକାର ଯଥାଶୀଘ୍ର ଦାବି ଉପରେ ବିଚାରକରି ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ବୁଦ୍ଧିଜିବୀ ମହଲରେ ଆଲୋଚନା ହେଉଛି । ଆଉଟସୋର୍ସିଂ କର୍ମଚାରିଙ୍କୁ ନିୟମିତ କରିବା ପାଇଁ ଜୟପୁର ବିଧାୟକ ତାରା ପ୍ରସାଦ ବାହନିପତି ବିରୋଧୀ ଦଳ ନେତା ରାମ କାଡାମ ବିଧାନସଭାରେ ଦାବି ମଧ କରିଛନ୍ତି । ତିନି ଦଫା ଦାବିପୂରଣ ପାଇଁ ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘର ବିଶାଳ ଆନ୍ଦୋଳନ କୋରାପୁଟ ଜିଲାରେ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିବା ଲକ୍ଷ୍ୟ କରାଯାଇଛି । କଥା ଦେଇ କଥା ରଖୁ ନାହାନ୍ତି ମୋହନ ସରକାର । କ୍ଷମତାକୁ ଆସିବା ଆଗରୁ ଦୃଢ ପ୍ରତିଶୃତି, କ୍ଷମତାରେ ବସିଲା ପରେ ଆଉ ପାଖ ମଡେଇ ଦେଉ ନାହାନ୍ତି, ୨୪ ବର୍ଷର ସରକାରରେ ବିଭିନ୍ନ କାରଣରୁ ୨୯୭ ଜଣ ଛଟେଇ ହୋଇଥିଲେ । କିନ୍ତୁ ୧୮ ମାସର ସରକାର, ଚାରି ହଜାରରୁ ଉର୍ଦ୍ଧ କର୍ମଚାରୀଙ୍କୁ ଅତ୍ୟନ୍ତ ନିଷ୍ଠୁର, ଅନ୍ୟାୟ ଓ ଅବିଚାରିତ ଭାବେ ଛଟେଇ କରି ସେମାନଙ୍କ ଅସହାୟ ପରିବାରକୁ ଦୁର୍ଦ୍ଦିନ ମଧ୍ୟକୁ ଠେଲି ଦେଇଛନ୍ତି ।

# ଦେଶରେ ଦେଢ଼ କୋଟି ଆଦିବାସୀ ବିସ୍ଥାପିତ: ସଂସଦରେ ପୁନର୍ବାସ ଓ କଲ୍ୟାଣ ପାଇଁ ଦାବି କଲେ ସାଂସଦ ନିରଞ୍ଜନ ବିଶି

ବଲାଙ୍ଗିର, ୧୮/୩ (ନି.ପ୍ର): ସଂସଦର ବଜେଟ ଅଧିବେଶନରେ ରାଜ୍ୟସଭାରେ ସାଂସଦ ନିରଞ୍ଜନ ବିଶି ଭାରତ ତଥା ଓଡିଶାର ଆଦିବାସୀ, ଅନୁସୂଚିତ ଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗର ଲୋକଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନ ଜୀବିକା ବିକାଶ, ବିସ୍ଥାପିତଙ୍କ ପୁନର୍ବାସ ଥାଇଥାନ, କ୍ଷତିପୂରଣ ପ୍ରଦାନ ପାଇଁ ପ୍ରସଙ୍ଗ ଉପସ୍ଥାପନ କରିଥିଲେ । ସାଂସଦ ଶ୍ରୀ ବିଶି କହିଲେ ଯେ, ଦେଶରେ ଦେଢ଼ କୋଟିରୁ ଅଧିକ ଆଦିବାସୀ ଡ୍ୟାମ ପ୍ରୋଜେକ୍ଟ, ଖଣି ଖାଦାନ, ଶିଳ୍ପ କାରଖାନା, ଜାତୀୟ ଉଦ୍ୟାନ, ବନ୍ୟଜନ୍ତୁ ଅଭୟାରଣ୍ୟ ଭଳିଆ ବିଭିନ୍ନ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହୋଇଛନ୍ତି । ଦେଶର ଝାରଖଣ୍ଡ, ଓଡିଶା, ଛତିଶଗଡ, ଅନ୍ଧ୍ରପ୍ରଦେଶ ରାଜ୍ୟରେ ଆଦିବାସୀ ବିଶେଷ କ୍ଷତିଗ୍ରସ୍ତ ହୋଇଛନ୍ତି । ସର୍ଦାର ସରୋବର ଡ୍ୟାମ ପ୍ରକଳ୍ପରେ ୮୫ ହଜାର ଆଦିବାସୀ ପରିବାର ବିସ୍ଥାପିତ ହୋଇଥିବା ବେଳେ ପୋଲାଭରମ ନଦୀବନ୍ଧ ଯୋଜନାରେ ୩ଶହ ଗାଁର ଆଦିବାସୀ ବିସ୍ଥାପିତ । ଓଡିଶା ରାଜ୍ୟରେ ଆଦିବାସୀ ଗାଁ ମାନଙ୍କରେ ୧୫୬୩୨ ସରକାରୀ ବିଦ୍ୟାଳୟ ବନ୍ଦ ହୋଇଯାଇଛି । ସେହି ସ୍କୁଲ ପୁଣି ଆରମ୍ଭ କରିବାକୁ ଭାରତ ସରକାର ପାଣ୍ଠି ବିନିଯୋଗ କରନ୍ତୁ ବୋଲି ସାଂସଦ ଶ୍ରୀ ବିଶି ଦାବୀ କରିଥିଲେ । ସେହିପରି ବେସରକାରୀ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ମାନଙ୍କରେ ଏସସି ଏସଟି ଛାତ୍ରଛାତ୍ରୀ ନିଃଶୁଳ୍କ ପାଠ ପଢ଼ିବା ସୁଯୋଗ ପାଉଥିଲେ । ୨ବର୍ଷ ହେଲା ଏହି ଯୋଜନା ବନ୍ଦ ରହିଛି ତେଣୁ ପାଣ୍ଠି ମଞ୍ଜୁରୀ କରାଯାଉ। ବିଏସସି ନର୍ସିଂ ଓ ଜିଏନ୍ଏମ୍ କୋର୍ସ ପଢୁଥିବା ଏସସି ଏସଟି ଛାତ୍ରଛାତ୍ରୀ ମାନଙ୍କୁ ବର୍ଷକୁ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଉଥିଲା ୨ ବର୍ଷ ହେଲା ବନ୍ଦ ହୋଇଯାଇଛି ସେଥିପାଇଁ ଅତିରିକ୍ତ ବଜେଟ ବ୍ୟବସ୍ଥା କରି ପାଣ୍ଠି ଦିଆଯାଉ । ଆଦିବାସୀ ଉପ ଯୋଜନା (ଟିଏସପି) ଉପଜାତି ଉପ ଯୋଜନାରେ ପାଣ୍ଠି ମଞ୍ଜୁରୀ, ଜାତୀୟ ଏସସି ଏସଟି ଆର୍ଥିକ ବିକାଶ ନିଗମ ମାଧ୍ୟମରେ ଆଦିବାସୀ ଦଳିତ ମାନଙ୍କୁ ବ୍ୟକ୍ତିଗତ ଏବଂ ଗୋଷ୍ଠୀ ଋଣ ସବସିଡି ଦିଆଯାଉ, ପିଭିଟିଜି ଆଦିବାସୀ ମାନଙ୍କ ଅର୍ଥନୈତିକ ପ୍ରଗତି ପାଇଁ ବଜେଟ ଏଷ୍ଟିମେଟ କରାଯାଉ, ଲଘୁ ବନଜାତ ଦ୍ରବ୍ୟ ମହୁଲ, ଝୁଣା, ହରିଡ଼ା ବାହାଡ଼ା, ଅଁଳା ଆଦି ସଂଗ୍ରହ ବିକ୍ରୟ କରି ଜୀବନ ଜୀବକା ନିର୍ବାହ କରୁଥିବା ଆଦିବାସୀ ମାନଙ୍କ ପାଇଁ ଏମ୍ଏସପି ଏବଂ ଇନପୁଟ୍ ସବସିଡ଼ି ଦିଆଯାଉ ବୋଲି ଦାବୀ କରିଥିଲେ ।

# ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ: ଅଭିଯୁକ୍ତ ଗିରଫ

ଜୟପୁର, ୧୮/୩ (ନି.ପ୍ର): ନାବାଳିକାକୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ମହିଳା ଥାନା ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ବାଟବାଇଗୁଡା ଗ୍ରାମର ଯୁଧିଷ୍ଠିର ଗୌଡ଼ । ସୂଚନା ଅନୁଯାୟୀ, ୨୦.୦୯.୨୦୨୫ ତାରିଖରେ ଲିଖିତ ଅଭିଯୋଗ ହୋଇଥିଲା ଯେ, ଗତ ଏକ ବର୍ଷ ତଳେ ଗଣେଶ ପୂଜା ସମୟରେ ତାଙ୍କ ୧୩ ବର୍ଷ ବୟସର ନାବାଳିକା ଝିଅର ବୟାନ ଅନୁଯାୟୀ, ବାଟବାଇଗୁଡ଼ା ଗ୍ରାମର ଜଣେ ଅଭିଯୁକ୍ତ ଯୁଧିଷ୍ଠିର ଗୌଡ଼ ତାଙ୍କ ଗାଁକୁ ଆସିଥିଲେ ଏବଂ ତାଙ୍କ ଝିଅ ସହ ଦେଖା ହୋଇଥିଲା ଏବଂ ତାଙ୍କୁ ଭଲ ପାଉଥିଲେ ବୋଲି କହିଥିଲେ ଏବଂ ପରସ୍ପର ସହିତ କଥା ହୋଇଥିଲେ। ଦୁଇ ଦିନ ପରେ ଯୁଧିଷ୍ଠିର ପୁଣି ତାଙ୍କ ଗାଁକୁ ଆସିଥିଲେ ଏବଂ ତାଙ୍କ ଝିଅକୁ ଡାକି ତାଙ୍କ ଗାଁ ନିକଟସ୍ଥ ମନ୍ଦିରକୁ ନେଇ ଯୌନ ନିବେଦନ କରିଥିଲେ ଯେତେବେଳେ ତାଙ୍କୁ ମନା କରାଯାଇଥିଲା । ତାହାକୁ ନମାନି ଦୁଷ୍କର୍ମ କରିଥିଲେ । ଏହା ପରେ ଯୁଧିଷ୍ଠିର ତାଙ୍କ ଗାଁକୁ ଅନେକ ଥର ଆସିଥିଲେ ଏବଂ ତାଙ୍କ ଝିଅ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ଏନେଇ ନାବାଳିକା ଜଣକ ପରିବାର ଲୋକଙ୍କୁ ସବୁ କଥା ଜଣାଇଥିଲେ । ଗାଁରେ ଏକ ଗ୍ରାମସଭା ହୋଇଥିଲା, ଯେଉଁଠାରେ ଅଭିଯୁକ୍ତ ଯୁଧିଷ୍ଠିର ତାଙ୍କ ଝିଅକୁ ନେବାକୁ ମନା କରିଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରେ ଜାଣି ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିବା ପୋଲିସ ତରଫରୁ ସୂଚନା ଦିଆଯାଇଛି ।

# ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିଷ୍ଣୁବିନ୍ଧାର ବାର୍ଷିକ ଉତ୍ସବ



ବାସୁଦେବପୁର, ୧୮/୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିଷ୍ଣୁବିନ୍ଧାର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମାଳତୀ ଲତା ବାରିକ୍ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲା ବେଳେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଉର୍ମିଳା କର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପନ କୁମାର ଦ୍ୱିବେଦୀ, ବାଇ ଚଢ଼େଇର ସମ୍ପାଦକ କବି ବିକାଶ କୁମାର ଶତପଥୀ, ବରଣ୍ଡୁଆ ପଞ୍ଚାୟତ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ରାମ କୃଷ୍ଣ ପତି, ବେତଡ଼ା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଶାନ୍ତ କୁମାର ମଲ୍ଲିକ,ଆଲୁମୁନି ପ୍ରେସିଡେଣ୍ଟ ଉମାକାନ୍ତ ବିଶ୍ୱାଳ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶୁଭାଶିଷ ଘୋଷ । ସମସ୍ତ ଅତିଥି ଶିକ୍ଷା ସାହିତ୍ୟ କଳା ସଂସ୍କୃତି ସମ୍ପର୍କରେ ଆଲୋଚନା କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଶିକ୍ଷକ ଗଜେନ୍ଦ୍ର ରାଉଳ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଶିକ୍ଷକ ବୀରେନ୍ଦ୍ର କୁମାର ବଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ। ଶିକ୍ଷୟତ୍ରୀ ପ୍ରଭାତୀ ବିଶ୍ୱାଳ, ପଦ୍ମିନୀ ପାଣିଗ୍ରାହୀ ଓ ସାବିତ୍ରୀ ବାରିକ୍ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ। ଶିକ୍ଷକ ଦେବେନ୍ଦ୍ର ବାରିକ୍ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ୧୪ ଲିଟର ଦେଶୀ ମଦ ଜବତ

ଭୁବନ, ୧୮/୩ (ନି.ପ୍ର): ଭୁବନ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଥିବା ବେଳେ ଆଜି ବୁଧବାର ୧୪ ଲିଟର ଦେଶୀ ମଦ ଜବତ ହୋଇଥିବା ଜଣାପଡ଼ିଛି । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଭୁବନ ଥାନା ଅନ୍ତର୍ଗତ କୁନିନ୍ଦା ଗ୍ରାମର କାଳନ୍ଦି ସାହୁ ନିୟମିତ ଭାବେ ଦେଶୀ ମଦ କାରବାର କରୁଥିଲେ। ଏ ସମ୍ପର୍କରେ ଖବର ପାଇ ଭୁବନ ଅବକାରୀ ଇନ୍ସପେକ୍ଟର ବୁଲୁ ପାତ୍ର ସଦଳ ବଳେ ଚଢ଼ାଉ କରି କୁନିନ୍ଦା ଗ୍ରାମର କାଳନ୍ଦି ସାହୁଙ୍କ ଠାରୁ ୧୪ ଲିଟର ଦେଶୀ ମଦ ଜବତ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଭାରତ ପଡ଼ୋଶୀରେ...

ମଣିପୁରରେ ପ୍ରବେଶ କରିଥିଲେ। ସେମାନେ ମିଆଁମାର ଏବଂ ଭାରତର ବିଚ୍ଛିନ୍ନତାବାଦୀ ଗୋଷ୍ଠୀଗୁଡ଼ିକ ସହିତ ସମ୍ପର୍କ ସ୍ଥାପନ କରିଥିଲେ, ଏହି ସଶସ୍ତ୍ର ଗୋଷ୍ଠୀଗୁଡ଼ିକୁ ଡ୍ରୋନ୍ ପାର୍ଟସ୍, ବ୍ୟାଟେରୀ ଏବଂ ତାଲିମ ପ୍ରଦାନ କରିଥିଲେ। ତାଙ୍କୁ ମାର୍ଚ୍ଚ ୧୬ ତାରିଖରେ କୋର୍ଟରେ ହାଜର କରାଯାଇଥିଲା ଏବଂ ୧୧ ଦିନ ପାଇଁ ରିମାଣ୍ଡରେ ନିଆଯାଇଥିଲା, ଯାହାକୁ ବୃଦ୍ଧି କରାଯାଇପାରେ। ପ୍ରତିରକ୍ଷା ବିଶ୍ଳେଷକ ଏବଂ ଅବସରପ୍ରାପ୍ତ ଗ୍ରୁପ୍ କ୍ୟାପଟେନ୍ ଉତ୍ତମ କୁମାର ଦେବନାଥ କହିଛନ୍ତି ଯେ, ଏକ ଖ୍ରୀଷ୍ଟିଆନ ଦେଶ ସୃଷ୍ଟି କରିବାର ଉଦ୍ଦେଶ୍ୟ ହେଉଛି ଚୀନ୍ ବିରୋଧରେ ପାଶ୍ଚାତ୍ୟ ଦେଶମାନଙ୍କ ପାଇଁ ଏକ ଲଞ୍ଚପ୍ୟାଡ୍ ସୃଷ୍ଟି କରିବା। କୁହାଯାଉଛି ଭାରତ, ମିଆଁମାର ଏବଂ ଶେଖ୍ ହାସିନାଙ୍କ ତତ୍କାଳୀନ ବାଂଲାଦେଶ ସରକାରଙ୍କ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଏହି ଷଡ଼ଯନ୍ତ୍ରକୁ ପଣ୍ଡ କରିଥିଲା। ଦେବନାଥ ୟୁକ୍ରେନୀୟଙ୍କ ଗିରଫଦାରୀକୁ ଆଶ୍ଚର୍ଯ୍ୟଜନକ ବୋଲି କହିଛନ୍ତି। ସେ କହିଛନ୍ତି, ପ୍ରକୃତ ଉଦ୍ଦେଶ୍ୟ ଉତ୍ତର-ପୂର୍ବ ଭାରତରେ ବିଦ୍ରୋହକୁ ଉସ୍କାଇବା ହୋଇପାରେ। ଭାରତୀୟ ବାୟୁସେନାର ପୂର୍ବତନ ଅଧିକାରୀ ଦେବନାଥ ଦୃଢ଼ ଭାବରେ କହିଛନ୍ତି ଯେ, ଆମେରିକା ପୂର୍ବ ତିମୋର ପରି ଏହି ଅଞ୍ଚଳରେ ଏକ ଖ୍ରୀଷ୍ଟିଆନ ରାଷ୍ଟ୍ର ସୃଷ୍ଟି କରିବା ପାଇଁ ଭାରତର ଉତ୍ତର-ପୂର୍ବ ଅଞ୍ଚଳର କିଛି ଅଂଶ ଉପରେ ନଜର ରଖିଛି। ସେ କହିଛନ୍ତି, ଗିରଫ ୟୁକ୍ରେନୀୟ ଏବଂ ଆମେରିକୀୟ ନାଗରିକଙ୍କ ଗୋଷ୍ଠୀ ସେହି ନେଟୱାର୍କର ଅଂଶ ହୋଇପାରେ, ଯେଉଁମାନେ ଭାରତର ଉତ୍ତର-ପୂର୍ବ ଅଞ୍ଚଳ ଏବଂ ପଡ଼ୋଶୀ ବାଂଲାଦେଶ ଏବଂ ମିଆଁମାରର କିଛି ଅଂଶରୁ ଏକ ଖ୍ରୀଷ୍ଟିଆନ ରାଷ୍ଟ୍ର ଗଠନ କରିବା ଯୋଜନାରେ କାମ କରୁଛନ୍ତି। ଦେବନାଥ କହିଛନ୍ତି, ଅଟକ ଆମେରିକୀୟ ନାଗରିକଙ୍କର ଗୁପ୍ତଚର ସଂସ୍ଥା ସିଆଇଏ ସହିତ ସମ୍ପର୍କ ଥାଇପାରେ।

### ଏସସିବିରେ ପୁଣି ...

ମେଡିସିନ୍ ୱାର୍ଡର ନନ୍ ଟ୍ରମା କେୟାର ୟୁନିଟରେ ସଟସର୍କିଟରୁ ନିଆଁ ବାହାରି ପୋଡ଼ି ଯାଇଥିଲା ଇଲେକ୍ଟ୍ରିକ୍ ବୋର୍ଡ଼। ଯାହାକୁ ନେଇ ରୋଗୀ ଓ ସଂପର୍କୀୟଙ୍କ ମଧ୍ୟରେ ଭୟ ଓ ଆତଙ୍କର ବାତାବରଣ ଖେଳିଯାଇଥିଲା। ତେବେ ତୁରନ୍ତ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଏସସିବିର ଅଗ୍ନିନିରାପତ୍ତା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠୁଥିବାବେଳେ ନିର୍ମାଣଧୀନ ପ୍ରକଳ୍ପର ସମୀକ୍ଷା କରିଛନ୍ତି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। କ୍ଲିନିକାଲ ୟୁନିଟ ବିଲ୍ଡିଙ୍ଗର ଅଗ୍ରଗତି ଓ ରେସିଡେନ୍ସିଆଲ କମ୍ପ୍ଲେକ୍ସର ନିର୍ମାଣ କାର୍ଯ୍ୟ ବୁଲି ଦେଖିବା ସହ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ଅଗ୍ନିକାଣ୍ଡ ନେଇ ପ୍ରତିକ୍ରିୟା ରଖିଛନ୍ତି ମନ୍ତ୍ରୀ। କହିଛନ୍ତି, ବିଚାରବିଭାଗୀୟ ତଦନ୍ତ ଚାଲିଛି ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କେବଳ ଅଗ୍ନିକାଣ୍ଡ ନୁହେଁ ପୂର୍ବରୁ ଏସିବିରେ ରୋଗୀଙ୍କ ଉପରେ ଖସିପଡ଼ିଥିଲା ସିଲିଂ । ରୋଗୀ ବେଡ଼ରୁ ଝୁଲି ପଡ଼ି ଛଟପଟ ହେବା ଖବର ବି ସାରାରାଜ୍ୟ ଦେଖିଥିଲା। ତଥାପି ଏସ୍‌ସିବିର ସ୍ୱାସ୍ଥ୍ୟବସ୍ଥା ସୁଧାରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଠୋସ୍ ପଦକ୍ଷେପ ନନେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

### ପୂର୍ବରୁ ଅଗ୍ନିକାଣ୍ଡ...

ସମସ୍ତ ପ୍ରଭାବିତଙ୍କ ପାଇଁ ଗ୍ରହଣ କରାଯାଇଥିବା ଜରୁରୀକାଳୀନ ପଦକ୍ଷେପ, ସ୍ଥାନାନ୍ତର ପ୍ରକ୍ରିୟା ଏବଂ ସେମାନଙ୍କୁ ଯୋଗାଇ ଦିଆଯାଉଥିବା ସ୍ୱତନ୍ତ୍ର ଚିକିତ୍ସା ସେବା ସମ୍ପର୍କରେ ମୁଁ ତାଙ୍କୁ ଅବଗତ କରାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ଉଚ୍ଚସ୍ତରୀୟ ବିଚାର ବିଭାଗୀୟ ତଦନ୍ତ ସମ୍ପର୍କରେ ମଧ୍ୟ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ଘଟଣା ଦିନ ସକାଳୁ ନିଜେ ଏସସିବି ଗସ୍ତ କରି ସ୍ଥିତିର ସମୀକ୍ଷା କରିବା ସହ ପ୍ରଭାବିତଙ୍କୁ ସମସ୍ତ ପ୍ରକାରର ସରକାରୀ ସହାୟତା ପ୍ରଦାନ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ସମ୍ପୃକ୍ତ ବିଭାଗ ଓ ଟିମ୍ ପୂର୍ଣ୍ଣ ସମନ୍ୱୟର ସହ ନିରନ୍ତର କାର୍ଯ୍ୟ କରୁଛନ୍ତି। ଏହି ସମ୍ବେଦନଶୀଳ ସମୟରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସହାନୁଭୂତିପୂର୍ଣ୍ଣ ଉଦ୍‌ବେଗ ଏବଂ ଆବଶ୍ୟକୀୟ ସହାୟତାର ପ୍ରତିଶ୍ରୁତି ପାଇଁ ମୁଁ ତାଙ୍କ ନିକଟରେ କୃତଜ୍ଞ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ଇରାନକୁ ଶକ୍ତ ଧକ୍କା...

ଏହି କାରଣରୁ ୨୦୨୨ ମସିହାରେ ଆମେରିକା ତାଙ୍କ ଉପରେ କଠୋର କଟକଣା ଲଗାଇଥିଲା। କିନ୍ତୁ ଏବେ ଗୁପ୍ତଚର ବିଭାଗର ମୁଖିଆ ଖାତିବଙ୍କ ମୃତ୍ୟୁ ଇରାନର ଆଭ୍ୟନ୍ତରୀଣ ସୁରକ୍ଷା ଓ ଗୁପ୍ତଚର ବ୍ୟବସ୍ଥାର ବିଫଳତାକୁ ପଦାରେ ପକାଇ ଦେଇଛି। ଖାତିବଙ୍କ ମୃତ୍ୟୁ ପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧର ନିଆଁ ଆହୁରି ଭୟଙ୍କର ରୂପ ନେଇପାରେ ବୋଲି ଆଶଙ୍କା କରାଯାଉଛି। ଇସ୍ରାଏଲର ଏହି ସାହସିକ ତଥା ମାରାତ୍ମକ ପଦକ୍ଷେପ ଇରାନକୁ ପ୍ରତିଶୋଧ ନେବା ପାଇଁ ବାଧ କରିପାରେ, ଯାହା ଫଳରେ ସମଗ୍ର ବିଶ୍ୱରେ ଅଶାନ୍ତି ବଢ଼ିବାର ସମ୍ଭାବନା ରହିଛି।

### ଟ୍ରଷ୍ଟ ଗଠନ ନେଇ...

'ସେଠି ଅନେକ ବଡ଼ ବଡ଼ ଓକିଲ ଓ ଉଇଙ୍କୁ ଭେଟି ନିଷ୍ପତ୍ତି ନେଇଥିଲି। ମୁଁ ବିଜୁ ବାବୁଙ୍କ ନାଁରେ ଏକ ଟ୍ରଷ୍ଟ ଗଠନ କରିବାକୁ ନିଷ୍ପତ୍ତି ନେଇଥିଲି।"

# ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ 'ଲିଙ୍ଗ ଏବଂ ରାଜନୀତି' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର




ଜଳେଶ୍ୱର, ୧୮/୩ (ନି.ପ୍ର): ସାମ୍ପ୍ରତିକ ସମାଜରେ ଲିଙ୍ଗଗତ ସମାନତା ଓ ରାଜନୈତିକ ସଚେତନତା ଏକ ମୁଖ୍ୟ ଆବଶ୍ୟକତା।ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଜଳେଶ୍ୱର ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ 'ଲିଙ୍ଗ ଏବଂ ରାଜନୀତି' ଶୀର୍ଷକ ଏକ ଦିନିକିଆ ରାଜ୍ୟ ସ୍ତରୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି। ସମାଜରେ ବ୍ୟାପୁଥିବା ହିଂସା ଓ ଅନୈତିକତା ପରି ନକାରାତ୍ମକ ଦିଗକୁ ରୋକିବା ସହ ନେତୃତ୍ୱ କ୍ଷେତ୍ରରେ ମହିଳା ମାନଙ୍କର ସକ୍ରିୟ ଅଂଶଗ୍ରହଣ ବୃଦ୍ଧି କରିବା ଏହି ଆଲୋଚନାଚକ୍ରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ସରୋଜ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ଓ ସମାଜ ବିଜ୍ଞାନ ବିଭାଗର ଅତିରିକ୍ତ ପ୍ରଫେସର୍ ଡ.ରାଜଶ୍ରୀ ଦତ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।ସେ ନିଜ ଅଭିଭାଷଣରେ କହିଥିଲେ ଯେ ଯଦିଓ ମହିଳାଙ୍କ ମତଦାନ ହାର ବୃଦ୍ଧି ପାଇଛି,ତଥାପି ବିଧାନସଭା ଓ ସଂସଦରେ ସେମାନଙ୍କ ପ୍ରତିନିଧିତ୍ୱ ଆଶାନୁରୂପ ହୋଇନାହିଁ।ଏହି 'ନୀରବ ବିପ୍ଳବ'କୁ ପ୍ରକୃତ ସଫଳତା ଦେବାକୁ ହେଲେ ସମାନ ପ୍ରତିନିଧିତ୍ୱ ଜରୁରୀ। ସମ୍ମାନିତ ଅତିଥି ତଥା ରିସୋର୍ସ ପର୍ସନ ଭାବେ ଅଭଣା ବେଳାଭୂମି ମହାବିଦ୍ୟାଳୟର ଅଧ୍ୟାପକ ଡ.ରଣଜିତ କୁମାର ବେହେରା ଯୋଗଦେଇ 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ଉପରେ ଆଲୋକପାତ କରିଥିଲେ।ସେ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଥିବା ପିତୃପୁରୁଷବାଦୀ ମାନସିକତାକୁ ଦୂର କରିବା ଏବେକାର ସବୁଠାରୁ ବଡ଼ ଆହ୍ୱାନ।ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଶ୍ରୀଯୁକ୍ତ ଶ୍ରବଣ କୁମାର ନାଥ ଲିଙ୍ଗ-କେନ୍ଦ୍ରିତ ନୀତି ଓ ସୋସିଆଲ ମିଡିଆର ପ୍ରଭାବ ସମ୍ପର୍କରେ ମତ ରଖିଥିବା ବେଳେ,ଅଧ୍ୟାପିକା ଶୁଭଶ୍ରୀ ଦାସ ଅତିଥି ପରିଚୟ ଓ ମଞ୍ଚ ଆହ୍ୱାନ କରିବା ସହ ଯୁବ ଭୋଟରମାନଙ୍କୁ ରାଜନୈତିକ ସାକ୍ଷରତା ଦିଗରେ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ।ଏହି ଅବସରରେ ନୂତନ ଭାବେ ନିଯୁକ୍ତ ଅଧ୍ୟାପିକା ଶୁଭଶ୍ରୀ ଦାସଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମିନାରରେ ବୈଶାଖୀ ମହାନ୍ତି, ସୁନେରା ଖାତୁନ୍, ଉମେଶ ସାହୁ, ସସ୍ମିତା ଗିରିଙ୍କ ସମେତ ଅନେକ ଛାତ୍ରଛାତ୍ରୀ ନିଜସ୍ୱ ସନ୍ଦର୍ଭ ଉପସ୍ଥାପନ କରିଥିଲେ।ପ୍ରଥମ ବର୍ଷର ଛାତ୍ର ରାମକୃଷ୍ଣ ନାୟକ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ଅଧ୍ୟାପକ ଅଶୋକ ରଥ ବେଦ ପାଠ କରିଥିଲେ।ଛାତ୍ରୀ ଅଲିଭା କାମିଲା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଙ୍କ ମଧ୍ୟରୁ ଜ୍ଞାନ ରଞ୍ଜନ ଜେନା, ନିଷ୍କଳ କୁମାର ଘଡ଼େଇ, ସୌମ୍ୟରଞ୍ଜନ ମହାନ୍ତି, ବିଜେସ ସେନାପତି, ନିରଞ୍ଜନ ପରିଡା, ମୋନାଲିସା ଚାନ୍ଦ,ଇସ୍ପିତା ଦାସ,ରଶ୍ମୀରେଖା ପାତ୍ର, ଧନଞ୍ଜୟ ଜେନା, ପୂର୍ଣ୍ଣିମା ପାତ୍ର,ଉସଶି ଦତ୍ତ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଦୀନକୃଷ୍ଣ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ 'ଯୁଗ ଯୁଗ ଧରି ମହିଳା ସଶକ୍ତିକରଣ' ପାଠଚକ୍ର ଏବଂ ବିଦାୟକାଳୀନ ଦିବସ ଅନୁଷ୍ଠିତ




ବାଲିଆପାଳ , ୧୮/୩ (ନି.ପ୍ର): ଜଳେଶ୍ୱର ବ୍ଲକ ଅଧୀନରେ ଥିବା ଦୀନକୃଷ୍ଣ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ 'ଯୁଗ ଯୁଗ ଧରି ମହିଳା ସଶକ୍ତିକରଣ" ଶୀର୍ଷକ ପାଠଚକ୍ର ଏବଂ ବିଦାୟକାଳୀନ ଦିବସ ଅନୁଷ୍ଠିତ ହୋଇଅଛି। ଉକ୍ତ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀଯୁକ୍ତ ସୁକାନ୍ତ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ଗଣିତ ବିଭାଗର ମୁଖ୍ୟ ଡ. ହିମାଂଶୁ କୁମାର ସାମଲ, ଇତିହାସ ବିଭାଗର ମୁଖ୍ୟ ଡ.ମାନସ୍ କୁମାର ଦାସ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଆୟୋଜିତ ସଭାରେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଶ୍ରୀମତୀ ଲୁଖି ଟୁଡୁ ଅତିଥି ପରିଚୟ ପ୍ରଦାନ କରିଥିଲେ, ବିଭାଗର ଅଧ୍ୟାପକ ରତିକାନ୍ତ ମିଶ୍ର ବିଦାୟକାଳୀନ ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ମହତ୍ତ୍ୱ ଜଣାଇଥିଲେ। ଶେଷରେ ଅଧ୍ୟାପକ ସାଗର ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସଂସଦର ୧୯-୨୦ ମାର୍ଚ୍ଚ ବୈଠକ ରଦ୍ଦ: ଏବେ ଗୃହ ୨୮-୨୯ ମାର୍ଚ୍ଚ ଦିନ ଚାଲିବ

ନୂଆଦିଲ୍ଲୀ, ୧୮/୩ (ନି.ପ୍ର): ସଂସଦରେ ଏହି ସପ୍ତାହ ଗୁରୁବାର ଏବଂ ଶୁକ୍ରବାର ଦିନ ଅବକାଶ ହେବା କାରଣରୁ ଆସନ୍ତା ସପ୍ତାହାନ୍ତରେ ଶନିବାର ଏବଂ ରବିବାର ଦିନ ଦୁଇ ଗୃହର ବୈଠକ ଆୟୋଜିତ ହେବ। ସଦନର ପଟଳରେ ୧୯-୨୦ ମାର୍ଚ୍ଚକୁ ରଖାଯାଇଥିବା ପ୍ରଶ୍ନ ଏବେ ୨୩ ମାର୍ଚ୍ଚକୁ ରଖାଯିବ। ଲୋକସଭାରେ ପୀଠାସୀନ ସଭାପତି ଜଗଦମ୍ବିକା ପାଲ ବୁଧବାର ଦିନ କହିଛନ୍ତି ଯେ ଲୋକସଭା ପର୍ବ କାରଣରୁ ୧୯-୨୦ ମାର୍ଚ୍ଚ ବୈଠକ ରଦ୍ଦ କରିଛନ୍ତି। ଏହା ବଦଳରେ ଏବେ ଗୃହ ୨୮-୨୯ ମାର୍ଚ୍ଚ (ଶନିବାର-ରବିବାର) ଦିନ କାମ କରିବ। ଏହି ନିର୍ଣ୍ଣୟ କାମର ଘଂଟା ଭରଣା ପାଇଁ ନିଆଯାଇଛି। ରାଜ୍ୟସଭାରେ ଏହି ବାବଦରେ ଘୋଷଣା ପ୍ରଥମରୁ କରାଯାଇସାରିଛି। ଜଗଦମ୍ବିକା ପାଲ କହିଛନ୍ତି ଯେ ଲୋକସଭା ୧୯ ମାର୍ଚ୍ଚ ଏବଂ ୨୦ ମାର୍ଚ୍ଚକୁ ନିର୍ଦ୍ଧାରିତ ଗୃହର ବୈଠକକୁ ରଦ୍ଦ କରିବା ଉପରେ ସହମତି ବ୍ୟକ୍ତ କରିଛନ୍ତି। ଏବେ ଗୃହ ଆବଶ୍ୟକ କାର୍ଯ୍ୟବାହିର ସଂଚଳନ ପାଇଁ ୨୮ ମାର୍ଚ୍ଚ ଏବଂ ୨୯ ମାର୍ଚ୍ଚକୁ ବସିବ। ଏହି ବ୍ୟବସ୍ଥା ଯୁଗାଦୀ(୧୯ ମାର୍ଚ୍ଚ) ଏବଂ ଇଦ୍(୨୦ ମାର୍ଚ୍ଚ)ର ଛୁଟି କାରଣରୁ କରାଯାଇଛି।

# ପାନୀୟ ଜଳ ସମସ୍ୟା ନେଇ ଜିଲ୍ଲାପାଳଙ୍କ ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା, ୧୮/୩ (ନି.ପ୍ର): ଆସନ୍ତା ଗ୍ରୀଷ୍ମଋତୁକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଜିଲ୍ଲାରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ ରଖିବା ଏବଂ ଜଳ ସଂକଟକୁ ସମୟୋପଯୁକ୍ତ ଭାବେ ମୁକାବିଲା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପୂର୍ବ ପ୍ରସ୍ତୁତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ରଘୁରାମ ଆର୍.ଆୟରଙ୍କ ଅଧ୍ୟକ୍ଷତାରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଉପରେ ଏକ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ କକ୍ଷ ଠାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ମହାକାଳପଡ଼ା ବ୍ଲକର କିଛି ପଂଚାୟତର ଜନସାଧାରଣ ଲୁଣିଆ ପାଣି ପ୍ରଭାବରେ ସୁରକ୍ଷିତ ପିଇବା ପାଣି ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ବିଶେଷ କରି ଟ୍ୟୁବୱେଲ ଓ ପାଇପ୍ ଜଳଯୋଗାଣ ସ୍ରୋତ ଲୁଣିଆ ପାଣିରେ ପ୍ରଭାବିତ ହୋଇଥିବାରୁ ସ୍ଥାନୀୟ ଲୋକମାନେ ପିଇବା ଓ ରନ୍ଧନ ପାଇଁ ସୁରକ୍ଷିତ ପାଣି ପାଇବାରେ ଅସୁବିଧା ଭୋଗୁଛନ୍ତି। ଏହି ପରିସ୍ଥିତିକୁ ନଜରରେ ରଖି ନଦୀର ପାଣିକୁ ପରିଶୋଧନ ପାଇଁ ୨ଟି ମୋବାଇଲ୍ ୱାଟର ଟ୍ରିଟମେଂଟ ୟୁନିଟ୍ ବ୍ୟବହାର କରାଯାଉଛି। ପରିଶୋଧିତ ପାଣିକୁ ଗ୍ରାମଗୁଡ଼ିକରେ ପହଂଚାଇବା ପାଇଁ ୬ଟି ଟ୍ରାକ୍ଟର ଟ୍ୟାଙ୍କର ନିଯୁକ୍ତ କରାଯାଇଛି। ଏହାଦ୍ୱାରା ପ୍ରାୟ ୧୬,୯୪୪ ଜଣ ଲୋକ ସିଧାସଳଖ ଉପକୃତ ହେଉଛନ୍ତି। ଏହାସହିତ ଜିଲ୍ଲାର ସମସ୍ତ ହାଣ୍ଡପମ୍ପ, ଟ୍ୟୁବୱେଲ୍ ଏବଂ ପାଇପ୍ ଜଳଯୋଗାଣ ଯୋଜନାଗୁଡ଼ିକୁ ମୋବାଇଲ୍ ଟିମ୍ ମାଧ୍ୟମରେ ଯାଂଚ ଓ ମରାମତି କରାଯାଇଛି। ଜିଲ୍ଲାର ୧୭,୮୦୭ଟି ଟ୍ୟୁବୱେଲ୍ ମଧ୍ୟରୁ ଆବଶ୍ୟକ ରକ୍ଷଣାବେକ୍ଷଣ କାମ ସମାପ୍ତ କରାଯାଇଛି।

# ନ୍ୟାୟ ପାଇଁ ସାମ୍ବାଦିକଙ୍କ ଧାରଣା: ଏସଡିପିଓଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ନୀଳଗିରି, ୧୮/୩ (ନି.ପ୍ର): ନ୍ୟାୟ ଦାବୀରେ ନୀଳଗିରିର କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ କୁମାର ମହାନ୍ତି,ନୀଳଗିରି ଥାନା ସମ୍ମୁଖରେ ଆଜି ସକାଳ ଘ ୯.୩୦ ସମୟରେ ଧାରଣାରେ ବସିଥିଲେ। ସ୍ଥାନୀୟ ଏସଡିପିଓଙ୍କ ହସ୍ତକ୍ଷେପ ଓ ପ୍ରତିଶ୍ରୁତିପରେ ଶ୍ରୀ ମହାନ୍ତି ଧାରଣାରୁ ଓହରିଥିବା ଦେଖାଯାଇଛି। ସୂଚନାରୁ ଜଣାଯାଇଛି ଗତ ମାର୍ଚ୍ଚ ୨ତାରିଖ ନୀଳଗିରି ଏନଏସି ଅନ୍ତର୍ଗତ ୯ନଂ ୱାର୍ଡ କହାଳିଆ ଗାଁରେ ଦୋଳଠାକୁରଙ୍କୁ ନେଇ ଦୁଇଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଚାଲିଥିବା ସମୟରେ,ଶ୍ରୀ ମହାନ୍ତି ଫଟୋଉତ୍ତୋଳନ କରୁଥିଲେ।ସେହି ସମୟରେ ୩ ଜଣ ଯୁବକ ତାଙ୍କୁ ଆକ୍ରମଣକରି , ତାଙ୍କ ମୋବାଇଲ ଛଡ଼ାଇନେଇଯିବା ସହିତ ଛାତିରେ ବିଧା ମାରିବାରୁ, ସେ ଘଟଣାସ୍ଥଳରେ ତଳେ ଅଚେତହୋଇ ତଳେ ପଡ଼ିଯାଇଥିଲେ। ଖବରପାଇ ୧୧୨ ପୋଲିସଗାଡି ତାଙ୍କୁ ଉଦ୍ଧାରକରି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରୁ ସେ ସୁସ୍ଥ ହୋଇ ଫେରିବାପରେ ନୀଳଗିରି ଥାନା ରେ ଏକ ଲିଖିତଏତଲା ଦେଇଥିଲେ। ସୂଚନାଯୋଗ୍ୟ, ଘଟଣାଘଟିବା ଦିନ ତାଙ୍କ ପୁତ୍ର ମଧ୍ୟ ଏକ ଲିଖିତ ଏତଲା ଦେଇଥିଲେ। ତେବେ ଉକ୍ତ ଘଟଣାକୁ ୧୫ ଦିନରୁ ଉର୍ଦ୍ଧ୍ୱ ହୋଇଥିଲେ ମଧ ଶ୍ରୀ ମହାନ୍ତି ତାଙ୍କ ମୋବାଇଲ ଫେରି ପାଇନାହାଁନ୍ତି କିମ୍ବା ଅଭିଯୁକ୍ତଙ୍କ ଉପରେ ସେମିତି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଇନଥିବା ପ୍ରତିବାଦରେ ପୂର୍ବ ସୂଚନା ମତେ ଶ୍ରୀ ମହାନ୍ତି ନୀଳଗିରି ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ଏହି ଧାରଣାରେ ବରିଷ୍ଠ ସାମ୍ବାଦିକ ରାମ ଚନ୍ଦ୍ର ମହଲ, ଧୀରେନ୍ଦ୍ର ନାୟକ,ଉତ୍କଳ ସାମ୍ବାଦିକ ସଂଘ ବାଲେଶ୍ୱର ଜିଲ୍ଲାଶାଖା ସଭାପତି ଲୋକନାଥ ଦଳେଇ, ବ୍ରଜକିଶୋର ପାଣି, କିରଣଜୀତ ବିଶ୍ୱାଳ, ଜଗନ୍ନାଥ ଦାସ, ସତ୍ୟରଞ୍ଜନ ମଲ୍ଲିକ, ଅଶେଷ ସ , ସମରେନ୍ଦ୍ର ବାରିକ,ଧର୍ମେନ୍ଦ୍ର ମହାକୁଡ, ଗଙ୍ଗାଧର ମିଶ୍ରଙ୍କ ସମେତ ବହୁ ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ସେଠାରେ ତାଙ୍କୁ ସମର୍ଥନକରି ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ସୁରେନ୍ଦ୍ର ନାଥ ସ,କିଷାନ କଂଗ୍ରେସର ରାଜ୍ୟ ଉପସଭାପତି, ଯଶୋଦାନନ୍ଦନ ସିଂହ, ନଗରସଭାପତି ଅଚ୍ୟୁତାନନ୍ଦ ପ୍ରଧାନ, ସମାଜସେବୀ ରବୀନ୍ଦ୍ର ନାୟକଙ୍କ ସମେତ ବହୁ ଜନସାଧାରଣ ଧାରଣା ସ୍ଥଳରେ ସାମିଲଥିଲେ। ଶେଷରେ ଏସଡିପିଓ ପ୍ରମୋଦ କୁମାର ମଲ୍ଲିକ, ଆଇଆଇସି ଗୋବର୍ଦ୍ଧନ ନାୟକ ଧାରଣାସ୍ଥଳରେ ପହଞ୍ଚି ଖୁବଶୀଘ୍ର ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣସହିତ ନିଶ୍ଚିତ ନ୍ୟାୟମିଳିବାର ପ୍ରତିଶ୍ରୁତି ପାଇବାପରେ ଶ୍ରୀ ମହାନ୍ତି ଧାରଣାରୁ ଓହରିଯାଇଥିବା ଜଣାଯାଇଛି।

# କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ କେନ୍ଦୁଝରରେ ୫ଟି ସ୍ଥାନରେ ପ୍ରତିଭା ଅନ୍ୱେଷଣ ଶିବିର ଅନୁଷ୍ଠିତ

କେନ୍ଦୁଝର, ୧୮/୩ (ନି.ପ୍ର): କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ଆଜି କେନ୍ଦୁଝର ଜିଲ୍ଲାର ୫ଟି ପ୍ରମୁଖ କେନ୍ଦ୍ରରେ 'ବ୍ଲକସ୍ତରୀୟ ତଥା ମଣ୍ଡଳସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ-୨୦୨୬' ସଫଳତାର ସହ ଆୟୋଜିତ ହୋଇଯାଇଛି। ଜିଲ୍ଲାର କୋଣ ଅନୁକୋଣରେ ଲୁଚି ରହିଥିବା କ୍ରୀଡ଼ା ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚୟନ ଶିବିର ଆୟୋଜନ କରାଯାଇଛି। କେନ୍ଦୁଝରଗଡସ୍ଥିତ ଡି.ଡି. ସ୍ପୋର୍ଟସ କମ୍ପ୍ଲେକ୍ସ, ହରିଚନ୍ଦନପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ସାହାରପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ, ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟ ଏବଂ ତେଲକୋଇ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଏହି ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟତଃ ଆଥଲେଟିକ୍ସ, ଖୋ-ଖୋ ଏବଂ ଭଲିବଲ୍ ଭଳି କ୍ରୀଡ଼ା ଶୃଙ୍ଖଳାରେ ପ୍ରତିଭା ଚୟନ କରାଯାଇଛି। ୮ରୁ ୧୪ ବର୍ଷ ବୟସ୍କ ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ବେଶ୍ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ସକାଳ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶତାଧିକ କ୍ରୀଡ଼ାବିତ୍ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ସ୍ଥାନୀୟ କ୍ରୀଡ଼ା ଶିକ୍ଷକ ଓ ବିଭାଗୀୟ ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛ ଭାବେ ଏହି ଚୟନ ପ୍ରକ୍ରିୟା ସମାପ୍ତ ହୋଇଛି। ରାଜ୍ୟ ସରକାରଙ୍କ ଏହି ଅଭିନବ ପ୍ରୟାସ ଦ୍ୱାରା କେନ୍ଦୁଝର ଜିଲ୍ଲାର ଗ୍ରାମାଂଚଳରୁ ଆଗାମୀ ଦିନରେ ଅନେକ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର କ୍ରୀଡ଼ାବିତ୍ ସୃଷ୍ଟି ହୋଇପାରିବେ ବୋଲି ଶ୍ରୀ ସରୋଜ କୁମାର ମଲ୍ଲିକ ଆଶା ପ୍ରକାଶ କରିଛନ୍ତି।


**OFFICE OF THE SORO MUNICIPALITY, SORO, BALASORE.**

No.- 947 Date- 12.03.2026

**"e" Procurement Notice**

BID Identification No. **SOROM_08_2025-26.**

Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Government website i.e. www.tendersodisha.gov.in

| | | |
|---|---|---|
| 1. | Name of the Work | Construction of Civil work as mentioned in DTCN |
| 2. | No. of works | 9 nos. |
| 3. | Estimated Cost | As per Work List |
| 4. | Period of Completion | 30 days. |
| 5. | Date &Time of availability of Bid documents in the Portal | 16.03.26 at 10.00 A.M. to 24.03.26 up to 5.00P.M. |
| 6. | Last date & time for receipt of bids in the portal | 24.03.2026 up to 05:00 P.M. |
| 7. | Bid received online shall be opened on | 25.03.2026 at 10:00 A.M. |
| 8. | Name and address of the officer inviting Bid | Executive Officer, Soro Municipality |

Further details can be seen from the procurement portal i.e. www.tendersodisha.gov.in

OIPR : 13001/693/2526

**Executive Officer**
**Sore Municipality**

୧୯ ମାର୍ଚ୍ଚ ୨୦୨୬, ଗୁରୁବାର

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ସମ୍ବଲପୁରରେ ମନ୍ଦିର ଚୋରି ମାମଲାରେ ଦ୍ରୁତ ବିଚାର: ଅଭିଯୁକ୍ତଙ୍କୁ ୨ ବର୍ଷ କାରାଦଣ୍ଡ

ଭୁବନେଶ୍ୱର, ୧୮/୩ (ନି.ପ୍ର): ଏକ ମନ୍ଦିର ମୂର୍ତ୍ତି ଚୋରି ସମ୍ବନ୍ଧୀୟ ମାମଲାରେ ଦ୍ରୁତ ବିଚାର କରି ସମ୍ବଲପୁର ଜିଲ୍ଲାର ସମ୍ବଲପୁର ଏସଡିଜେଏମ ଅଦାଲତ ଅଭିଯୁକ୍ତ ରଜନୀକାନ୍ତ ଭୈଁସାଲ ଓରଫ ମୋନୁକୁ ଭାରତୀୟ ନ୍ୟାୟ ସଂହିତା ର ଧାରା ୩୩୧(୩)/୩୦୫(ଡି) ଅନୁଯାୟୀ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ କାରାଦଣ୍ଡ ସହିତ ୧,୦୦୦ ଟଙ୍କା ଜରିମାନାର ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ୨୮ ଦିନ ମଧ୍ୟରେ ତଦନ୍ତରୁ ଦଣ୍ଡାଦେଶ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପ୍ରକ୍ରିୟା ସମାପ୍ତ ହେବା ଭାରତୀୟ ନୂତନ ଆଇନର ସଫଳ କାର୍ଯ୍ୟକାରିତାର ଏକ ଉଲ୍ଲେଖନୀୟ ଉଦାହରଣ। ମାମଲାର ବିବରଣୀ ଅନୁଯାୟୀ, ୨୦୨୬ ମସିହା ଫେବୃୟାରୀ ୧୭ ତାରିଖରେ ସମ୍ବଲପୁର ଟାଉନ୍ ଥାନା ଅଧୀନ ସୋମନାଥ ବାବା ମନ୍ଦିର, ବାଲିବନ୍ଧରୁ ପ୍ରାୟ ୨ କିଲୋ ଓଜନର ପିତଳର ଗଣେଶ ମୂର୍ତ୍ତି ଚୋରି ହୋଇଥିବା ସମ୍ପର୍କରେ ମନ୍ଦିର ଟ୍ରଷ୍ଟି ଲୋକନାଥ ପାଣ୍ଡେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ସମ୍ବଲପୁର ପୋଲିସ ତ୍ୱରିତ ତଦନ୍ତ କରି ୨୦ ଫେବୃଆରୀରେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରି ହୋଇଥିବା ମୂର୍ତ୍ତିକୁ ଉଦ୍ଧାର କରିଥିଲେ। ମାତ୍ର ୧୧ ଦିନ ମଧ୍ୟରେ ଅର୍ଥାତ ୨୭ ଫେବୃଆରୀରେ ଚାର୍ଜଶିଟ୍ ଦାଖଲ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ନୂତନ ଭାରତୀୟ ଆଇନ କାର୍ଯ୍ୟକାରୀ ହେବା ପରେ ଅପରାଧ ମାମଲାରେ ତ୍ୱରିତ ତଦନ୍ତ ଓ ବିଚାର ପ୍ରକ୍ରିୟା ଗତିଶୀଳ ହୋଇ ଦଣ୍ଡାଦେଶ ହାର ବୃଦ୍ଧି ପାଉଛି। ସମ୍ବଲପୁର ପୋଲିସଙ୍କ ଏହି ସଫଳତା ଆଇନ-ଶୃଙ୍ଖଳା ପ୍ରତି ସେମାନଙ୍କର ଦୃଢ଼ ପ୍ରତିବଦ୍ଧତାର ଏକ ସ୍ପଷ୍ଟ ପ୍ରମାଣ। ଦ୍ରୁତ ତଦନ୍ତ ଓ କମ ସମୟ ମଧ୍ୟରେ ଦୋଷୀ ସାବ୍ୟସ୍ତ ହାର ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଥିବାରୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ ଏସପି, ସମ୍ବଲପୁର ଓ ତଦନ୍ତକାରୀ ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଆଦିବାସୀ ମହିଳାଙ୍କ ଅଭିଯୋଗ: ଆଧାରକାର୍ଡ଼ରେ ତ୍ରୁଟି ଦର୍ଶାଇ ଚାଉଳ ବନ୍ଦ କରିଦେଲେ ସରକାରୀ ବାବୁ



ଉଦଳା, ୧୮/୩ (ନି.ପ୍ର): ଯେ ହେଉଛି ଖୁଂଟା ବ୍ଲକ ଅନ୍ତର୍ଗତ କରକଚିଆ ପଂଚାୟତର ନୂଆସାହିର ଦୃଶ୍ୟ । ଏହି ଗ୍ରାମରେ ବାସ କରୁଥିବା ବିକାଶ ସିଂଙ୍କ ସହଧର୍ମିଣୀ ଗୀତା ସିଂ ଆଜକୁ ଗୋଟିଏ ବର୍ଷ ଧରି ଖାଦ୍ୟ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଚାଉଳ ପାଇପାରୁନଥିବାର ଜଣାଇଛନ୍ତି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା 'ଗୀତା' ଏଥିପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର କହିଛନ୍ତି । ତେବେ ଚାଉଳ ବନ୍ଦ ହେବାର କାରଣ ସମ୍ପର୍କରେ ପଚାରିବାରୁ 'ଗୀତା' କହିଲେ ମୋର ବାପ ଘର ଏହି ଖୁଂଟା ବ୍ଲକର ଡ଼େଙ୍ଗାମ ପଂଚାୟତ ଅନ୍ତର୍ଗତ ମାଝିସାହିରେ । ଏଠାରେ ମୁଁ ପାଠ ପଢୁଥିବା ସମୟରେ ବିଦ୍ୟାଳୟ ପ୍ରମାଣପତ୍ରରେ ମୋର ନାମ 'ଗୀତା ରାଣୀ ହୋ' ଲେଖାଯାଇଛି । କିନ୍ତୁ ଆଧାର କାର୍ଡ଼ରେ ମୋର ନାମ ଟିକୁ 'ଗୀତା ହୋ' ବୋଲି ଉଲ୍ଲେଖ ରହିଛି । ଏହାପରେ ମୁଁ କରକଚିଆ ପଂଚାୟତ ଅନ୍ତର୍ଗତ ନୁଆସାହିର ବିକାଶ ସିଂଙ୍କୁ ବିବାହ କଲି । ଶାଶୁଘର ଠିକଣାରେ ଚାଉଳ ପାଇବାକୁ ଚାହିଁବାରୁ ମୋର ଆଧାର କାର୍ଡ଼ ସଂଶୋଧନ କରାଗଲା । ଏବେ ଆଧାର କାର୍ଡ଼ରେ ମୋର ସ୍ୱାମୀଙ୍କ ସାଇଁଗା ଅନୁସାରେ ମୋର ନାମ 'ଗୀତା ସିଂ' ଲେଖା ହେଲା । କିନ୍ତୁ ଏହାକୁ ତ୍ରୁଟି ଦର୍ଶାଇ ସରକାରୀ ବାବୁ ମାନେ ଆଜକୁ ଗୋଟିଏ ବର୍ଷ ଧରି ମୋତେ ଚାଉଳ ବନ୍ଦ କରିଦେଇଥିବାର 'ଗୀତା' ଅଭିଯୋଗ କରିଛନ୍ତି । ଉକ୍ତ ଘଟଣାକୁ କେନ୍ଦ୍ର କରି କେତେକ ବୟସ୍କ ଲୋକ କହିଛନ୍ତି , ବାପା କିମ୍ବା ସ୍ୱାମୀ କାହାରି ସାଇଁଗା ବ୍ୟବହାର ନକରି ଜଣେ ମହିଳା ଦେଶର ପ୍ରଧାନମନ୍ତ୍ରୀ ହୋଇ ପାରିଲେ, ତାଙ୍କର କିଛି ଅସୁବିଧା ହେଲା ନାହିଁ, ଅଥଚ ଜଣେ ଆଦିବାସୀ ମହିଳା ସ୍ୱାମୀଙ୍କ ସାଇଁଗା ବ୍ୟବହାର କରି ଏତେ ଅପରାଧ କରିପକାଇଲା ଯେ ତାକୁ ଖାଦ୍ୟ ସୁରକ୍ଷାରୁ ବାଦ ଦିଆଗଲା । ଏହା କିପ୍ରକାର ବିଚାର ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ବିଭାଗୀୟ କର୍ତୃପକ୍ଷ ତୁରନ୍ତ ଉକ୍ତ ଘଟଣାରେ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

## ରଜନୀକାନ୍ତ ପାଢ଼ୀଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କଲା କଂଗ୍ରେସ

ଭୁବନେଶ୍ୱର, ୧୮/୩ (ନି.ପ୍ର): ଗଞ୍ଜାମ ପଶ୍ଚିମ ସାଂଗଠନିକ ଜିଲ୍ଲା ଅନ୍ତର୍ଗତ ଗତ ନିର୍ବାଚନରେ ହିଞ୍ଜିଳିକାଟୁ ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇଥିବା ଶ୍ରୀ ରଜନୀକାନ୍ତ ପାଢ଼ୀଙ୍କ କଂଗ୍ରେସ ଦଳରୁ ନିଲମ୍ବନ ଆଦେଶ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତ ଚରଣ ଦାସଙ୍କ ଅନୁମୋଦନ କ୍ରମେ ପ୍ରତ୍ୟାହୃତ କରାଗଲା। ସେ ପୂର୍ବଭଳି କଂଗ୍ରେସ ଦଳର ସାଂଗଠନିକ ପ୍ରକ୍ରିୟାରେ ନିଜର ଯୋଗଦାନ କରିବେ। ଓଡ଼ିଶା ପ୍ରଦେଶ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟି ଅଧକ୍ଷ ସୁଜୀତ୍ ପାଢ଼ୀ ଏହି ସୂଚନା ଦେଇଛନ୍ତି।

# ସରକାରୀ ହସ୍ପିଟାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ସମୀକ୍ଷା

## ଅଗ୍ନି ସୁରକ୍ଷା ନିରୀକ୍ଷକ ହେବେ ନିଯୁକ୍ତି




ବାରିପଦା, ୧୮/୩ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ଥିବା ସମସ୍ତ ସରକାରୀ ହସ୍ପିଟାଲ ଓ ଅନ୍ୟାନ୍ୟ ସଂସ୍ଥାନଗୁଡ଼ିକରେ ଅଗ୍ନି ନିରୋଧ ଓ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଜି ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ୍ ଙ୍କ ଅଧକ୍ଷତାରେ ଓସ୍ୱାନ୍ ପ୍ଲାଟଫର୍ମ ମାଧ୍ୟମରେ ଆଭାସୀ ବୈଠକ ଅନୁଷ୍ଠିତ ହୋଇଛି । ଉକ୍ତ ବୈଠକରେ ଜିଲ୍ଲାରେ ଥିବା ସମସ୍ତ ସରକାରୀ ହସ୍ପିଟାଲ ଓ ଅନ୍ୟ ସଂସ୍ଥାନଗୁଡ଼ିକରେ ଅଗ୍ନିକାଣ୍ଡ ପ୍ରତିରୋଧ ପାଇଁ ଆବଶ୍ୟକ ଭିତ୍ତିଭୂମି, ପୂର୍ବପ୍ରସ୍ତୁତି, ଅଗ୍ନି ସୁରକ୍ଷା ନିୟମାବଳୀର କଠୋର ପାଳନ, ଫାୟାର ସେଫ୍ଟି ଅଡିଟ୍‌ର ନିୟମିତ ପରିଚାଳନା, ଫାୟାର ଫାଇଟିଂ ଉପକରଣର ସଠିକ୍ ସ୍ଥାପନ ଓ ରକ୍ଷଣାବେକ୍ଷଣ, ବିଦ୍ୟୁତ୍ ସୁରକ୍ଷା, ଜଳ ଯୋଗାଣ ବ୍ୟବସ୍ଥା, ଏବଂ ଆପାତକାଳୀନ ସ୍ଥିତିରେ ତ୍ୱରିତ ଓ ସମନ୍ୱିତ କାର୍ଯ୍ୟପନ୍ଥା ଅବଲମ୍ବନ ଉପରେ ବିସ୍ତୃତ ଆଲୋଚନା ହୋଇଛି । ଜିଲ୍ଲାପାଳ ଶ୍ରୀ ସୟ୍ ସମସ୍ତ ସମ୍ପର୍କିତ ବିଭାଗକୁ ସଂପୃକ୍ତ ସଂସ୍ଥାନଗୁଡିକରେ ଅଗ୍ନି ସୁରକ୍ଷା ମାନର ସୂଚାରୁ ରୂପେ ପାଳନ କରିବା, ସମୟ ସମୟରେ ନିରୀକ୍ଷଣ କରିବା, ମକ୍ ଡ୍ରିଲ୍ ଆୟୋଜନ କରିବା ସହିତ ସମସ୍ତ କର୍ମଚାରୀଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ସମସ୍ତ ସରକାରୀ ହସ୍ପିଟାଲ ଓ ସଂସ୍ଥାନଗୁଡ଼ିକରେ ଅଗ୍ନି ସୁରକ୍ଷା ବ୍ୟବସ୍ଥାକୁ ଆହୁରି ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେବା ସହ ଅଗ୍ନି ସୁରକ୍ଷା ନିରୀକ୍ଷକ ନିଯୁକ୍ତି ଦେବାକୁ ମଧ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ଜିଲ୍ଲାର ସମସ୍ତ ଉପ-ଜିଲ୍ଲାପାଳ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ , ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ, ସମସ୍ତ ଉପଖଣ୍ଡ-ଜିଲ୍ଲା ଚିକିତ୍ସା ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସଡ଼କ ଓ ଭବନ ଏବଂ ଗ୍ରାମୀଣ ଉନ୍ନୟନ ବିଭାଗର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟରମାନେ, ଟିପିଏନ୍‌ଓଡିଏଲ୍ ର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର, ୱାଟକୋ ର ଜେନେରାଲ୍ ମ୍ୟାନେଜର ଓ ସହାୟକ ଅଗ୍ନି ଅଧିକାରୀ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ଏବଂ ନିକଟସ୍ଥ ବ୍ଲକ୍ ମୁଖ୍ୟ କାର୍ଯ୍ୟାଳୟ ଓସ୍ୱାନ ହଲ୍‌ରୁ ଯୋଗଦେଇଥିଲେ।

# ଟ୍ୟୁସନରେ ମାତିଛନ୍ତି ସରକାରୀ ବିଦ୍ୟାଳୟର ଶିକ୍ଷକ: ଦୀର୍ଘଦିନ ରହିବା ପରେ ହେଉନି ଅନ୍ୟତ୍ର ବଦଳି

ବାଲିଆପାଳ , ୧୮/୩ (ନି.ପ୍ର): ବାଲିଆପାଳରାଜ୍ୟରେ ଶିକ୍ଷାର ଉନ୍ନତି ପାଇଁ ସରକାର ବିଭିନ୍ନ ଦିଗରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଥିବାବେଳେ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦାୟିତ୍ୱହୀନତା ପାଇଁ ଗ୍ରାମାଞ୍ଚଳରେ ଶିକ୍ଷକମାନେ ଦୀର୍ଘଦିନ ଧରି ବିଦ୍ୟାଳୟରେ ରହିବା ସହିତ ଟ୍ୟୁସନ କରି ପିଲାଙ୍କ ଗାର୍ଡିଆନଠାରୁ ଲକ୍ଷାଧିକ ଟଙ୍କା ନେଉଥିବା ଘଟଣା ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକରୁ ଦେଖିବାକୁ ମିଳୁଛି । ସେହିପରି ଟ୍ୟୁସନ ହେଉ ନଥିବା ପିଲା ପ୍ରତି ବିଦ୍ୟାଳୟରେ ଶିକ୍ଷକମାନେ ଆଦୌ ଗୁରୁତ୍ୱ ଦେଉ ନଥିବାରୁ ସେମାନେ ବାଧହୋଇ ଅଧାରୁ ପାଠପଢ଼ା ଛାଡୁଛନ୍ତି । ସରକାରଙ୍କ ତରଫରୁ ପିଲାମାନଙ୍କୁ ବିଦ୍ୟାଳୟକୁ ଆସିବା ପାଇଁ ବହି, ଡ୍ରେସ, ଜୋତା, ରନ୍ଧାଖାଦ୍ୟଠାରୁ ଷ୍ଟାଇପେଣ୍ଡ ପର୍ଯ୍ୟନ୍ତ ଅନେକ ସୁବିଧା ଯୋଗାଇ ଦେଉଥିବାବେଳେ ସବୁଥିରେ ଅର୍ଥ ବାଟମାରଣା ହେଉଥିବାର ଶୁଣିବାକୁ ମିଳୁଛି । ଘରେପିଲାମାନେ ମାଛ, ମାଂସ ଓ ଅଣ୍ଡା ସାଙ୍ଗକୁ ବିଭିନ୍ନ ପ୍ରକାର ତରକାରୀ ଦେଇ ଭାତ ଖାଉଥିବାବେଳେ ବିଦ୍ୟାଳୟରେ ପିଲାଙ୍କୁ ଦ୍ୱିପହରରେ ମିଳୁଥିବା ରନ୍ଧାଖାଦ୍ୟ ଭାତ ସାଙ୍ଗକୁ ପାଣିଆ ଡାଲିରେ ପିଲାଙ୍କ ପେଟ ପୂରୁ ନଥିବାରୁ ଅଣଶିକ୍ଷକମାନେ ଟ୍ୟୁସନ ଓ ବିଦ୍ୟାଳୟରେ ପିଲାଙ୍କ ପାଇଁ ଆସୁଥିବା ସମସ୍ତ ସୁବିଧାରୁ ଭାଗ ବସାଇ ମାସକୁ ଦରମାଠାରୁ ଦୁଇଗୁଣା ଅର୍ଥ କମାଉଥିବା ଶୁଣିବାକୁ ମିଳୁଛି । ଯାହାଫଳରେ ଅଧିକାଂଶ ପରିବାରବର୍ଗ ପିଲାଙ୍କୁ ସରକାରୀ ସ୍କୁଲକୁ ପିଲାଙ୍କୁ ନପଠାଇ ଶେଷରେ ପ୍ରାଇଭେଟ ସ୍କୁଲରେ ପଢ଼ାଇବା ପାଇଁ ମନ ବଳାଉଛନ୍ତି । ସେଠାରେ ଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ୮/୧୦ ହଜାର ଟଙ୍କା ଦରମାରେ ପିଲାମାନଙ୍କର ଆଦର ଯତ୍ନ ନେବା ସହିତ ଗୁରୁଜନମାନଙ୍କୁ ଭକ୍ତି, ପ୍ରାର୍ଥନା, ପାଠପଢ଼ା, ଡ୍ରେସ,ଖେଳ ଓ ନାଚଗୀତ ସାଙ୍ଗକୁ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ପିଲାମାନଙ୍କର ମନୋବଳ ବଢ଼ାଇ ପାରୁଥିବାରୁ ପ୍ରତ୍ୟେକ ଗାର୍ଡିଆନ ପିଲାଙ୍କ ଭବିଷ୍ୟତ ପାଇଁ ଅର୍ଥ ଖର୍ଚ୍ଚ କରିବାକୁ ପଛାଉ ନାହାନ୍ତି । ଦିନକୁ ଦିନ ପ୍ରାଇଭେଟ ସ୍କୁଲରେ ପିଲାସଂଖ୍ୟା ବଢୁଥିବାରୁ ସରକାରୀ ସ୍କୁଲରେ ଆଉ ଆଗଭଳି ପିଲାସଂଖ୍ୟା ଦେଖିବାକୁ ମିଳୁନାହିଁ । ତା'ଛଡା ପୂର୍ବତନ ମୁଖ୍ୟମନ୍ତ୍ରୀ ସରକାରୀ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ, କଲେଜର ଅଧାପକ, ଅଧାପିକାମାନେ ଘରୋଇ ଟ୍ୟୁସନ କରିପାରିବେ ନାହିଁ ଏଥିପାଇଁ କଡ଼ା ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟରେ ଶିକ୍ଷିତ ବେକାର ଯୁବକ, ଯୁବତୀ ସଂଖ୍ୟା ଅନେକ ଥିବାରୁ ସେମାନେ ଆପାତତଃ ଟିଉସନ କରି ପରିବାରବର୍ଗଙ୍କୁ ପୋଷିପାରିବେ । ସେହିପରି ସରକାରୀ ନୀତିନିୟମ ଖୁବ୍ ପ୍ରଶଂସନୀୟ କିନ୍ତୁ ଏହି ନିୟମ ଖାଲି କାଗଜ କଲମରେ ସୀମିତ ରହୁଥିବାରୁ ତଦନ୍ତ ହେଉନାହିଁ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ସେଥିପାଇଁ ସରକାରଙ୍କ ନୀତି ନିୟମକୁ ସାଧାରଣ ଲୋକେ କଡ଼ା ସମାଲୋଚନା କରୁଛନ୍ତି । ବର୍ତ୍ତମାନର ନୂତନ ସରକାର ଆସିବା ପରେ ଶିକ୍ଷାନୀତିରେ ବିଭିନ୍ନ ଦିଗରେ ସୁଧାର ଆଣିବା ସହିତ ଅମାନିଆ ଶିକ୍ଷକମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେଲେ ବିଦ୍ୟାଳୟରେ ଆଗଭଳି ପାଠପଢ଼ା ହେବା ସହିତ ଉନ୍ନତ ମାନର ପିଲା ସୃଷ୍ଟି ହୋଇପାରନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି ।

# ଗେଡିଆପଲ୍ଲୀରେ 'ଜଳ ଅର୍ପଣ ଦିବସ' ଓ 'ଜଳ ମହୋତ୍ସବ' ଅନୁଷ୍ଠିତ: ପାନୀୟ ଜଳର ସୁରକ୍ଷା ପାଇଁ ଗ୍ରାମବାସୀଙ୍କ ସଂକଳ୍ପ

ବୋଲଗଡ଼, ୧୮/୩ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ଗେଡିଆପଲ୍ଲୀ ଗ୍ରାମ ପଞ୍ଚାୟତ ପରିସରରେ ଆଜି ମହାସମାରୋହରେ 'ଜଳ ଅର୍ପଣ ଦିବସ' ଏବଂ 'ଜଳ ମହୋତ୍ସବ' ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଭବ୍ୟ କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ ଶ୍ରୀ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଳ ସଂରକ୍ଷଣର ଗୁରୁତ୍ୱ ଏବଂ ଆଗାମୀ ପିଢ଼ି ପାଇଁ ଏହାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଖୋର୍ଦ୍ଧା ଜିଲ୍ଲା ପରିଷଦର ସିଡିଓ ଶ୍ରୀ ଜ୍ୟୋତିଶଙ୍କର ସାହୁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶ୍ରୀ ଗୋପୀନାଥ ମହାରଣା ଏବଂ ଜୋନ୍-୨୬ ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ପ୍ରଦୀପ୍ତ କିଶୋର ଛୋଟରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୋଭା ବଢ଼ାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୋଲଗଡ଼ ବ୍ଲକ ଅଧକ୍ଷା ଶ୍ରୀମତୀ ହୁଲାସ ପ୍ରଧାନ, ଉପ-ଅଧକ୍ଷ ଶ୍ରୀ ରମେଶ ଚନ୍ଦ୍ର ସାହୁ, ବୋଲଗଡ଼ ବିଡିଓ ଶ୍ରୀମତୀ ସୁମନ ସୁଧା କୁଣ୍ଡୁ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ ରଶ୍ମିତା ଦାଶ, ସ୍ଥାନୀୟ ସରପଞ୍ଚ ଶ୍ରୀମତୀ କବିତା ମଞ୍ଜରୀ ତ୍ରିପାଠୀ ଏବଂ ସମିତି ସଭ୍ୟ ଶ୍ରୀ ରଞ୍ଜନ ପଣ୍ଡା ପ୍ରମୁଖ ଏହି ଉତ୍ସବରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ସକାଳୁ ଏକ ସଚେତନତା ଶୋଭାଯାତ୍ରା ବା 'ପ୍ରଭାତ ଫେରି' ମାଧ୍ୟମରେ ସାଧାରଣ ଲୋକଙ୍କୁ ବିଭିନ୍ନ ଜନକଲ୍ୟାଣକାରୀ ସରକାରୀ ଯୋଜନା ବିଷୟରେ ଅବଗତ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ରିବନ୍ କଟାଯିବା ସହ 'ଜଳ ବନ୍ଧନ' ଓ 'ଜଳ ଅର୍ପଣ' ଭଳି ପାରମ୍ପରିକ ରୀତିନୀତି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପାନୀୟ ଜଳର ସୁରକ୍ଷା, ସଂରକ୍ଷଣ ଏବଂ ଏହାର ଅପବ୍ୟବହାର ରୋକିବା ପାଇଁ ଉପସ୍ଥିତ ସମସ୍ତ ଜନସାଧାରଣ ସମୂହ ଶପଥ ଗ୍ରହଣ କରିଥିଲେ। ଶେଷରେ ସରପଞ୍ଚ ଉପସ୍ଥିତ ସମସ୍ତ ଅତିଥି ଓ ଗ୍ରାମବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସେବାନିବୃତ ଅନ୍ତ ନୁହେଁ, ନୂଆ ଦାୟିତ୍ୱର ଆରମ୍ଭ: ରାଧାକୃଷ୍ଣନ

ନୂଆଦିଲ୍ଲୀ, ୧୮/୩ (ନି.ପ୍ର): ରାଜ୍ୟସଭାର ସଭାପତି ସି.ପି. ରାଧାକୃଷ୍ଣନ ଆଗାମୀ ଅପ୍ରେଲରୁ ଜୁଲାଇ ମଧ୍ୟରେ ନିଜର କାର୍ଯ୍ୟକାଳ ପୂରା କରି ସେବାନିବୃତ୍ତ ହେଉଥିବା ୫୯ ସାଂସଦଙ୍କୁ ବିଦାୟ ଦେଇ କହିଛନ୍ତି ଯେ ସେବାନିବୃତ୍ତିକୁ ଅନ୍ତ ନୁହେଁ, ପରନ୍ତୁ ନୂଆ ଭୂମିକା ଏବଂ ଦାୟିତ୍ୱର ଆରମ୍ଭ ରୂପେ ଦେଖିବା ଦରକାର। ସଭାପତି ନିଜ ସମ୍ବୋଧନରେ କହିଛନ୍ତି ଯେ ସମ୍ବିଧାନର ପ୍ରାବଧାନ ଅନୁଯାୟୀ ପ୍ରତି ଦୁଇବର୍ଷରେ ଗୃହର ଏକ ତୃତୀୟାଂଶ ସଦସ୍ୟ ସେବାନିବୃତ୍ତ ହୁଅନ୍ତି, ଯେଉଁଥିରେ ସଦନର କାର୍ଯ୍ୟପ୍ରଣାଳୀରେ ନିରନ୍ତରତା ରହେ ଏବଂ ନୂଆ ଗୃହକୁ ନିଜର ବିଚାର ରଖିବାର ଅବସର ମିଳେ। ସେ କହିଛନ୍ତି ଯେ ସେବାନିବୃତ୍ତି ଏକ ସ୍ୱାଭାବିକ ପ୍ରକ୍ରିୟା ଅଟେ, ଯାହା ଅନୁଭବ ଏବଂ ନୂଆ ଶକ୍ତିର ସନ୍ତୁଳନକୁ ବନାଇ ରଖେ। ସେବାନିବୃତ୍ତି ଅନ୍ତ ନୁହେଁ, ପରନ୍ତୁ ନୂଆ ଦାୟିତ୍ୱର ଆରମ୍ଭ। ଏହି ପରମ୍ପରା ନୂଆ ସଦସ୍ୟଙ୍କୁ ଅବସର ଦେବା ସହିତ ଅନୁଭବୀ ସଦସ୍ୟଙ୍କ ମାର୍ଗଦର୍ଶନକୁ ମଧ ବନାଇ ରଖିବ। ସେବାନିବୃତ୍ତ ସଦସ୍ୟ ନିଜ ଅନୁଭବ ଏବଂ ଜ୍ଞାନ ମାଧ୍ୟମରେ ଆଗକୁ ମଧ ସାର୍ବଜନିକ ଜୀବନରେ ଯୋଗଦାନ ଦେବେ। ବିଦାଇ ଭାଷଣରେ ସଭାପତି ପୂର୍ବ ପ୍ରଧାନମନ୍ତ୍ରୀ ଏଚ୍‌ଡି ଦେବେଗୌଡ଼ାଙ୍କ ଯୋଗଦାନର ବିଶେଷ ଉଲ୍ଲେଖ କରି କହିଛନ୍ତି ଯେ ସେ କୃଷକ ଏବଂ ଗ୍ରାମୀଣ ଭାରତ ସହିତ ଯୋଡ଼ିଥିବା ବିଷୟକୁ ପ୍ରଭାବୀ ଢଙ୍ଗରେ ସଦନରେ ଉଠାଇଛନ୍ତି।

# ବସ୍ତା ଷ୍ଟେସନରେ ଇଷ୍ଟକୋଷ୍ଟ ଏକ୍ସପ୍ରେସ ରହଣିକୁ ସ୍ୱାଗତ କରି ସମାବେଶ




ବସ୍ତା, ୧୮/୩ (ନି.ପ୍ର): ବସ୍ତା ରେଳ ଷ୍ଟେସନରେ ଅପ ଓ ଡାଉନ ଇଷ୍ଟ କୋଷ୍ଟ ଏକ୍ସପ୍ରେସ ଟ୍ରେନ ଆଜି ଠାରୁ ରହଣି କରିବାରୁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଏହି ପରିପ୍ରେକ୍ଷୀରେ ବିଜେପି,ଝାଡ଼ଖଣ୍ଡ ସମର୍ଥକ, ବସ୍ତା ଓ ଆଖ ପାଖ ଅଞ୍ଚଳ ଲୋକଙ୍କର ଏକ ସମାବେଶ ଷ୍ଟେସନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ଜନ ସମାଗମ ହୋଇଥିଲା। ଟ୍ରେନ ପହଁଚିବା କ୍ଷଣି ଉଲ୍ଲସିତ ଜନତା ଏହି ଟ୍ରେନର ପାଇଲଟ ଓ ଗାର୍ଡଙ୍କୁ ଫୁଲମାଳ ଦେଇ, ମିଠା ଖୁଆଇ ସ୍ୱାଗତ କରିଥିଲେ ଏବଂ ସ୍ଲୋଗାନ ଦେଇଥିଲେ। ଏହି କ୍ରମରେ କେତେକ ବ୍ୟକ୍ତି ଟିକଟ କ୍ରୟ କରି ଉକ୍ତ ଟ୍ରେନରେ ବିଭିନ୍ନ ଅଞ୍ଚଳକୁ ଯାତ୍ରା କରିଥିଲେ। ଷ୍ଟେସନ ମ୍ୟାନେଜର ହରିହର ନାୟକ, ରେଳ ସୁରକ୍ଷା ବଳ ନିରୀକ୍ଷକ ହରେନ୍ଦ୍ର କୁମାର ଗୁପ୍ତା, ରେଳ କର୍ମଚାରୀ, ବିଜେପି,ଝାଡ଼ଖଣ୍ଡର ନେତୃବୃନ୍ଦ,ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ଏହି ଟ୍ରେନ ରହଣିର ସଫଳତା ପାଇଁ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ପ୍ରମୁଖଙ୍କ ଉଦ୍ୟମକୁ ଧନ୍ୟବାଦ ଦିଆଯାଇଥିଲା।

# ମିତ୍ରପୁର ସ୍ୱର୍ଣ୍ଣଚୁଡ ମହାବିଦ୍ୟାଳୟର ନିର୍ମାଣକାର୍ଯ୍ୟରେ ଅନିୟମିତତା: ଅଡିଟ ରିପୋର୍ଟ ଖୋଲିଲା ଗୁମର

ନୀଳଗିରି , ୧୮/୩ (ନି.ପ୍ର): ମିତ୍ରପୁରସ୍ଥିତ ସ୍ୱର୍ଣ୍ଣଚୁଡ କଲେଜର ୨୦୨୧/୨୨ଆର୍ଥିକବର୍ଷରେ ଏକ ପୁରୁଣାବିଲ୍ଡିଙ୍ଗର ନୂତନର ଛାତ ଢ଼ଳେଇ ପାଇଁ ୯ଲକ୍ଷ ୭୩ହାଜର ୮ଶହ ଟଙ୍କା ଅନୁଦାନ ଆସିଥିଲା। ମାତ୍ର ସରକାରୀ ନିୟମ ଅନୁଯାୟୀ ୫ଲକ୍ଷରୁ ଉର୍ଦ୍ଧ ଟଙ୍କାର ନିର୍ମାଣପାଇଁ ଟେଣ୍ଡର ଆହ୍ୱାନର ବ୍ୟବସ୍ଥାଥିଲେ ହେଁ ଏହାକୁ ଉଲ୍ଲଂଘନ କରାଯାଇ ବିଭାଗୀୟ କାର୍ଯ୍ୟ ସମ୍ପାଦନ କରାଯାଇଥିବା ଦେଖାଯାଇଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଉପରିସ୍ଥ ଅଧିକାରୀଙ୍କ ମଞ୍ଜୁରୀକୁ ବାଟବଣା କରାଯାଇ ଆବଶ୍ୟକ ନିର୍ମାଣସାମଗ୍ରୀ ଯଥା, ସିମେଣ୍ଟ, ଚିପ୍ସ , ବଜୁରି, ଏମ ଏସ ରଡ ଏବଂ ସେରାମିକ ଟାଇଲ ଆଦିକୁ ଛୋଟଛୋଟ ଭାଗରେ ବିଭକ୍ତକରି ମୋଟ ୧୨ଲକ୍ଷ ୩୭ହାଜର ୨ଶହ ୬୮ଟଙ୍କାରେ କ୍ରୟ କରାଯାଇଥିବା ସହକାରୀ ଅଡିଟ ଅଧିକାରୀ ଦିବାକର ସାହୁ ଗତ ୧୦/୨/୨୬ରେ ମିତ୍ରପୁର କଲେଜ ଅଧକ୍ଷଙ୍କୁ ନୋଟିସକରି କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବାର ରିପୋର୍ଟ ତଲବ କରିଥିବା ଜଣାଯାଇଛି। ଏଭଳି ଘଟଣା ଲୋକଲୋଚନକୁ ଆସିବାପରେ ବାଲେଶ୍ୱର ଜିଲ୍ଲାପାଳ ଏହାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣକରିବାକୁ ସାଧାରଣରେ ଦାବି ହୋଇଛି।

# ବୁଣାକାର ସଚେତନତା ଶିବିର ଅନୁଷ୍ଠିତ




ବାଲେଶ୍ୱର, ୧୮/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ଫତେପୁର ପଞ୍ଚାୟତ ଡ଼ିମିରିଚୁଆ ଠାରେ ବୁଣାକାରଙ୍କର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ବାଲେଶ୍ୱର ବୟନ ଶିକ୍ଷର ଉପ ବନ୍ଧକ ତାରିଣୀ ଛୋଟରାୟ ସଭାପତିତ୍ୱ କରିଥିବା ବେଳେ ଅତିଥି ଭାବେ ତହସିଲଦାର ପ୍ରଜ୍ଞା ପରମିତା, ବିଡ଼ିଓ ସାସ୍ୱତୀ ସୌଦାଲ, ଜିଲ୍ଲା ପରିଷଦ ସୁନି ସିଂ, ବ୍ଲକ ଅଧକ୍ଷ୍ୟା ବିଶି ବିସ୍ୱା ପାତ୍ର,ବୟନ ଶିକ୍ଷ ନିର୍ଦ୍ଦେଶକ ମାନସ ରଞ୍ଜନ ପାଣିଗ୍ରାହୀ, ମିଶନ ଶକ୍ତିର କର୍ମ କର୍ତା ନରେନ୍ଦ୍ର ମାଝୀ ଯୋଗ ଦେଇ ବୁଣାକାର ମାନଙ୍କୁ ବୟନ ଶିକ୍ଷ ଉପରେ ସଚେତନତା କରିବା ସହିତ ଆଗାମୀ ଦିନରେ କେମିତି ରୋଜଗାର ବଢ଼ାଇ ପାରିବ ସେହି ବିଷୟରେ ଆଲୋଚନା କରିଥିଲେ। ଏଥିରେ ଅମ୍ବିକା ତନ୍ତ ବାୟ ସମିତିର ସମ୍ପାଦକ ପ୍ରହଲ୍ଲାଦ ଗାହାଣ, ସଭାପତି ସଦାଶିବ ନାୟକ ସହଯୋଗ କରିଥିଲେ । ଏଥିରେ ୭ ଗୋଟି ତାନ୍ତବାୟ ସମିତିରେ ଶତାଧିକ ବୁଣାକାର ଯୋଗ ଦେଇଥିଲେ ।

# ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଜିଲ୍ଲାପରିଷଦ ବୈଠକ: ଆଗାମୀ ଏପ୍ରିଲ ୬ରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ




ନୀଳଗିରି , ୧୮/୩ (ନି.ପ୍ର):ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଜିଲ୍ଲାପରିଷଦ ବୈଠକ ବର୍ଷିଆନ କମ୍ୟୁନିଷ୍ଟ ନେତା କୈଳାଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ନୀଳଗିରି ସିପିଆଇ କାର୍ଯ୍ୟାଳୟ ବନମାଳୀଭବନ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ରାଜ୍ୟ ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଜୟନ୍ତ କୁମାର ଦାସ, କାର୍ଯ୍ୟକାରୀକମିଟି ସଦସ୍ୟ ନିରଞ୍ଜନ ବାରିକ ଯୋଗଦାନ କରିଥିଲେ । ବୈଠକ ପ୍ରାରମ୍ଭରେ ଜିଲ୍ଲା ସମ୍ପାଦକ ଭାଗବତ ପ୍ରତିହାରୀ ଦିବଙ୍ଗତ ସାଥି ଶ୍ରୀଧର ଜେନା, ପ୍ରତାପ ମହାନ୍ତି ଏବଂ ରାଜ୍ୟସ୍ତରୀୟ ଦିବଙ୍ଗତ ସାଥିଙ୍କ ଉଦେଶ୍ୟରେ ଶୋକପ୍ରସ୍ତାବ ଆଗତ କରିଥିଲେ।ବୈଠକରେ ମୁଖ୍ୟତଃ ବିସ୍ଥାପିତମାନଙ୍କ ସମ୍ପର୍କରେ ଆଲୋଚନା ହୋଇଥିଲା। ରାଜ୍ୟସମ୍ପାଦକ ପ୍ରଶାନ୍ତ ମିଶ୍ର ନୀଳଗିରି କୁଳଡିହା ଅଭୟାରଣ୍ୟ ଚତୁର୍ପାଶ୍ୱରେ ଇକୋ ସେନସେଟିଭ ଜୋନ ମଧ୍ୟରୁ ଜନବସତିକୁ ନହଟେଇବା ପାଇଁ ଏପ୍ରିଲ ୬ତାରିଖ ଦିନ ବିଧାନସଭା ଆଗରେ ବିକ୍ଷୋଭପ୍ରଦର୍ଶନ କରାଯିବାକୁ ସ୍ଥିର ହୋଇଥିଲା। ଆଲୋଚନାରେ ଭାଗନେଇ କାର୍ଯ୍ୟକାରୀକମିଟି ସଦସ୍ୟ ନିରଞ୍ଜନ ବାରିକ ଇକୋ ସେନସିଟିଭ ଜୋନର ପ୍ରଭାବ ସାଧାରଣ ଲୋକଙ୍କପାଇଁ ଅତ୍ୟନ୍ତ ଭୟଙ୍କର ହେବ କାରଣ ରାତିରେ ଆଲୁଅ ଜଳିବ ନାହିଁ, ଏହି ଅଞ୍ଚଳରେ କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇପାରିବ ନାହିଁ। କଳକାରଖାନା ନିର୍ମାଣ ହୋଇପାରିବ ନାହିଁ,ଏପରିକି ରାସ୍ତା, ମନ୍ଦିର, ପୋଲ ଭଳି ଜନକଲ୍ୟାଣ ଅନୁଷ୍ଠାନମାନ ହୋଇ ପାରିବନାହିଁ। ବଣ୍ୟଜନ୍ତୁଙ୍କ ଅବାଧ ପ୍ରଚଳନର ବ୍ୟବସ୍ଥା ଇକୋ ସେନସିଟିଭ ଜୋନ ମଧ୍ୟରେ ଥିବାରୁ ଚାଷୀମାନେ ଚାଷକରିବା ସମ୍ଭବନୁହେଁ । ଫଳରେ ଲକ୍ଷାଧିକଲୋକ ଆପଣା ଛାଏଁ ବିସ୍ଥାପିତ ହେବାକୁ ବାଧହେବେ। ଅନୁରୂପ ଭାବେ ମାର୍ଚ୍ଚ ୩୦ତାରିଖ ଦିନ ନୀଳଗିରି ବଉଳଗଡିଆ ରାସ୍ତାର ପୁନଃ ନିର୍ମାଣ ଦାବିକରି ରାସ୍ତାରୋକ ହେବ ବୋଲି ଜୋନ ସମ୍ପାଦକ ବିଜୟ କୁମାର ସ କହିଥିଲେ।ଏହି ବିସ୍ଥାପିତ ଆନ୍ଦୋଳନରେ ଭାଗନେଇଥିବା ଖଇରା ଜୋନରୁ ମାନସ ମହାପାତ୍ର, ଜନ୍ମେଜୟ ଶତପଥି, ଔପଦା ଜୋନରୁ ଅଜୟ ପଟ୍ଟନାୟକ, ଅନିରୁଦ୍ଧ ନାୟକ, ରେମୁଣାଜୋନରୁ ଦେବେନ୍ଦ୍ର ବେହେରା, ପ୍ରଭାବତୀ ଦାସ, ବାହାନଗାରୁ ମହେନ୍ଦ୍ର ମଲିକ, କାର୍ତିକ ତ୍ରିପାଠୀ, ଟାଉନଜୋନ ରୁ ଶ୍ୟାମସୁନ୍ଦର ଜେନା, ସଦର ଜୋନରୁ ଯତୀନ ପାତ୍ର, ବନ୍ଦନା ବିଶ୍ୱାସ, ସୋର ଜୋନରୁ ଶଶୀ କୁମାର ପଣ୍ଡା, ଭାଗବାନ ପଣ୍ଡା, ନୀଳଗିରି ଜୋନର ହରେକୃଷ୍ଣ ପଣ୍ଡିତ, ପ୍ରଭାକର ମହାପାତ୍ର, ରବୀନ୍ଦ୍ର ନାୟକ, ଅରୁଣା ବାରିକ, ଜଗନ୍ନାଥ ଟୁଡୁ, ଗାୟତ୍ରୀ ପଣ୍ଡା, ବାସନ୍ତୀ ନାୟକ, ପ୍ରତାପ ଚନ୍ଦ୍ର ସିଂ, ଗଙ୍ଗାଧର ସିଂ, ସୀତାରକ୍ଷମ ଦାସ, ନିହାର ଜେନା, ନିରଞ୍ଜନ ଜେନା, ଦେବେନ୍ଦ୍ର ବେହେରା, ବିକ୍ରମ ମିଶ୍ର ଙ୍କ ସମେତ ୫୦ରୁ ଉର୍ଦ୍ଧ ଜିଲ୍ଲା ତଥା ଜୋନସ୍ତରୀୟ ସାଥିମାନେ ଉପସ୍ଥିତ ଥିଲେ।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at
Sagarika press, Jail Road, Balasore-756001,
Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida